

ଜାତୀୟ ହକି ଦଳରେ ସୁନେଲିତା

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-335 ◆WEDNESDAY ◆3 JUNE 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୩୫ ◆ବୁଧବାର ◆୩ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ସିବିଏସ୍‌ଇ ପରୀକ୍ଷା ଫଳ କେଳେଙ୍କାରୀ

# ବିଦା ହେଲେ ଅଧ୍ୟକ୍ଷ, ସଚିବ

■ ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ପରୀକ୍ଷାରେ ଅନିୟମିତତା ପାଇଁ କେନ୍ଦ୍ର ସରକାର ଆଜି ସିବିଏସ୍‌ଇ ଅଧ୍ୟକ୍ଷ ରାହୁଲ ସିଂହ ଏବଂ ସଚିବ ହିମାଂଶୁ ଗୁପ୍ତାଙ୍କୁ ସେମାନଙ୍କ ପଦରୁ ହଟାଇ ଦେଇଛନ୍ତି। ଏହାସହିତ ଅନ୍-ସ୍କ୍ରିନ୍ ମାର୍କିଂ (ଓଏସ୍‌ଏମ୍) ସେବା ଯୋଗାଉଥିବା ସଂସ୍ଥା ସଂପର୍କରେ ତଦନ୍ତ ଲାଗି ସରକାର ଏକ କମିଟି ଗଠନ କରିଛନ୍ତି। ପରୀକ୍ଷା ମାର୍କିଂ ବ୍ୟବସ୍ଥାରେ ଅନିୟମିତତା ଓ ତ୍ରୁଟି ଯୋଗୁଁ ଲକ୍ଷ ଲକ୍ଷ ପିଲା ପ୍ରଭାବିତ ହୋଇଥିବା ବେଳେ ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସରକାର ଆଜି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଉଭୟ ରାହୁଲ ସିଂହ ଏବଂ ହିମାଂଶୁ ଗୁପ୍ତା ହେଉଛନ୍ତି ବରିଷ୍ଠ ଆଇଏଏସ୍ ଅଧିକାରୀ ଏବଂ ସେମାନଙ୍କର ତତ୍ତ୍ୱାବଧାନରେ ସିବିଏସ୍‌ଇର ସମସ୍ତ ବ୍ୟବସ୍ଥା ପରିଚାଳିତ ହେଉଥିଲା। ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟ ଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା, ଶିକ୍ଷା ବ୍ୟବସ୍ଥା, ଅନୁବନ୍ଧନ, ନୀତି କ୍ରିୟାନ୍ୱୟନ ଓ ଗୁରୁତ୍ୱପୂର୍ଣ୍ଣ ସଂସ୍କାର କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ସେମାନଙ୍କୁ ନ୍ୟସ୍ତ କରାଯାଇଥିଲା।

ସିବିଏସ୍‌ଇ ପରୀକ୍ଷାଫଳରେ ଯେଉଁ ତ୍ରୁଟିବିଚ୍ୟୁତି ପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହାର ମଧ୍ୟ ଯାଞ୍ଚ କରାଯିବ। ଏଥିଲାଗି ସରକାର ଜଣକିଆ କମିଟି ଗଠନ କରିଛନ୍ତି। ରାଧା ଚୌହ୍ୱାନଙ୍କୁ ଏହି ତଦନ୍ତ ଦାୟିତ୍ୱ ଦିଆଯାଇଛି। ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ ଦାୟୀ ଓଏସ୍‌ଏମ୍ ସେବା ସଂପର୍କରେ ଯାଞ୍ଚ କରି ସରକାରଙ୍କୁ ରିପୋର୍ଟ ଦାଖଲ କରିବେ ଚୌହ୍ୱାନ। ଏହି କମିଟି କେଉଁ କେଉଁ ଦିଗର ଯାଞ୍ଚ କରିବ ଏବଂ କେବେ ରିପୋର୍ଟ ଦାଖଲ କରିବ, ସେସଂପର୍କରେ ଏବେ କିଛି ଜଣାପଡ଼ି ନାହିଁ। ତେବେ ମିଳିଥିବା ସୂଚନା ଅନୁଯାୟୀ ଓଏସ୍‌ଏମ୍ ସେବା ପାଇଁ କିପରି ଟେଣ୍ଡର କରାଯାଇଥିଲା ଏବଂ ଟେଣ୍ଡର ପ୍ରକ୍ରିୟାରେ ସମସ୍ତ ଗାଇଡଲାଇନ୍ସ ଅନୁକରଣ କରାଯାଇଥିଲା କି ନାହିଁ, ତାହାର ଯାଞ୍ଚ ହେବ। ତେବେ ଦୁଇ ବରିଷ୍ଠ ଅଧିକାରୀଙ୍କ ବିରୋଧାରେ କାର୍ଯ୍ୟାନୁଷ୍ଠାନରୁ ସ୍ପଷ୍ଟ ହେଉଛି ଯେ ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଛି।

**ଓଏସ୍‌ଏମ୍ ସେବାର ଯାଞ୍ଚ ପାଇଁ କମିଟି ଗଠିତ**

ସୂଚନାଯୋଗ୍ୟ ଯେ ସିବିଏସ୍‌ଇ ଦ୍ୱାରା ପରିଚାଳିତ ୧୦ମ ଓ ଦ୍ୱାଦଶ ପରୀକ୍ଷା ଫଳ ପ୍ରକାଶନ ପରେ ବିବାଦ ସୃଷ୍ଟି ହୋଇଥିଲା। ପରୀକ୍ଷାଫଳ ଅନେକ ଛାତ୍ରଛାତ୍ରୀଙ୍କ ଆଶାନୁରୂପ ହୋଇ ନଥିବାରୁ ସେମାନେ ପରୀକ୍ଷା ଖାତାର ପୁନଃମୂଲ୍ୟାୟନ ପାଇଁ ଅନଲାଇନରେ ଆବେଦନ କରିଥିଲେ। ଏତିକି ବେଳେ ଦେଖାଯାଇଥିଲା ଯେ ଅନେକ ପରୀକ୍ଷାର୍ଥୀଙ୍କ ଉତ୍ତର ଖାତା ମିସିଂ ଥିବା ବେଳେ ଆଉ କେତେକ ପରୀକ୍ଷାର୍ଥୀଙ୍କ ଖାତା ଅଦଳବଦଳ ମଧ୍ୟ ହୋଇଥିଲା। ଏପରିକି କେତେକ ଖାତାରେ ଅନେକ ଅଂଶ ଆଦୌ ଦେଖାଯାଉନଥିଲା। ସିବିଏସଇର ଅନଲାଇନ୍ ସେବା ପାଇବା ମଧ୍ୟ କଷ୍ଟକର ହୋଇପଡ଼ିଥିଲା। ଏହାକୁ ନେଇ ପରୀକ୍ଷାର୍ଥୀ ଏବଂ ସେମାନଙ୍କର ଅଭିଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଓଏସ୍‌ଏମ୍ ପାଇଁ ଯେଉଁ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା ତାହାକୁ ନେଇ ପ୍ରଶ୍ନ ଉଠିଥିଲା।

ଉଲ୍ଲେଖଯୋଗ୍ୟ ଯେ ଓଏସ୍‌ଏମ୍ ବ୍ୟବସ୍ଥାରେ ପରୀକ୍ଷାର୍ଥୀମାନଙ୍କର ଉତ୍ତର ଖାତାର ସ୍କାନିଂ କରାଯିବା ପରେ ଏହାକୁ କଂପ୍ୟୁଟରରେ ଅପଲୋଡ୍ କରାଯାଏ। ଏଥିରେ ପରୀକ୍ଷାର୍ଥୀଙ୍କ ସଂପର୍କରେ ସୂଚନାକୁ ଗୁପ୍ତ ରଖାଯାଉଥିବା ବେଳେ ଖାତାର ସ୍କାନିଂ କପି ଦେଖି ଶିକ୍ଷକ ମାର୍କ ଦିଅନ୍ତି। ଏହା ହେଉଛି ଡିଜିଟାଲ ମୂଲ୍ୟାୟନ ବ୍ୟବସ୍ଥା। ତେବେ କଂପ୍ୟୁଟରରେ ସ୍କାନ୍ କପିଗୁଡ଼ିକ ଭଲ ଦେଖାଯାଉନଥିବାରୁ ପିଲାମାନେ ଭଲ ମାର୍କ ପାଇବାରୁ ବଞ୍ଚିତ ହୋଇଥିଲେ। ଅନେକ ପରୀକ୍ଷାର୍ଥୀଙ୍କ ଉତ୍ତର ଖାତାରେ ଅଦଳବଦଳ ହୋଇଥିବାରୁ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିଲା।

# ରଜରେ ଓଡ଼ିଶା ଛୁଇଁବ ମୌସୁମୀ

## ୪ରେ ପହଞ୍ଚିବ କେରଳ ଉପକୂଳ



■ ନୂଆଦିଲ୍ଲୀ, ୨।୬(ଏଜେନ୍ସି): ପୁଣି ବିଳମ୍ବିତ ହେଲା ମୌସୁମୀ। ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ ୧ ବଦଳରେ ଆସନ୍ତା ଜୁନ୍ ୪ ତାରିଖରେ କେରଳ ଛୁଇଁବ। ମୌସୁମୀ ୪ ଦିନ ବିଳମ୍ବରେ ଆସୁଥିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଆଜି ଏହି ସୂଚନା ଦିଆଯାଇଛି। ଏହାସହିତ ଭାରତରେ ବିଧିବଦ୍ଧ ଭାବେ ବର୍ଷା ଋତୁ ଆରମ୍ଭ ହେବ ଏବଂ ଦକ୍ଷିଣ ଭାରତରେ ବହୁ ପ୍ରତୀକ୍ଷିତ ବର୍ଷା ହେବ। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ଏକ ସପ୍ତାହ ମଧ୍ୟରେ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟରେ ବ୍ୟାପକ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ବିଶେଷ କରି କେରଳର କେତେକ ସ୍ଥାନରେ ୭ ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଚେତାବନୀ ଦିଆଯାଇଛି। ମୌସୁମୀ ପ୍ରବାହ ଯୋଗୁଁ କେରଳ ସବୁଠାରୁ ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏହାଛଡ଼ା ତାମିଲନାଡ଼ୁ ଏବଂ କର୍ଣ୍ଣାଟକର କିଛି ଅଂଶରେ ମଧ୍ୟ ପ୍ରବଳ ବର୍ଷା ହେବା ନେଇ ଆଇଏମ୍‌ଡି ସୂଚନା ଦେଇଛି। ଆରବ ସାଗରରେ ଜଳୀୟବାଷ୍ପ ପୂର୍ଣ୍ଣ ମୌସୁମୀ ବାୟୁ ଶକ୍ତିଶାଳୀ ହେବା ସହ ଏହା ଉତ୍ତର ଦିଗକୁ ଅଗ୍ରସର ହେବାରେ ଲାଗିଛି। ଏହି ପ୍ରକ୍ରିୟା ସ୍ୱାଭାବିକ ରହିଲେ ଆସନ୍ତା ରଜ ବେଳକୁ ମୌସୁମୀ ଓଡ଼ିଶା ପ୍ରବେଶ କରିବ ବୋଲି କୁହାଯାଇଛି। କାରଣ କେରଳ ସ୍ପର୍ଶ କରିବାର ୧୦ ଦିନରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିଥାଏ।

ଆଇଏମ୍‌ଡି ଅନୁଯାୟୀ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ପ୍ରଭାବରେ ମୌସୁମୀ ପବନ ପ୍ରବାହ ଦୁର୍ବଳ ହୋଇଯାଇଥିବାରୁ ଏହି ବିଳମ୍ବ ଘଟିଛି। ପୂର୍ବରୁ ମୌସୁମୀ ମେ' ୨୬ ସୁଦ୍ଧା ପହଞ୍ଚିବ ବୋଲି ଆଶା କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଏହା ଜୁନ୍ ୪ ତାରିଖ ମଧ୍ୟରେ କେରଳ ଛୁଇଁବାର ସମ୍ଭାବନା ଅଛି। ମୌସୁମୀ ଅନୁମାନ ପାଇଁ ମୁଖ୍ୟତଃ ଆରବ ସାଗରରେ ପଶ୍ଚିମା ପବନର ଏକ ନିର୍ଦ୍ଦିଷ୍ଟ ବେଗ ରହିବା ଆବଶ୍ୟକ। ଏହାସହ ଆକାଶରେ ପର୍ଯ୍ୟାପ୍ତ ପରିମାଣର ବାଦଲ ରହିବା ଜରୁରୀ। ବର୍ତ୍ତମାନ ବର୍ଷା ଏବଂ ବାଦଲର ସ୍ଥିତି ସନ୍ତୋଷଜନକ ଥିଲେ ମଧ୍ୟ ପଶ୍ଚିମା ପବନର ବେଗ କମ୍ ରହିଛି। ମାତ୍ର ଜୁନ୍ ୧ରୁ ପବନର ବେଗ ବଢ଼ିଥିବାରୁ ଏହା ୪ ତାରିଖରେ କେରଳ ଛୁଇଁବ ବୋଲି ଆଶା କରାଯାଉଛି। ଚଳିତ ବର୍ଷ ଏଲ୍ ନିନୋ ପ୍ରଭାବ ଯୋଗୁଁ ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ଆଶଙ୍କା ରହିଛି।

ମୌସୁମୀ ବିଳମ୍ବିତ ହେଉଥିବା ବେଳେ ସମଗ୍ର ଦେଶରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି।

# ଆଜିଠୁ ପୁରୀରେ ବ୍ରିକ୍ସ ସମ୍ମିଳନୀ

**ଏକାଠି ହେବେ ୧୧ ଦେଶର ପ୍ରତିନିଧି**

**ତ୍ରିସ୍ତରୀୟ ସୁରକ୍ଷା ବଳୟରେ ପୁରୀ ସହର**

**ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କଲେ ଡିଜିପି**

■ ପୁରୀ, ୨।୬ (ସମିସ): ବିପର୍ଯ୍ୟୟ ମୁକାବିଲାରେ ସାରା ବିଶ୍ୱରେ ଉଦାହରଣ ସାଜିଥିବା ଓଡ଼ିଶା ପାଇଁ ଆଉ ଏକ ଗର୍ବର ବିଷୟ। ପବିତ୍ର ଶ୍ରୀକ୍ଷେତ୍ର ପୁରୀରେ ବୁଧବାର ଅର୍ଥାତ୍ ଜୁନ୍ ୩ରୁ ୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି 'ବ୍ରିକ୍ସ' ବିପର୍ଯ୍ୟୟ ବିପଦ ହ୍ରାସ (ଡିଆର୍‌ଆର୍) କାର୍ଯ୍ୟକାରୀ ଗୋଷ୍ଠୀର ଦ୍ୱିତୀୟ ବୈଷୟିକ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ପୁରୀର ତାଜ୍ ପୁରୀ ରିସର୍ଟ ଆଣ୍ଡ ସ୍ପା'ଠାରେ ଏହି ହାଇ ପ୍ରୋଫାଇଲ୍ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍‌ଡିଏମ୍‌ଏ), ଭାରତ ସରକାର ଏହାକୁ ଆୟୋଜନ କରୁଥିବାବେଳେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓସ୍‌ଡମା) ଏଥିରେ ସହଯୋଗ କରୁଛି। ବୈଠକରେ ବ୍ରିକ୍ସର ମୂଳ ସଦସ୍ୟ ଦେଶ ବ୍ରାଜିଲ୍, ଋଷ, ଭାରତ, ଚୀନ୍ ଏବଂ ଦକ୍ଷିଣ ଆଫ୍ରିକା ସହିତ ସହଯୋଗୀ ଦେଶ ଭାବେ ୟୁଏଇ, ସାଉଦିଆରବ, ଇଜିପ୍ଟ, ଇରାନ, ଇଥିଓପିଆ ଏବଂ ଇଣ୍ଡୋନେସିଆର ପ୍ରତିନିଧି ଓ ବିଶେଷଜ୍ଞମାନେ ଏଥିରେ ଯୋଗଦେଉଛନ୍ତି। ଏହାବ୍ୟତୀତ ଏନ୍‌ଡିଏମ୍‌ଏ, ଗୃହ ମନ୍ତ୍ରଣାଳୟ, ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ। ଚଳିତ ବର୍ଷର ବୈଠକ "ନୂତନତା, ସହଯୋଗ ଏବଂ ସ୍ଥାୟିତ୍ୱ ମାଧ୍ୟମରେ ବିପର୍ଯ୍ୟୟ ସହନଶୀଳତାର ବିକାଶ' ବିଷୟବସ୍ତୁ ଉପରେ ଆଧାରିତ। ବିପର୍ଯ୍ୟୟ ପରିଚାଳନା ପାଇଁ ପାଣ୍ଠି ଯୋଗାଣ, ସ୍ଥାନୀୟ ସମୁଦାୟଭିତ୍ତିକ ସତର୍କ ସୂଚନା ପ୍ରଣାଳୀ, ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଏବଂ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ଜ୍ଞାନ ଆଦାନପ୍ରଦାନ ଉପରେ ଏଠାରେ ବିସ୍ତୃତ ଆଲୋଚନା କରାଯିବ।

ଏହା ଓଡ଼ିଶା ପାଇଁ ଏକ ବଡ଼ ସମ୍ମାନ। ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା, ଆଗୁଆ ସ୍ଥାନାନ୍ତରଣ ରଣନୀତି ଏବଂ ଶୂନ୍ୟ ଜୀବନହାନୀ ନୀତି ପାଇଁ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ୍‌କୁ ଜାତିସଂଘ ସମେତ ସାରା ବିଶ୍ୱ ପ୍ରଶଂସା କରିଛି। ଓଡ଼ିଶାର ଏହି ଅପ୍ରତିଦ୍ୱନ୍ଦ୍ୱୀ ସଫଳତାକୁ ସ୍ୱୀକୃତି ଦେଇ ଭାରତ ସରକାର ଏହି ବୈଠକ ପାଇଁ ପୁରୀକୁ ଚୟନ କରିଛନ୍ତି। ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ବିଶ୍ୱର ପ୍ରମୁଖ ଅର୍ଥନୀତିଗୁଡ଼ିକ ମଧ୍ୟରେ ଏହି ସହଯୋଗ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ▶ପୃଷ୍ଠା-୭

### ଜୁନ ୨୦ରେ ରାଇରଙ୍ଗପୁରରେ ସରକାର ପାଳିବେ ଦ୍ୱିତୀୟ ବର୍ଷପୂର୍ତ୍ତି

# ଯୋଗଦେବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ



■ ଭୁବନେଶ୍ୱର/ରାଇରଙ୍ଗପୁର, ୨।୬ (ସମିସ): ରାଜ୍ୟ ବିଜେପି ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମଙ୍ଗଳବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି।

ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା, ସଭାରେ ଯୋଗଦେଉଥିବା ସାଧାରଣ ଲୋକଙ୍କ ପାଇଁ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେହେତୁ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି ତେଣୁ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରକାଶ କରି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଅବସରରେ ଓଡ଼ିଶା ପାଇଁ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ପୁଣି ବଢ଼ିଲା ବସ୍ ଭଡ଼ା

■ କଟକ, ୨।୬ (ସମିସ): ଡିଜେଲ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ପୁଣି ବସ୍ ଭଡ଼ା ବୃଦ୍ଧି କରିଛନ୍ତି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଭଡ଼ା ବୃଦ୍ଧି ନେଇ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ମେ' ୧୫ରେ ରାଜ୍ୟରେ ଡିଜେଲ ଦର ଲିଟର ପିଛା ୯୫ ଟଙ୍କା ୮୭ ପଇସା ଥିଲା। ମେ' ୩୧ ସୁଦ୍ଧା ତାହା ୧୦୦ ଟଙ୍କା ୬୮ ପଇସାରେ ପହଞ୍ଚିଛି। ଡିଜେଲ ଦରରେ ସିଧାସଳଖ ୪ ଟଙ୍କା ୮୧ ପଇସା ବୃଦ୍ଧି ହୋଇଥିବାରୁ ବସ୍ ଭଡ଼ା ବୃଦ୍ଧି କରାଯାଇଛି।



**ବାକି ୧୨ଟି ମାପଦଣ୍ଡ ଉପରେ ଝୁଲିଛି ନିଷ୍ପତ୍ତି**

**ସରକାରଙ୍କ ସହ ମାଲିକ ସଂଘର ବୈଠକ ୫ରେ**

ବର୍ଦ୍ଧିତ ଭଡ଼ା ଅନୁସାରେ, ସାଧାରଣ ଯାତ୍ରୀବାହୀ (ଅର୍ଡିନାରି) ବସ୍ ଭଡ଼ା କିଲୋମିଟର ପିଛା ୯୦ ପଇସା ଥିବା ବେଳେ ଏବେ ଏହା ୯୨ ପଇସାକୁ ବୃଦ୍ଧି ପାଇଛି। ସେହିଭଳି, ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୯୪ ପଇସାରୁ ୯୬ ପଇସାକୁ ବୃଦ୍ଧି ପାଇଛି। ଡିଲକ୍ସ ବସ୍ ଯାତ୍ରୀଙ୍କ ପାଇଁ ଭଡ଼ା ପୂର୍ବରୁ କିଲୋମିଟର ପିଛା ୧ଟଙ୍କା ୩୧ ପଇସା ଥିବା ବେଳେ ଏବେ ଏହା ୧ଟଙ୍କା ୩୫ ପଇସା ହୋଇଛି। ଏସି ଡିଲକ୍ସ ବସ୍‌ର ଭଡ଼ା କିଲୋମିଟର ପିଛା ୧ଟଙ୍କା ୫୯ ପଇସାରୁ ବୃଦ୍ଧି ପାଇ ୧ଟଙ୍କା ୬୩ ପଇସା ଧାର୍ଯ୍ୟ ହୋଇଛି। ସୁପର୍ ଡିଲକ୍ସ ବସ୍‌ରେ ଯାତ୍ରା କଲେ ଏବେ କିଲୋମିଟର ପିଛା ୨ଟଙ୍କା ୪୭ପଇସା ବଦଳରେ ୨ଟଙ୍କା ୫୩ ପଇସା ଦେବାକୁ ପଡ଼ିବ। ତେବେ ସହର ମଧ୍ୟରେ ଚଳାଚଳ କରୁଥିବା ଟାଉନ୍ ବସ୍‌ଗୁଡ଼ିକ ପାଇଁ ଲାଗୁ ହେବ ନାହିଁ ବୋଲି କୁହାଯାଇଛି। ▶ପୃଷ୍ଠା-୭

### ବାରଙ୍ଗ ହାଜତ ନିର୍ଯାତନା ମାମଲାରେ ଶାଶୂଙ୍କ ବିସ୍ଫୋରକ ବୟାନ

# 'ମୁହଁ ଖୋଲିଲେ ପୁଲିସ ଚିକିତ୍ସା କରାଇ ଦେବନି'

■ କଟକ/ବାରଙ୍ଗ, ୨।୬(ସମିସ): କଟକ ଜିଲ୍ଲା ବାରଙ୍ଗ ଥାନାର ଚର୍ଚ୍ଚିତ 'ଥାର୍ଡ ଡିଗ୍ରୀ' ହାଜତ ଅତ୍ୟାଚାର ମାମଲାରେ ପ୍ରତିଦିନ ନୂଆ ନୂଆ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସୁଥିବା ବେଳେ ଆଜି ପୀଡ଼ିତ ଯୁବକ ରାକେଶ ବେହେରାଙ୍କ ଶାଶୁ ମିନତି ସାହୁଙ୍କ ଏକ ବଡ଼ ବିସ୍ଫୋରକ ବୟାନ ସମଗ୍ର ପୁଲିସ ପ୍ରଶାସନର ନିଦ ହଜାଇ ଦେଇଛି। ଗତକାଲି ପୁଲିସ ପକ୍ଷରୁ ରାକେଶଙ୍କର ଏକ ବାଇକ୍ ଦୁର୍ଘଟଣା ହୋଇଥିବା ନେଇ ସୃଷ୍ଟି କରାଯାଇଥିବା ସରକାରୀ କାହାଣୀକୁ ଶାଶୂ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ସହ ପୁଲିସ ମିଛ କହୁଛି ବୋଲି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଗଣମାଧ୍ୟମ ସାମ୍ନାରେ ନିଜର କୋହଭରା କଣ୍ଠରେ ପୁଲିସର କଳା କାରନାମାର ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


**ବାଲିଅନ୍ତା ଭିଡ଼ହତ୍ୟା**

# ଘଟଣାସ୍ଥଳରେ ଏନ୍‌ଏଚ୍‌ଆର୍‌ସି

■ ଭୁବନେଶ୍ୱର, ୨।୬ (ସମିସ): ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଜିଆରପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ମାମଲାରେ ଏନ୍‌ଏଚ୍‌ଆରସି ଟିମର ତଦନ୍ତ

**ସୌମ୍ୟଙ୍କୁ ଏଡିଜିଙ୍କ ନିର୍ଯାତନା ଅଭିଯୋଗର ତଥ୍ୟ ସଂଗ୍ରହ**

**ଢେଙ୍କାନାଳରୁ ଆଉ ଜଣେ ଅଭିଯୁକ୍ତକୁ ଗିରଫ କଲା କ୍ରାଇମବ୍ରାଞ୍ଚ**



ଦ୍ୱିତୀୟ ଦିନରେ ପହଞ୍ଚିଛି। ମଙ୍ଗଳବାର ଏହି ଟିମ୍ ଘଟଣାସ୍ଥଳ ରାମଚନ୍ଦ୍ରପୁର କାଜ ନିକଟକୁ ପରିଦର୍ଶନରେ କରିବା ସହ ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛନ୍ତି। କେଉଁଭଳି ପରିସ୍ଥିତିରେ ସୌମ୍ୟଙ୍କୁ ଆକ୍ରମଣ କରାଯାଇଥିଲା; ଏହି ସମୟରେ ପୁଲିସର ବ୍ୟବହାର କିଭଳି ଥିଲା ସେ ସମ୍ପର୍କରେ ଲୋକମାନଙ୍କଠାରୁ ତଥ୍ୟ ସଂଗ୍ରହ କରିଥିବା ସୂଚନା ମିଳିଛି। ▶ପୃଷ୍ଠା-୭

### ବାରଙ୍ଗ ଓ କବିସୂର୍ଯ୍ୟନଗର ଥାର୍ଡ ଡିଗ୍ରୀ

# ୧୫ ଦିନରେ ରିପୋର୍ଟ ଦିଅ: ଏନ୍‌ଏଚ୍‌ଆର୍‌ସି

■ ଭୁବନେଶ୍ୱର, ୨।୬(ସମିସ): ରାଜ୍ୟରେ ଘଟିଥିବା ବହୁ ଚର୍ଚ୍ଚିତ ବାରଙ୍ଗ ହାଜତ ନିର୍ଯାତନା ମାମଲାରେ ହସ୍ତକ୍ଷେପ କରିଛନ୍ତି ଜାତୀୟ ମାନବାଧିକାର କମିସନ୍। କଟକ ଡିଜିପି ଓ ପୁଲିସ ମହା ନିର୍ଦ୍ଦେଶକଙ୍କୁ ରିପୋର୍ଟ ଦେବାକୁ ଏନ୍‌ଏଚ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ହେପାଜତରେ ନିର୍ଯାତନା ଓ ବେଆଇନ ଭାବେ ଅଟକ ରଖିବା ଭଳି ଗୁରୁତର ମାନବାଧିକାର ଉଲ୍ଲଂଘନ ଅଭିଯୋଗକୁ ନେଇ ରାଜ୍ୟ ମାନବାଧିକାର ଆୟୋଗ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ୧୫ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଆୟୋଗ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ଦ୍ୱାରା ▶ପୃଷ୍ଠା-୭

## ଧାରଣା ଉପରେ ବସି ଟ୍ରେନ ଅଟକାଇଲେ ବଙ୍ଗଳା ହକର

ନୂଆଦିଲ୍ଲୀ/କୋଲକାତା, ୨।୬ (ଏଜେନ୍ସି): ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲାର ଗୋବରଡଙ୍ଗା ରେଳ ଷ୍ଟେସନରେ ରାଜ୍ୟରେ ଚାଲିଥିବା ବେଆଇନ ଜବରଦଖଲ ଉଚ୍ଛେଦ ଅଭିଯାନ ବିରୋଧରେ ଶତାଧିକ ବ୍ୟବସାୟୀ ଏବଂ ହକର ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ସେମାନେ ରେଳ ଧାରଣା ଉପରେ ବସି ରହି ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ କରିଛନ୍ତି। ଆନ୍ଦୋଳନକାରୀମାନେ 'ଚଲ୍‌ବେ ନା, ଚଲ୍‌ବେ ନା' ସ୍ଲୋଗାନ ଦେଇ ନିଜର ଦୋକାନ ବଜାର ହଟାଇବା ପଦକ୍ଷେପକୁ ତୀବ୍ର ବିରୋଧ କରିଛନ୍ତି। ଜଣେ ବୃଦ୍ଧା ମହିଳା ଜୀବିକା ହରାଇବା ଦୁଃଖରେ ରେଳ ଧାରଣା ଉପରେ ଶୋଇ ରହିଥିବା ଦେଖିବାକୁ ମିଳିଛି। ସର୍ବସାଧାରଣ ସ୍ଥାନକୁ ମୁକ୍ତ କରିବା ଏବଂ ଯାତ୍ରୀମାନଙ୍କ ସୁବିଧା ପାଇଁ ରେଳବାଇ ପକ୍ଷରୁ ଗତ ମାସରୁ ଏହି ଜମି ମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ଏହା ପୂର୍ବରୁ ମେ ୩୧ରେ ଦମଦମ ଜଙ୍କସନ ଏବଂ ହାୱଡା ଷ୍ଟେସନରୁ ପ୍ରାୟ ୨୫୦ରୁ ଅଧିକ ଅସ୍ଥାୟୀ ଦୋକାନକୁ ବୁଲଡୋଜର ସାହାଯ୍ୟରେ ଉଚ୍ଛେଦ କରାଯାଇଛି। ତେବେ ହକରମାନଙ୍କ ଅଭିଯୋଗ ଯେ, ସେମାନଙ୍କୁ କୌଣସି ପୂର୍ବ ସୂଚନା ନ ଦେଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଭାବିତ ବ୍ୟବସାୟୀମାନେ ଥଇଥାନ କିମ୍ବା ବିକଳ୍ପ ବ୍ୟବସ୍ଥା ବିନା ଉଚ୍ଛେଦକୁ ଗ୍ରହଣ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଯଦି ଆମକୁ ଥଇଥାନ କରା ନଯାଏ, ତେବେ ଆମେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବୁ ବୋଲି ଜଣେ ଦୋକାନୀ କ୍ଷୋଭର ସହ କହିଛନ୍ତି।



## କ୍ରିକେଟ୍ ପିଚ୍ ରୋଲର ମାଡ଼ିଯିବାରୁ ୧୫ ବର୍ଷୀୟ ବାଳକର ମୃତ୍ୟୁ

ସୋଲାପୁର, ୨।୬(ଏଜେନ୍ସି): ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାରେ ଏକ ସମର କ୍ୟାମ୍ପରେ କ୍ରିକେଟ୍ ପିଚ୍ ପ୍ରସ୍ତୁତ କରୁଥିବା ସମୟରେ ପିଚ୍ ରୋଲର ତଳେ ଚାପି ହୋଇ ଜଣେ ୧୫ ବର୍ଷୀୟ କିଶୋରଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗରେ ପୁଲିସ୍ ଦୁଇଜଣ କୋଚ୍ ଏବଂ କ୍ରିକେଟ୍ ଆସୋସିଏସନ୍ ବିରୋଧରେ ମାମଲା ରୁଜୁ କରିଛି। ମୃତ କିଶୋରଙ୍କ ନାମ ଆରଭ ଓରଫ୍ ବୀରେନ ଚୌଧୁରୀ ବୋଲି ଜଣାପଡ଼ିଛି। ପୁଲିସ ଅନୁଯାୟୀ, ଗତ ମେ ୩୦ରେ ବାର୍ସୀ ସହରରେ ଅନୁଷ୍ଠିତ ଏକ କ୍ରିକେଟ୍ ପ୍ରଶିକ୍ଷଣ ଶିବିରରେ ଏହି ଦୁର୍ଘଟଣା ଘଟିଥିଲା। ଅଭ୍ୟାସ ସେସନ ପାଇଁ ପିଚ୍ ପ୍ରସ୍ତୁତ କରିବାକୁ କୋଚମାନେ କିଛି ପିଲାଙ୍କୁ ଭାରି ପିଚ୍ ରୋଲର ଟାଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ପିଲାମାନଙ୍କ ସହ ରୋଲର ଟାଣୁଥିବା ସମୟରେ ଆରଭ ହଠାତ୍ ସେହି ଭାରି ଯନ୍ତ୍ର ତଳେ ଚାପି



ହୋଇଯାଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇ ପ୍ରାଣ ହରାଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ପିଲାମାନେ ଏହି ବିପଜ୍ଜନକ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ତଦାରଖ କରିବା ପାଇଁ ସେଠାରେ କୌଣସି ବୟସ୍କ ବ୍ୟକ୍ତି କିମ୍ବା ସୁପରଭାଇଜର ଉପସ୍ଥିତ ନଥିଲେ। ସୁରକ୍ଷା ବ୍ୟବସ୍ଥାରେ ଏପରି ଚରମ ଅବହେଳା ଯୋଗୁଁ ବାର୍ସୀ ସିଟି ପୁଲିସ୍ ଦୁଇଜଣ କୋଚ୍ ଏବଂ କ୍ରିକେଟ୍ ଆସୋସିଏସନ୍ ବିରୋଧରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ସୁପ୍ରିମକୋର୍ଟରେ ୫ ନୂତନ ବିଚାରପତିଙ୍କ ଶପଥ ଗ୍ରହଣ

ନୂଆଦିଲ୍ଲୀ, ୨।୬(ଏଜେନ୍ସି): ଭାରତର ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆଜି ଉଚ୍ଚତମ ନ୍ୟାୟାଳୟର ୫ ଜଣ ନୂତନ ବିଚାରପତିଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସୁପ୍ରିମକୋର୍ଟ କଲେଜିୟମଙ୍କ ସୁପାରିଶ ଆଧାରରେ କେନ୍ଦ୍ର ସରକାର ଏହି ନିଯୁକ୍ତିକୁ ଅନୁମୋଦନ କରିବା ପରେ ଆଜି ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ଶପଥ ଗ୍ରହଣ କରିଥିବା ନୂତନ ବିଚାରପତିମାନେ ହେଲେ ଜଷ୍ଟିସ୍ ଶୀଲ ନାଗୁ, ଜଷ୍ଟିସ୍ ଶ୍ରୀ ଚନ୍ଦ୍ରଶେଖର, ଜଷ୍ଟିସ୍ ସଞ୍ଜୀବ ସଚଦେବା, ଜଷ୍ଟିସ୍ ଅରୁଣ ପଲ୍ଲୀ, ବରିଷ୍ଠ ଆଇନଜୀବୀ ଭି. ମୋହନା। ଗତ ମେ' ୨୨ ଏବଂ ମେ' ୨୭ରେ ଅନୁଷ୍ଠିତ ସୁପ୍ରିମକୋର୍ଟ କଲେଜିୟମ ବୈଠକରେ ଏହି ନାମଗୁଡ଼ିକ ସୁପାରିଶ କରାଯାଇଥିଲା। ଏହା ପରେ କେନ୍ଦ୍ର ସରକାର ଗତକାଲି ୪ ଜଣ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଜଣେ ବରିଷ୍ଠ ଆଇନଜୀବୀଙ୍କୁ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ନିଯୁକ୍ତି ଦେବାକୁ ଅନୁମୋଦନ କରିଥିଲେ। ଉଲ୍ଲେଖଯୋଗ୍ୟ, ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ସଂଶୋଧନ ଅଧ୍ୟାଦେଶ, ୨୦୨୬' ଜାରି କରିଥିଲେ। ଏହି ନୂତନ ଅଧ୍ୟାଦେଶ ଅନୁଯାୟୀ, ସୁପ୍ରିମକୋର୍ଟରେ ବିଚାରପତିଙ୍କ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ୩୪ ରୁ ୩୮ କୁ ବୃଦ୍ଧି ପାଇଛି। ଏଥିରେ ଭାରତର ମୁଖ୍ୟ ବିଚାରପତି ମଧ୍ୟ ସାମିଲ ଅଛନ୍ତି।

## ଘାତକ ହେଉଛି ଗ୍ରୀଷ୍ମ ପ୍ରବାହ

ନୂଆଦିଲ୍ଲୀ, ୨।୬(ଏଜେନ୍ସି): ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଦେଶର ଅନେକ ପ୍ରାନ୍ତରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଛି। ଏକ ଅନୁସନ୍ଧାନ ଅନୁଯାୟୀ, ଭାରତରେ ଗ୍ରୀଷ୍ମ ପ୍ରବାହ ପ୍ରାଣଘାତକ ସାବ୍ୟସ୍ତ ହେଉଛି। ୟୁସି ବର୍କଲେର ଗବେଷକ ପୀୟୁଷ ନାରଙ୍ଗ ଏବଂ ଅଶୋକ ଗାଡଗିଲଙ୍କ ଦ୍ୱାରା କରାଯାଇଥିବା ଏହି ଅଧ୍ୟୟନ ଅନୁଯାୟୀ, ସାରା ଦେଶରେ ମାତ୍ର ଗୋଟିଏ ଦିନର ପ୍ରବଳ ଖରା ପ୍ରାୟ ୩, ୪୦୦ ଅତିରିକ୍ତ ମୃତ୍ୟୁର କାରଣ ହୋଇପାରେ। ଯଦି ଏହି ଗ୍ରୀଷ୍ମ ପ୍ରବାହ ୫ ଦିନ ପର୍ଯ୍ୟନ୍ତ ଜାରି ରହେ, ତେବେ ମୃତ୍ୟୁସଂଖ୍ୟା ପ୍ରାୟ ୩୦, ୦୦୦ କୁ ବୃଦ୍ଧି ପାଇବାର ଆଶଙ୍କା ରହିଛି। ବିଶେଷ କରି ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ଏହା ଅଧିକ ଭୟାବହ ହୋଇପାରେ ଏବଂ ସେଠାରେ ୫ ଦିନର ଗ୍ରୀଷ୍ମ ପ୍ରବାହରେ ୮, ୦୦୦ ରୁ ଅଧିକ ଲୋକ ପ୍ରାଣ ହରାଇପାରନ୍ତି ବୋଲି ଏହି ଅଧ୍ୟୟନ ଅନୁମାନ କରିଛି। ସରକାରୀ ରିପୋର୍ଟରେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ପ୍ରାୟତଃ କମ୍ ରହିଥାଏ। କାରଣ ଅନେକ ମୃତ୍ୟୁକୁ ସଠିକ୍ ଭାବେ ଚିହ୍ନଟ କରାଯାଏ ନାହିଁ। ଅତ୍ୟଧିକ ଖରା ଯୋଗୁଁ ହେଉଥିବା ମୃତ୍ୟୁ ଗୁଡ଼ିକୁ ପ୍ରାୟତଃ ହୃଦଘାତ କିମ୍ବା ଶ୍ୱାସକ୍ରିୟା ଜନିତ ସମସ୍ୟା ବୋଲି ଦର୍ଶାଯାଇଥାଏ। ଫଳରେ ଜନସାଧାରଣ ଓ ପ୍ରଶାସନ ପ୍ରକୃତ ସ୍ଥିତି ଆକଳନ କରିବାରେ ବିଫଳ ହୁଅନ୍ତି। ଗ୍ରୀଷ୍ମ ପ୍ରବାହରେ ଚାଷୀ, ଦିନମଜୁରିଆ ଏବଂ ବୟସ୍କମାନେ ସବୁଠାରୁ ଅଧିକ ବିପଦର ସମ୍ମୁଖୀନ ହେଉଛନ୍ତି। ଏହା ବ୍ୟତୀତ ସହରାଞ୍ଚଳରେ କଂକ୍ରିଟ୍ ନିର୍ମାଣ ଯୋଗୁଁ ରାତିରେ ତାପମାତ୍ରା କମୁନାହିଁ। ଲୋକଙ୍କୁ ସୂର୍ଯ୍ୟାସ୍ତ ପରେ ମଧ୍ୟ ଆଶ୍ୱସ୍ତି ମିଳୁନାହିଁ। ରାଜସ୍ଥାନରେ ତାପମାତ୍ରା ୫୦.୫ ଡିଗ୍ରୀ ଛୁଇଁଥିବା ବେଳେ ଦିଲ୍ଲୀ-ଏନସିଆର, ମଧ୍ୟପ୍ରଦେଶ ଏବଂ ଉତ୍ତର ପ୍ରଦେଶରେ ମଧ୍ୟ ଅତି ଭୟଙ୍କର ସ୍ଥିତି ଉପୁଜିଛି।

## ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସରଙ୍କ ସନ୍ଦେହଜନକ ମୃତ୍ୟୁ

ଲକ୍ଷ୍ନୌ, ୨।୬(ଏଜେନ୍ସି): ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ ସହରରେ ଜଣେ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସର (ମାନସୀ) ଙ୍କ ମୃତଦେହ ଶ୍ୱଶୁର ଘରୁ ସନ୍ଦେହଜନକ ଅବସ୍ଥାରେଉଦ୍ଧାର କରାଯାଇଛି। ଏହାକୁ ଏକ ଯୌତୁକ ଜନିତ ହତ୍ୟାକାଣ୍ଡ ବୋଲି ମାନସୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ମାନସୀଙ୍କ ସ୍ୱାମୀ ସାଗର ରାଜପୁତ ଓ ତାଙ୍କ ପରିବାର ଲୋକେ କାର୍ ଦାବି କରି ମାନସୀଙ୍କୁ ହତ୍ୟା କରିଛନ୍ତି ଏବଂ ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଶବକୁ ଫାଶୀରେ ଝୁଲାଇ ଦେଇଛନ୍ତି। ପୁଲିସର ପ୍ରାଥମିକ ସୂଚନା ରିପୋର୍ଟ ଅନୁସାରେ, କାନପୁରର ବାସିନ୍ଦା ମାନସୀ ୨୦୨୪ ମସିହାରେ ସାଗର ରାଜପୁତଙ୍କୁ ବିବାହ କରିଥିଲେ। ଉଭୟ ସୋସିଆଲ୍ ମିଡିଆରେ ବେଶ୍ ସକ୍ରିୟ ଥିଲେ ଏବଂ ଇନ୍‌ଷ୍ଟାଗ୍ରାମରେ ସାଗରଙ୍କର ପ୍ରାୟ ୮ ଲକ୍ଷ ଫଲୋଅର୍ସ ରହିଛନ୍ତି। ବିବାହ ସମୟରେ ମାନସୀଙ୍କ ପରିବାର ପକ୍ଷରୁ ୭ ଲକ୍ଷ ଟଙ୍କା ନଗଦ ଏବଂ ଅନ୍ୟାନ୍ୟ ଗୃହୋପକରଣ ଉପହାର ସ୍ୱରୂପ ଦିଆଯାଇଥିଲା। କିନ୍ତୁ ଏତିକିରେ ସନ୍ତୁଷ୍ଟ ନହୋଇ ଶ୍ୱଶୁର ଘର ଲୋକେ ଅଧିକ ଯୌତୁକ ଦାବି କରି ମାନସୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ।



## ନେତନ୍ୟାହୁଙ୍କ ଉପରେ ବର୍ଷିଲେ ଟ୍ରମ୍ପ

### ମୁଁ ନଥିଲେ ତୁମେ ଜେଲରେ ଥାଆନ୍ତ

ୱାସିଂଟନ/ତେଲ ଅଭିଭ୍, ୨।୬(ଏଜେନ୍ସି): ଲେବାନନରେ ଇସ୍ରାଏଲର ବଢୁଥିବା ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ଇରାନ ସହିତ ଚାଲିଥିବା କୂଟନୈତିକ ଆଲୋଚନାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ଟେଲିଫୋନ କଥାବାର୍ତ୍ତା ହୋଇଛି। ଆଲୋଚନା ସମୟରେ ଟ୍ରମ୍ପ ଅତ୍ୟନ୍ତ କ୍ଷୁବ୍ଧ ହୋଇ ନେତନ୍ୟାହୁଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରିଥିବା ରିପୋର୍ଟ ପ୍ରକାଶ ପାଇଛି। ସୂତ୍ର ଅନୁସାରେ, ଟ୍ରମ୍ପ ନେତନ୍ୟାହୁଙ୍କୁ 'ପାଗଳ' ବୋଲି ସମ୍ବୋଧନ କରିବା ସହ କହିଛନ୍ତି ଯେ, 'ଯଦି ମୁଁ ନଥାନ୍ତି, ତେବେ ତୁମେ ଆଜି ଜେଲରେ ଥାଆନ୍ତ। ମୁଁ ତୁମକୁ ବଞ୍ଚାଉଛି, କିନ୍ତୁ ବର୍ତ୍ତମାନ ସମସ୍ତେ ତୁମକୁ ଏବଂ ଇସ୍ରାଏଲକୁ ଘୃଣା କରୁଛନ୍ତି'। ଲେବାନନରେ

### ■ ଲେବାନନ୍ ଆକ୍ରମଣ ନେଇ କ୍ଷୁବ୍ଧ

ହିଜବୁଲ୍ଲା ବିରୋଧରେ ଇସ୍ରାଏଲର ବ୍ୟାପକ ବିମାନ ଆକ୍ରମଣ ଏବଂ ସ୍ଥଳସୈନ୍ୟ ଅଭିଯାନ ଯୋଗୁଁ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ବିପଦରେ ପଡ଼ିଥିବା ଟ୍ରମ୍ପ ଅଭିଯୋଗ କରିଛନ୍ତି। ସେପଟେ ଇରାନ ପକ୍ଷରୁ ମଧ୍ୟ ଚେତାବନୀ ଦିଆଯାଇଛି ଯେ ଲେବାନନରେ ଆକ୍ରମଣ ଜାରି ରହିଲେ ୱାସିଂଟନ ସହ ଆଲୋଚନା ବାଧାପ୍ରାପ୍ତ ହେବ। ଏହି କଠୋର ବାର୍ତ୍ତାଳାପ ପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବେରୁତ ଉପରେ ଆକ୍ରମଣ ସ୍ଥଗିତ ହେବାସହ ଇସ୍ରାଏଲ ବର୍ତ୍ତମାନ ସେଠାକୁ ଯାଉଥିବା ସୈନ୍ୟମାନଙ୍କୁ ଫେରାଇ ଅଣିଛି। ଟ୍ରମ୍ପ ନିଜର ଟ୍ରୁଥ ସୋସିଆଲ୍ ଆକାଉଣ୍ଟରେ ଏହି ଆଲୋଚନାକୁ ଫଳପ୍ରଦ ବୋଲି ଦର୍ଶାଇଛନ୍ତି। ବେରୁତକୁ ସୈନ୍ୟ ପଠାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପଟେ, ନେତନ୍ୟାହୁ କହିଛନ୍ତି ଯେ ଦକ୍ଷିଣ ଲେବାନନରେ ଇସ୍ରାଏଲର ଅଭିଯାନ ଜାରି ରହିବ। ଯଦି ହିଜବୁଲ୍ଲା ପକ୍ଷରୁ ରକେଟ ମାଡ଼ ବନ୍ଦ ନହୁଏ, ତେବେ ବେରୁତ ଉପରେ ଆକ୍ରମଣ କରିବା ପାଇଁ ବିକଳ୍ପ ଖୋଲା ଅଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ଘଟଣା ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଥିବା ସମ୍ପର୍କରେ ସୃଷ୍ଟି ହୋଇଥିବା ତିକ୍ତତାକୁ ଉଜାଗର କରୁଥିବା ବିଶେଷଜ୍ଞ ମାନେ କହିଛନ୍ତି। ଯୁଦ୍ଧ ପରିସ୍ଥିତିରୁ ମୁକୁଳିବାକୁ ୱାସିଂଟନ ଚେଷ୍ଟା କରୁଥିବା ବେଳେ ଇସ୍ରାଏଲର ବାରମ୍ବାର ବିଭିନ୍ନ ଦେଶ ଉପରେ ଆକ୍ରମଣ ଏଥିରେ ଭୀଷଣ ବାଧା ଉପୁଜାଉଛି।

## ଟିଏମ୍‌ସି ରାଜନୀତିରେ ମହାସଙ୍କଟ

କଲିକତା, ୨।୬(ଏଜେନ୍ସି): ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବେ ଏକ ବଡ଼ ଧରଣର ଆଭ୍ୟନ୍ତରୀଣ ବିଦ୍ରୋହର ସମ୍ମୁଖୀନ ହୋଇଛି। ପ୍ରାୟ ୫୦ ଜଣ ବିଧାୟକ ଦଳରୁ ଅଲଗା ହୋଇ ନିଜକୁ 'ଅସଲି ତୃଣମୂଳ' ଭାବେ ଦାବି କରିବା ସହ ଦଳର



ନିର୍ବାଚନ ଚିହ୍ନ 'ଯୋଡ଼ା ଫୁଲ' ଉପରେ ହକ ଜାହିର କରିବାକୁ ପ୍ରସ୍ତୁତ ହେଉଥିବା ଖବର ପ୍ରକାଶ ପାଇବା ପରେ ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଦଳରୁ ବହିଷ୍କୃତ ହୋଇଥିବା ଜାତୀୟ ମୁଖପାତ୍ର ରିଜୁ ଦତ୍ତଙ୍କ କହିବା ଅନୁଯାୟୀ, କଲିକତାର ଏକ ପ୍ରତିଷ୍ଠିତ ହୋଟେଲରେ ପ୍ରାୟ ୫୦ ଜଣ ବିଧାୟକ ଏକ ଗୁପ୍ତ ବୈଠକ କରି ଏଭଳି ଯୋଜନା ପ୍ରସ୍ତୁତ କରିଛନ୍ତି। ବିଧାନସଭାରେ ବିରୋଧୀ ଦଳ ନେତା ଚୟନ ପ୍ରକ୍ରିୟାରେ ବିଧାୟକମାନଙ୍କ ଜାଲ୍ ଦସ୍ତଖତ ଅଭିଯୋଗକୁ ନେଇ ଏଭଳି ଅସନ୍ତୋଷ ତୀବ୍ର ହୋଇଛି। ୨୯୪ ସଦସ୍ୟ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭାରେ ଟିଏମସିର ବର୍ତ୍ତମାନ ୮୦ ଜଣ ବିଧାୟକ ଅଛନ୍ତି।

ଅନ୍ୟପକ୍ଷରେ ଟିଏମସି ପକ୍ଷରୁ ଅଭିଯୋଗ କରାଯାଇଛି ଯେ ନିର୍ବାଚନ କମିସନଙ୍କୁ ଅସ୍ତ୍ର କରି ଦଳକୁ କ୍ଷମତାଚ୍ୟୁତ କରିବା ପରେ ଏବେ ଦଳ ଭିତରେ ଫାଟ ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର ଚଳାଇଛି ବିଜେପି। ଏହାକୁ ସଫଳ ହେବାକୁ ଦିଆଯିବ ନାହିଁ। ଆଜି ଏଠାରେ

### 'ଦଳକୁ ଭାଙ୍ଗିବା ଲାଗି ଷଡ଼ଯନ୍ତ୍ର କରାଯାଉଛି'

ଧାରଣାରେ ବସିଥିବା ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ ନିର୍ବାଚନରେ ୨୯୪ ଆସନ ମଧ୍ୟରୁ ୧୭୯ଟି ଆସନରେ ଜାଲିଆତି କରି ଫଳାଫଳକୁ ନିଜ ସପକ୍ଷରେ କରିଛି ବିଜେପି। ରାଜ୍ୟରେ ବିଜେପି ସରକାରକୁ ଖୁବଶୀଘ୍ର ବିତାଡ଼ିତ କରାଯିବ ବୋଲି ସେ କହିଛନ୍ତି। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ବିଜେପିର ବିଜୟ ପରେ ଟିଏମ୍‌ସି କର୍ମୀ ଓ ନେତାଙ୍କ ଉପରେ ହୋଇଥିବା ଆକ୍ରମଣ ବିରୋଧରେ ଦଳର ସୁପ୍ରିମୋ ମମତା ବାନାର୍ଜୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ମଙ୍ଗଳବାର ସେ କେନ୍ଦ୍ରୀୟ କୋଲକାତାରେ ଏକ ଦିନିକିଆ ଧାରଣା ଆରମ୍ଭ କରିଛନ୍ତି।



## ୟୁକ୍ରେନ ଉପରେ ରୁଷର ଆକ୍ରମଣ: ୧୬ ମୃତ, ଶହ ଶହ ଆହତ

କିଭ୍, ୨।୬(ଏଜେନ୍ସି): ୟୁକ୍ରେନ ଉପରେ ରୁଷ ପକ୍ଷରୁ କରାଯାଇଥିବା ମିସାଇଲ ଏବଂ ଡ୍ରୋନ ଆକ୍ରମଣରେ ୧୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଶହ ଶହ ଲୋକ ଆହତ ହୋଇଛନ୍ତି। ରୁଷର ଏହି ଶକ୍ତିଶାଳୀ ଆକ୍ରମଣ ପରେ ସାରା ଦେଶରେ ଆତଙ୍କ ଖେଳିଯାଇଛି। ୟୁକ୍ରେନର ରାଜଧାନୀ କିଭ୍‌ରେ ରୁଷର ବାଲିଷ୍ଟିକ ମିସାଇଲ ମାଡ଼ରେ ୪ ଜଣଙ୍କର ପ୍ରାଣହାନି ଘଟିଛି ଏବଂ ୫୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ଶିଶୁ ମଧ୍ୟ ସାମିଲ ଅଛନ୍ତି। ସେହିପରି ଦନିପ୍ରୋ ସହରରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୫ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ରହିଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କିଛି ଦିନ ପୂର୍ବରୁ ଏହି ଆକ୍ରମଣ ସମ୍ପର୍କରେ ସୂଚନା ଦେଇଥିଲେ। ଗୋଇନ୍ଦା ରିପୋର୍ଟ ଆଧାରରେ ସେ କହିଥିଲେ ଯେ ରୁଷ ଏକ ବୃହତ ନୂତନ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଛି। ଜେଲେନସ୍କି ପୁଣି ଥରେ ପାଶ୍ଚାତ୍ୟ ସହଯୋଗୀ ଦେଶଗୁଡ଼ିକୁ, ବିଶେଷ କରି ଆମେରିକାକୁ ଅଧିକ ପାଟ୍ରିଅଟ୍ ଏୟାର ଡିଫେନ୍ସ ସିଷ୍ଟମ ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ଖାର୍କିଭ୍ ସହରରେ ମଧ୍ୟ ରୁଷର ରାତିକାଳୀନ ଆକ୍ରମଣରେ ଏକ ଶିଶୁ ସମେତ ୧୦ ଜଣ ଆହତ ହୋଇଛନ୍ତି। ଅନ୍ୟପଟେ ୟୁକ୍ରେନ ପକ୍ଷରୁ ମଧ୍ୟ ରୁଷର କୁର୍ସ୍କ ଅଞ୍ଚଳରେ ଡ୍ରୋନ ଆକ୍ରମଣ କରାଯାଇଥିଲା। ଏଥିରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ରୁଷ ଅଧିକାରୀମାନେ ପ୍ରକାଶ କରିଛନ୍ତି।

## ମ୍ୟାଁମାରରେ ଭାରତ ବିରୋଧୀ କାର୍ଯ୍ୟକଳାପ ହେବ ନାହିଁ

ନୂଆଦିଲ୍ଲୀ, ୨।୬(ଏଜେନ୍ସି): ଭାରତ ଗସ୍ତରେ ଥିବା ମିଆଁମାର ରାଷ୍ଟ୍ରପତି ଜେନେରାଲ ମିନ୍ ଅଙ୍ଗ୍ ହ୍ଲାଇଙ୍ଗ୍ ଭାରତର ସୁରକ୍ଷା ସ୍ୱାର୍ଥ ରକ୍ଷା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି ଯେ, ମିଆଁମାରର ଭୂଖଣ୍ଡକୁ ନୂଆଦିଲ୍ଲୀ ବିରୋଧରେ କୌଣସି ପ୍ରକାର ଅପକର୍ମ କିମ୍ବା ସୁରକ୍ଷା ବିରୋଧୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରିବାକୁ ଦିଆଯିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ହୋଇଥିବା ଏକ ଉଚ୍ଚସ୍ତରୀୟ ବୈଠକ ପରେ ବୈଦେଶିକ ସଚିବ ବିକ୍ରମ ମିସ୍ରି ଏହି ସୂଚନା ଦେଇଛନ୍ତି। ୪ ଦିନିଆ ଭାରତ ଗସ୍ତରେ ଆସିଥିବା ରାଷ୍ଟ୍ରପତି ହ୍ଲାଇଙ୍ଗ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀ ମିଆଁମାରର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତା ପ୍ରତି ଭାରତର ସମର୍ଥନକୁ ଦୋହରାଇଛନ୍ତି। ଭାରତର 'ନେବରହୁଡ୍

### ମୋଦୀଙ୍କୁ ପ୍ରତିଶ୍ରୁତି ଦେଲେ ମିନ୍ ଅଙ୍ଗ୍

ଫାଷ୍ଟ', 'ଆକ୍ଟ ଇଷ୍ଟ' ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ନୀତିରେ ମିଆଁମାର ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ଗସ୍ତ ସମୟରେ ଅର୍ଥନୈତିକ ସହଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

## ପୁଣି ଏକାଠି ହୋଇପାରନ୍ତି ଶିବ ସେନା ପରିବାର

ମୁମ୍ବାଇ, ୨।୬(ଏଜେନ୍ସି): ମହାରାଷ୍ଟ୍ରରେ ଶିବସେନା (ୟୁବିଟି) ନେତା ତଥା ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ, ଉପ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀର ନେତାମାନଙ୍କୁ ପୁଣି ଥରେ ଦଳକୁ ଫେରିବା ପାଇଁ ନିମନ୍ତ୍ରଣ ଦେଇଛନ୍ତି। ମହାରାଷ୍ଟ୍ର ରାଜନୀତିରେ ବିଜେପି ଦ୍ୱାରା ଶିନ୍ଦେ ଶିବିରର ନେତାମାନେ ଅବହେଳିତ କିମ୍ବା ଅପମାନିତ ଅନୁଭବ କରୁଥିବା ଖବର ପ୍ରଚାର ହୋଇଛି। ଏହାରି ମଧ୍ୟରେ ମଙ୍ଗଳବାର ନାସିକରେ ସାମ୍ବାଦିକମାନଙ୍କ ସହ ସଞ୍ଜୟ ରାଉତ କଥା ହେବା ବେଳେ ଶିନ୍ଦେଙ୍କ ଗୋଷ୍ଠୀକୁ ଦଳକୁ ଫେରିବାକୁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ, ଯଦି ୨୦୨୨ରେ ଶିନ୍ଦେଙ୍କ ସହ ଯାଇଥିବା କୌଣସି ନେତା ନିଜର ଭୁଲ୍ ପାଇଁ ଅନୁତାପ କରୁଛନ୍ତି, ତେବେ ସେମାନେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଦଳକୁ ଫେରିଆସିବା



ଉଚିତ। ଯଦି କେହି ଅନୁଭବ କରୁଛନ୍ତି ଯେ ବିଜେପି ସେମାନଙ୍କୁ ଅପମାନିତ କରୁଛି, ତେବେ ସେମାନଙ୍କ ପାଇଁ ଦ୍ୱାର ଖୋଲା ଅଛି। ତେବେ ରାଉତ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଦଳ ଛାଡ଼ିଥିବା ସମସ୍ତ ବ୍ୟକ୍ତିଙ୍କୁ ପୁନଃ ପ୍ରବେଶର ସୁଯୋଗ ମିଳିବ ନାହିଁ। ଏହି ନିମନ୍ତ୍ରଣ ପଛରେ ଶିନ୍ଦେ ଗୋଷ୍ଠୀ ମଧ୍ୟରେ ଉପୁଜିଥିବା ଅସନ୍ତୋଷ ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ନିକଟରେ ଶିନ୍ଦେ ଗୋଷ୍ଠୀର ନେତା ଅବଦୁଲ ସତ୍ତାର କ୍ଷୋଭ ପ୍ରକାଶ କରି କହିଥିଲେ ଯେ, ବିଜେପି ଶିବସେନା (ୟୁବିଟି)ର ହାତ ଓ ଗୋଡ଼ କାଟିଥିବା ବେଳେ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଏହାର 'ମୁଣ୍ଡ କାଟିବା' ପାଇଁ ଚେଷ୍ଟା କରୁଛି। ଯଦି ବିଜେପି ଆମକୁ ଶେଷ କରିବାକୁ ଚାହୁଁଛି, ତେବେ ଏହି ମେଣ୍ଟର କୌଣସି ଅର୍ଥ ନାହିଁ ବୋଲି ସତ୍ତାର କହିଥିଲେ। ତେବେ ରାଉତ ବିଜେପି ଦଳକୁ ଭାଙ୍ଗିବାକୁ ଷଡ଼ଯନ୍ତ୍ର କରିଥିଲା ବୋଲି କହିବା ସହ ଶିନ୍ଦେ ଗୋଷ୍ଠୀକୁ ନିର୍ବାଚନ କମିଶନଙ୍କ 'ଦୁର୍ନୀତିଗ୍ରସ୍ତ ପଦ୍ଧତି'ରୁ ଜନ୍ମିତ ଏକ ଗୋଷ୍ଠୀ ବୋଲି କଟାକ୍ଷ କରିଛନ୍ତି। ଅନ୍ୟପଟେ ଶିବସେନା (ୟୁବିଟି) ମୁଖପାତ୍ର ସୁଷମା ଅନ୍ଧାରେ, ଅବଦୁଲ ସତ୍ତାରଙ୍କ ବୟାନ ଉପରେ ପ୍ରତିକ୍ରିୟା ଦେଇ ବିଜେପିକୁ 'ଧୀମା ବିଷ' ବୋଲି ଅଭିହିତ କରିଛନ୍ତି।

## ଆମେରିକାରେ ୩୦ ଭାରତୀୟ ଟ୍ରକ ଡ୍ରାଇଭର ଗିରଫ

ନ୍ୟୁୟର୍କ, ୨।୬(ଏଜେନ୍ସି): ଆମେରିକାରେ ବେଆଇନ ଭାବେ ରହି ବାଣିଜ୍ୟିକ ଟ୍ରକ ଚଳାଉଥିବା ଅଭିଯୋଗରେ ୩୦ ଜଣ ଭାରତୀୟଙ୍କୁ ଗିରଫ କରାଯାଇଛି। ଆରିଜୋନାର ୟୁମା ସେକ୍ଟରରେ ସଂଘୀୟ ଏଜେଣ୍ଟମାନଙ୍କ ଏକ ସ୍ୱତନ୍ତ୍ର ଅଭିଯାନ 'ଅପରେସନ ଚେକମେଟ' ମେ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଗିରଫ ହୋଇଥିବା ଭାରତୀୟମାନଙ୍କୁ ଖୁବଶୀଘ୍ର ନିଜ ଦେଶକୁ ପଠାଇ ଦିଆଯିବ ବୋଲି ଜଣାପଡ଼ିଛି। ୟୁଏସ କଷ୍ଟମ୍ସ ଆଣ୍ଡ ବର୍ଡର ପ୍ରୋଟେକ୍ସନ ପକ୍ଷରୁ ଏନେଇ ବିବୃତ୍ତି ଜାରି କରାଯାଇଛି। ମୋଟ ୫୨ ଜଣ ଅନୁପ୍ରବେଶକାରୀଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୬ ଜଣ ସେମି-ଟ୍ରକ ଚାଳକ ଭାବେ କାର୍ଯ୍ୟ କରୁଥିଲେ। ଏହି ୩୬ ଜଣ ଚାଳକଙ୍କ ମଧ୍ୟରୁ ୩୦ ଜଣ ଭାରତର ହୋଇଥିବା ବେଳେ ବାକି ୬ ଜଣ ମେକ୍ସିକୋ, ଏଲ୍ ସାଲଭାଡୋର ଏବଂ ରୁଷର ନାଗରିକ ବୋଲି ପରିଚୟ ମିଳିଛି। ଗିରଫ ଚାଳକମାନଙ୍କ ମଧ୍ୟରୁ କେତେକଙ୍କ ପାଖରେ କାଲିଫର୍ଣ୍ଣିଆ, ନ୍ୟୁୟର୍କ, ୱାସିଂଟନ ଏବଂ ଭର୍ଜିନିଆ ଭଳି ରାଜ୍ୟର ବାଣିଜ୍ୟିକ ଡ୍ରାଇଭିଂ ଲାଇସେନ୍ସ ରହିଥିଲା। କେତେକଙ୍କ ପାଖରେ ଆଦୌ କୌଣସି ଡ୍ରାଇଭିଂ ଲାଇସେନ୍ସ ନଥିଲା। ଅଧିକାଂଶଙ୍କ ପାଖରେ ଜୋ ବାଇଡେନ ପ୍ରଶାସନ ସମୟରେ ପ୍ରଦାନ କରାଯାଇଥିବା କାର୍ଯ୍ୟ ଅନୁମତି ପତ୍ର ଥିଲେ ହେଁ, ସେଗୁଡ଼ିକର ଅବଧି ଶେଷ ହୋଇଯାଇଥିଲା। ସୂଚନାଯୋଗ୍ୟ, ବିଗତ କିଛି ମାସ ମଧ୍ୟରେ ଆମେରିକାରେ ଭାରତୀୟ ବଂଶୋଦ୍ଭବ ଟ୍ରକ ଚାଳକଙ୍କ ଦ୍ୱାରା ଘଟିଥିବା କେତେକ ଦୁର୍ଘଟଣା ପରେ କାର୍ଯ୍ୟାନୁଷ୍ଠାନକୁ କଡ଼ାକଡ଼ି କରାଯାଇଛି। ଗିରଫ ସମସ୍ତ ବ୍ୟକ୍ତିଙ୍କୁ ସଂଘୀୟ ଆଇନ ଅନୁଯାୟୀ ପ୍ରକ୍ରିୟାକରଣ କରାଯାଇ ସେମାନଙ୍କୁ ଦେଶାନ୍ତର କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି।

## ଲେବାନନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣ

ତେହରାନ୍, ୨।୬(ଏଜେନ୍ସି): ଲେବାନନ୍ ଉପରେ ଇସ୍ରାଏଲ୍‌ର କ୍ରମାଗତ ଆକ୍ରମଣକୁ ନେଇ ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଇରାନ, ଇସ୍ରାଏଲକୁ ପ୍ରତ୍ୟକ୍ଷ ସଂଘର୍ଷ ପାଇଁ ଚେତାବନୀ ଦେଇଛି। ମଙ୍ଗଳବାର ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ ଲେବାନନ୍ ବାଚସ୍ପତି ନବିହ ବେରିଙ୍କ ସହ ଆଲୋଚନା କରି ଏହି କଠୋର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ବାଚସ୍ପତି ଗାଲିବାଫ୍ କହିଛନ୍ତି ଯେ ଯଦି ଲେବାନନ୍‌ରେ ଇସ୍ରାଏଲର ଅପରାଧ ଜାରି ରହେ, ତେବେ ଇରାନ କେବଳ ଆମେରିକା ସହ ଜାରି ରହିଥିବା ଶାନ୍ତି ଆଲୋଚନାକୁ ସ୍ଥଗିତ ରଖିବ ନାହିଁ, ବରଂ ଇସ୍ରାଏଲ ବିରୋଧରେ ଦୃଢ଼ତାର ସହ ଠିଆ ହେବ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ଇରାନବାସୀଙ୍କ ଅଧିକାର ସୁରକ୍ଷିତ ନହୋଇଛି, ସେପର୍ଯ୍ୟନ୍ତ ତେହେରାନ ଆମେରିକା ସହ କୌଣସି ଚୁକ୍ତିରେ ସହମତି ପ୍ରକାଶ କରିବ ନାହିଁ। ସୂଚନାଯୋଗ୍ୟ, ଇରାନ ବର୍ତ୍ତମାନ ମଧ୍ୟସ୍ଥିଙ୍କ ଜରିଆରେ ଆମେରିକା ସହ ବାର୍ତ୍ତା ବିନିମୟ ବନ୍ଦ କରିଦେଇଛି। ଇରାନର ଅନୁଯାୟୀ, ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ବୁଝାମଣାରେ ଲେବାନନ୍ ମଧ୍ୟ ଏକ ଅଂଶ ରହିଥିଲା। ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଗଚି ସ୍ପଷ୍ଟ କରିଛନ୍ତି ଯେ, ଯଦି କୌଣସି ଗୋଟିଏ ସାମ୍ମୁଖ୍ୟରେ ଯୁଦ୍ଧବିରତି ଉଲ୍ଲଂଘନ ହୁଏ, ତେବେ ଏହାକୁ ସମସ୍ତ ସାମ୍ମୁଖ୍ୟରେ ଉଲ୍ଲଂଘନ ବୋଲି ବିବେଚନା କରାଯିବ। ଇସ୍ରାଏଲର ଆକ୍ରମଣ ଯୋଗୁଁ ହର୍ମୁଜ୍ ପ୍ରଣାଳୀ ଅବରୋଧ ହେବା ସହ ସାମଗ୍ରିକ ପରିସ୍ଥିତି ଆହୁରି ଜଟିଳ ହୋଇଛି। ସେପଟେ ଲେବାନନ୍‌ରେ ସକ୍ରିୟ ଥିବା ହିଜବୁଲ୍ଲାକୁ ଇରାନ ସମର୍ଥନ କରୁଛି। କିନ୍ତୁ ଆମେରିକାର ଟ୍ରମ୍ପ ପ୍ରଶାସନ ଇରାନ ସହ ଶାନ୍ତି ଚୁକ୍ତି ପାଇଁ ହିଜବୁଲ୍ଲାର ନିରସ୍ତ୍ରୀକରଣକୁ ଏକ ପ୍ରମୁଖ ସର୍ତ୍ତ ଭାବେ ରଖିଛି। ଅନ୍ୟପଟେ ଇସ୍ରାଏଲର ଦାବି ହେଉଛି ଯେ ପାକିସ୍ତାନରେ ହୋଇଥିବା ଆଲୋଚନାରେ ଲେବାନନ୍ ସାମିଲ ନଥିଲା। ଏହି ପରି ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ପଶ୍ଚିମ ଏସିଆରେ ଏକ ବଡ଼ ଧରଣର ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି। ଇରାନ ହର୍ମୁଜରେ ନିଜର ପ୍ରତିରୋଧ ଜାରି ରଖିବା ଏବଂ ଆମେରିକା-ଇସ୍ରାଏଲକୁ ଏହାର ପରିଣାମ ପାଇଁ ଦାୟୀ କରିବାକୁ ଚେତାବନୀ ଦେଇଛି।

# ଗୁଳୁଗୁଳି ସହ ଜାରି ରହିବ କାଳବୈଶାଖୀ

ଭୁବନେଶ୍ୱର, ୨।୬(ସମିସ): ରାଜ୍ୟରେ କାଳବୈଶାଖୀ ପ୍ରଭାବ ଜାରି ରହିଛି। ଦିନରେ ଅନେକ ସ୍ଥାନରେ ଗରମ ଗୁଳୁଗୁଳି ଲାଗି ରହିଥିବା ବେଳେ ଅପରାହ୍ଣ ପରେ ଭୀଷଣ କାଳବୈଶାଖୀ ହେଉଛି। ବିଶେଷକରି, ଉପକୂଳବର୍ତ୍ତୀ ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ଅଧିକ ରହୁଥିବା ବେଳେ ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ପ୍ରବଳ କାଳବୈଶାଖୀ ପାଇଁ ପାଣିପାଗ କେନ୍ଦ୍ର ଆକଳନ କରିଛି। ଗତ ୨୪ଘଣ୍ଟାରେ ଭଦ୍ରକରେ ୧୩.୪ମିମି ବର୍ଷା ରେକର୍ଡ ହୋଇଥିବା ବେଳେ କେନ୍ଦୁଝରରେ ୧୨.୫ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ବାଲେଶ୍ୱର, ବାରିପଦା, ଚାନ୍ଦବାଲି, ଅନୁଗୁଳ, ରାୟଗଡ଼ା ଓ ଯାଜପୁରରେ ମଧ୍ୟ କାଳବୈଶାଖୀ ଜନିତ ବର୍ଷା ରେକର୍ଡ ହୋଇଛି। ବୁଧବାର କେନ୍ଦୁଝର, ମୟୂରଭଞ୍ଜ ଓ ନବରଙ୍ଗପୁରରେ ଭୀଷଣ କାଳବୈଶାଖୀ ଆଶଙ୍କା ସହ ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ୫୦-୬୦କିମି ପର୍ଯ୍ୟନ୍ତ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ପବନର ବେଗ ୪୦-୫୦ କିମି ବେଗରେ ପବନ ବହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

ଅନ୍ୟପଟେ କାଳବୈଶାଖୀ ସାଙ୍ଗକୁ ରାଜ୍ୟରେ ଆଗକୁ ଗୁଳୁଗୁଳି ମଧ୍ୟ ଜାରି ରହିବ। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାରେ ଗୁଳୁଗୁଳିର ପ୍ରଭାବ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରେ ଗୁଳୁଗୁଳି ନେଇ ପାଣିପାଗ କେନ୍ଦ୍ର ଆକଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

## ବଜ୍ରପାତରେ ଦୁଇ ଭାଇ ମୃତ



କିଶୋରନଗର, ୨।୬ (ସମିସ): କିଶୋରନଗର ବ୍ଲକ୍ ହଣ୍ଡପା ଥାନା ଅଧୀନ ପାପସରା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବଜ୍ରପାତରେ ଦୁଇ ସମ୍ପର୍କୀୟ ଭାଇଙ୍କ ଜୀବନ ଯାଇଛି। ମୃତ ଯୁବକଦ୍ୱୟ ହେଲେ, ସଞ୍ଜୟ ସାହୁ(୨୫) ଓ ଆରତ ବେହେରା (୨୩)। ଗତରାତିରେ ଏହି ଅଘଟଣ ଘଟିଛି।

ଗତକାଲି ଅପରାହ୍ଣରେ ସଞ୍ଜୟ ଓ ଆରତ ଚାଷ କାମ ପାଇଁ ବିଲକୁ ଯାଇଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ବିଲରେ କାମ କରୁଥିବା ଅବସ୍ଥାରେ ହିଁ ଦୁହେଁ ବଜ୍ରାଘାତର ଶିକାର ହୋଇଥିଲେ। ଘଟଣାସ୍ଥଳରେ ଦୁହେଁ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକ ଓ ପରିବାର ସଦସ୍ୟ ସେମାନଙ୍କୁ ତୁରନ୍ତ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ହଣ୍ଡପା ଥାନା ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁଇ ଯୁବକଙ୍କ ମୃତ୍ୟୁରେ ସ୍ଥାନୀୟ ପ୍ରଶାସନ ତଥା ଜନପ୍ରତିନିଧିମାନେ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

### ଶିମିଳିପାଳ ପାଇଁ ଖୁସି ଖବର

# ୪ ଶାବକ ଜନ୍ମ ଦେଲା ଜିନତ

ବାରିପଦା, ୨।୬(ସମିସ): ଶିମିଳିପାଳ ଅଭୟାରଣ୍ୟରେ ବାଘଙ୍କ ଜେନେଟିକ୍ ବିବିଧତା ବଢ଼ାଇବା ଲକ୍ଷ୍ୟ ନେଇ ଓଡ଼ିଶା ବନ ବିଭାଗର ପ୍ରୟାସକୁ ଏକ ବଡ଼ ସଫଳତା ମିଳିଛି। ମହାରାଷ୍ଟ୍ରର ତାଡ଼ୋବା-ଅନ୍ଧାରୀ ଅଭୟାରଣ୍ୟରୁ ଏଠାକୁ ଆସିଥିବା ବାଘୁଣୀ ଜନିତ ଏକାଥରକେ ୪ଟି ଶାବକ ଜନ୍ମ ଦେଇ ଶିମିଳିପାଳ ପାଇଁ ଖୁସି ଖବର ଆଣି ଦେଇଛି। ଗତ ମେ' ମାସରେ ଜିନତ ୪ଟି ସ୍ୱାସ୍ଥ୍ୟବାନ୍ ଶାବକ ଜନ୍ମ ଦେଇଛି। ଛୁଆଗୁଡ଼ିକର ବୟସ ପ୍ରାୟ ୩ରୁ ୪ ସପ୍ତାହ ହୋଇଥିବା ଜଣାପଡ଼ିଛି। ଜିନତ ତା' ଶାବକମାନଙ୍କୁ ନେଇ ଯାଉଥିବାର ଦୃଶ୍ୟ ଗତ ମେ' ୨୮ ତାରିଖରେ ଏଆଇ କ୍ୟାମେରାରେ କଏଦ୍ ହୋଇଛି।

#### ଓଡ଼ିଶାର ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଐତିହାସିକ ସଫଳତା: ମୁଖ୍ୟମନ୍ତ୍ରୀ

ସମସ୍ତ ଛୁଆ ସାଧାରଣ ରଙ୍ଗର ବୋଲି ଓଡ଼ିଶା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ସାଟେଲାଇଟ୍ କଲର୍ ଏବଂ ଭିଏଚ୍ଏଫ୍ ସିଗନାଲ ମାଧ୍ୟମରେ ଜିନତ ଓ ଶାବକମାନଙ୍କ ଉପରେ ନଜର ରଖାଯାଇଛି। ଅଞ୍ଚଳରେ ପାଟ୍ରୋଲିଂ ମଧ୍ୟ ବଢ଼ାଯାଇଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ଅପରପକ୍ଷେ, ଓଡ଼ିଶାର ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଏହା ଐତିହାସିକ ସଫଳତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଦର୍ଶାଇଛନ୍ତି ଯେ ଶିମିଳିପାଳରେ ବାଘ ସଂଖ୍ୟା ବୃଦ୍ଧି ସହ ଜେନେଟିକ୍ ବିବିଧତାକୁ ଏହା ମଜବୁତ କରିବ। ବୈଜ୍ଞାନିକ ପଦ୍ଧତି ଆଧାରିତ ସଂରକ୍ଷଣ କାର୍ଯ୍ୟକ୍ରମ ଏବଂ ବନ ବିଭାଗର କର୍ମଚାରୀମାନଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସର ଏହା ଏକ ଉଜ୍ଜ୍ୱଳ ଉଦାହରଣ। ସେହିପରି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଓଡ଼ିଶାର ସୁଦୃଢ଼ ବନ୍ୟପ୍ରାଣୀ ସଂରକ୍ଷଣ ନୀତି ଓ ପ୍ରଶାସନିକ ଦୂରଦୃଷ୍ଟିର ଏହା ଏକ ଉଜ୍ଜ୍ୱଳ ଉଦାହରଣ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଅନୁକୂଳ ପରିବେଶ ଓ ସୁରକ୍ଷିତ ବାସସ୍ଥାନ ଏହି ସଫଳତାକୁ ସମ୍ଭବ କରିଛି।

ସୂଚନାଯୋଗ୍ୟ, ଓଡ଼ିଶା ବନ ବିଭାଗ ତାଡ଼ୋବାରୁ ଦୁଇଟି ବାଘୁଣୀ (ଜମୁନା ଓ ଜିନତ)ଙ୍କୁ ୨୦୨୪ ମସିହାରେ ଶିମିଳିପାଳକୁ ଆଣିଥିଲା। କେନ୍ଦ୍ର ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ୨୬ ସେପ୍ଟେମ୍ବର ୨୦୨୪ରେ ଏହି ପ୍ରକଳ୍ପକୁ ଅନୁମୋଦନ କରିଥିଲା। ଜିନତ ପ୍ରଥମେ ଶିମିଳିପାଳରୁ ବାହାରକୁ ଯାଇ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ପ୍ରାୟ ୨୫୦ କିଲୋମିଟର ଯାତ୍ରା



କରିଥିଲା। କିନ୍ତୁ, ଓଡ଼ିଶା ବନ ବିଭାଗର ଫ୍ରଣ୍ଟ ଲାଇନ୍ ଷ୍ଟାଫ୍ ଓ ପଶ୍ଚିମବଙ୍ଗ ବନ ବିଭାଗର ସହଯୋଗରେ ୧ ଜାନୁଆରୀ ୨୦୨୫ରେ ତାକୁ ପୁନର୍ବାର ଧରି ଶିମିଳିପାଳକୁ ଫେରାଇ ଆଣଯାଇଥିଲା। ଏପ୍ରିଲ୍ ୨୦୨୫ରେ ପୁଣି ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା। ପରେ ତା'ର ସ୍ଥାନୀୟ ପୁରୁଷ ବାଘ ସହ ମିଳନ ହୋଇଥିଲା। ଜାନୁଆରୀ ୨୦୨୬ରେ ଦ୍ୱିତୀୟଥର ମିଳନ ପରେ ଜିନତ ଗର୍ଭ ଧାରଣ କରିଥିଲା। ଏବେ ଜିନତ ୪ଟି ଶାବକ ଜନ୍ମ ଦେଇ ଶିମିଳିପାଳ ପାଇଁ ଖୁସି ଖବର ଆଣିଦେଇଛି। ଓଡ଼ିଶା ବନ ବିଭାଗର ଆନ୍ତଃରାଜ୍ୟ ବାଘ ସ୍ଥାନାନ୍ତର ପ୍ରକଳ୍ପର ଏକ ବଡ଼ ସଫଳତା ଭାବେ ପ୍ରମାଣିତ ହୋଇଛି।

## ଗୋଟିଏ ରଶିରେ ଝୁଲିପଡ଼ିଲେ ଦମ୍ପତି

ପିପିଲି,୨।୬(ସମିସ): ପିପିଲି ଥାନା ସାତଶଙ୍ଖ ଫାଣ୍ଡି ଅନ୍ତର୍ଗତ ଅର୍ଜୁନସିଂହପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏକ ବନ୍ଦ ଘରୁ ଦମ୍ପତିଙ୍କ ଝୁଲନ୍ତା ମୃତଦେହକୁ ସାତଶଙ୍ଖ ଫାଣ୍ଡି ପୁଲିସ ଜବତ କରିଛି। ମୃତ ଦମ୍ପତି ହେଲେ, ଭାସ୍କର ଚନ୍ଦ୍ର ଦାଶ (୪୦) ଏବଂ ତାଙ୍କ ସ୍ତ୍ରୀ କାଜଲ ଦାଶ(୨୭)।

ଭାସ୍କର ୮ବର୍ଷ ତଳେ ସତ୍ୟବାଦୀ ଥାନା ଅନ୍ତର୍ଗତ ଚଉଦବାଟିଆ ଗ୍ରାମରେ ବିବାହ କରିଥିଲେ। ତାଙ୍କର କୌଣସି ସନ୍ତାନ ନ ଥିଲେ। ଉକ୍ତ ଦମ୍ପତି ନିଜ ଘର ପାଖରେ ଏକ ଭଡ଼ା ଘର ନେଇ ରହୁଥିଲେ। ଗୋଟିଏ ରଶିର ଉଭୟ ପାର୍ଶ୍ୱରେ ଦୁହେଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। କେଉଁ କାରଣରୁ ଦମ୍ପତି ଆତ୍ମହତ୍ୟା କଲେ, ତାହାର କାରଣ ଅସ୍ପଷ୍ଟ ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି। ଭାସ୍କରଙ୍କ ପିତା କୈଳାସ ଦାଶଙ୍କ ଲିଖିତ ଅଭିଯୋଗ ଆଧାରରେ ପିପିଲି ଥାନା ପୁଲିସ ନମ୍ବର ୧୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମରଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଛି। ମାଜିଷ୍ଟ୍ରେଟ୍ ତଥା ପିପିଲିର ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଶବ ଜବତ କରାଯାଇଛି। ଘଟଣାସ୍ଥଳରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ସାତଶଙ୍ଖ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପରିଡ଼ା ଉପସ୍ଥିତ ଥିବା ବେଳେ ଅଧିକ ତଦନ୍ତ ପାଇଁ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଚଳାଇଥିବା ନେଇ ଫାଣ୍ଡି ଅଧିକାରୀ ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି।

### ରାଜ୍ୟରେ ପୁଲିସ ବର୍ବରତାକୁ ନେଇ କଂଗ୍ରେସର ଉଦ୍‌ବେଗ

## ଅପରାଧୀ କର୍ମଚାରୀଙ୍କ ବଦଳି ଓ ନିଲମ୍ବନ ସମାଧାନ ନୁହଁ

ଭୁବନେଶ୍ୱର,୨।୬(ସମିସ): ରାଜ୍ୟରେ ପୁଲିସ ପ୍ରଶାସନର ବର୍ବରତା ସବୁ ସୀମା ଟପି ସାରିଲାଣି। ଥାନା ଭିତରେ ନିର୍ଯାତନା ଏବଂ ହାଜତ ମୃତ୍ୟୁ ମାମଲା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ଘଟୁଥିବା ହିଂସା ଘଟଣାରେ ପୀଡ଼ିତଙ୍କୁ ନ୍ୟାୟ ଦେବାରେ ପୁଲିସ ପ୍ରଶାସନ ବିଫଳ ହୋଇ ଥିବାବେଳେ ସାଧାରଣ ଲୋକଙ୍କୁ ହାଜତରେ ନିର୍ଯାତନା ଦେବା ନିନ୍ଦନୀୟ ବୋଲି ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ ଏବଂ ମୁଖପାତ୍ର ଡଃ ମନିଷା ଦାସ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ




ରାଜ୍ୟରେ ଆଇନଶୃଙ୍ଖଳା ସରକାରଙ୍କ ଆୟତରେ ନାହିଁ ବୋଲି ଉଲ୍ଲେଖ କରି ଦିନକୁ ଦିନ ରାଜ୍ୟରେ ଅରାଜକତା, ହିଂସା, ହତ୍ୟା, ଧର୍ଷଣ, ସାଧାରଣ ଲୋକଙ୍କ ଉପରେ ନିର୍ଯ୍ୟାତନା, ପୁଲିସ ବର୍ବରତା ବଢ଼ି ଚାଲିଥିବା ନେଇ ଶ୍ରୀ ପ୍ରଧାନ ଉଦବେଗ ପ୍ରକାଶ କରିଛନ୍ତି। କବିସୂର୍ଯ୍ୟ ନଗରରେ ଘଟିଥିବା ହାଜତ ହତ୍ୟା ପାଇଁ ସରକାରଙ୍କ ଗୃହ ବିଭାଗ ଏବଂ ପୁଲିସର ଅପାରଗତା ଦାୟୀ ବୋଲି ସେ ଅଭିଯୋଗ କରି ଘଟଣାର ଉପଯୁକ୍ତ ତଦନ୍ତ ପାଇଁ ଦାବି କରିଛନ୍ତି। ସେହିପରି ମୁଖପାତ୍ର ଡଃ ମନିଷା କହିଛନ୍ତି ଯେ ପୁଲିସ ମହାନିର୍ଦ୍ଦେଶକ ଗତ ୧୦ ଦିନ ଭିତରେ ଦୁଇଥର କହିସାରିଲେଣି ଓଡ଼ିଶାରେ ଅପରାଧୀଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ। ଏହାସତ୍ତ୍ୱେ ଅପରାଧୀ ନିର୍ଭୟରେ ଅପରାଧ ଘଟାଇ ଚାଲିଛନ୍ତି। ମାତ୍ର ପୁଲିସ ସାଧାରଣ ଲୋକଙ୍କୁ ଥାନାକୁ ଡକାଇ ଅକଥନୀୟ ନିର୍ଯାତନା ଦେଉଛି। ବାରଙ୍ଗ ଥାନାରେ ରାକେଶ ବେହେରାଙ୍କୁ ପୁଲିସ ଅଟକ ରଖି ନିର୍ଯାତନା ଦେବା ପରେ ସେ ଜୀବନ-ମରଣ ସହ ସଂଘର୍ଷ କରୁଛନ୍ତି। ରାଜନଗର ତାଳଚୁଆ ସାମୁଦ୍ରିକ ଥାନା ଭିତରେ ଆଇଆଇସି ଜଣେ ଗରିବ ମା' ଓ ପୁଅଙ୍କୁ ଅମାନୁଷିକ ଭାବେ ପିଟିଲେ, ମାତ୍ର ଆଇଆଇସିଙ୍କୁ ବଦଳି କରି ପୁଲିସ ପ୍ରଶାସନ ଚୁପ୍ ବସିଛି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନାର ଆଇଆଇସି ଜଣେ ନିରୀହ ଭିନ୍ନକ୍ଷମ ଯୁବକଙ୍କୁ ଉଠାଇ ଆଣି ଦୀର୍ଘ ଦିନ ଧରି ହାଜତ ଭିତରେ ଅକଥନୀୟ ନିର୍ଯାତନା ଏବଂ ପ୍ରବଳ ମାଡ ଦେବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି। ଗତ ୨୦ ଦିନ ଭିତରେ ଗଞ୍ଜାମ ଜିଲାରେ ୧୦ଟି ହତ୍ୟାକାଣ୍ଡ ହେଲାଣି। ୨୦୨୫-୨୬ ବର୍ଷରେ ଓଡ଼ିଶାରେ ହାଜତ ମୃତ୍ୟୁ ସଂଖ୍ୟା ୧୦ରେ ପହଞ୍ଚିଛି। କେବଳ ବଦଳି ଆଉ ନିଲମ୍ବନ କଲେ ଏ ସମସ୍ୟାର କୌଣସି ପରିବର୍ତ୍ତନ ହେବନାହିଁ। ଅନ୍ୟ ରାଜ୍ୟରେ ଏପରି ଘଟଣାରେ ପୁଲିସକୁ ଫାଶୀ ଦଣ୍ଡ ଦିଆଯାଉଥିଲା ବେଳେ ଓଡ଼ିଶାରେ ପୁଲିସଙ୍କ ପାଇଁ ସରକାର ଏତେ ଦୟାଳୁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ସୂଚନା

## ଓଡ଼ିଶାକୁ ମିଳିବ ପିଏମ୍ ସୂର୍ଯ୍ୟଘର ଉତ୍କର୍ଷ ସମ୍ମାନ

ଭୁବନେଶ୍ୱର,୨।୬(ସମିସ): ପିଏମ୍ ସୂର୍ଯ୍ୟଘର ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଓଡ଼ିଶାକୁ ପିଏମ୍ ସୂର୍ଯ୍ୟଘର ଉତ୍କର୍ଷ ସମ୍ମାନ ମିଳିବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ସୂଚନା ପ୍ରଦାନ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୌର ଶକ୍ତିର ଉପଯୋଗ ଓ ସ୍ଥାୟୀ ବିକାଶ ଦିଗରେ ଓଡ଼ିଶା ଆଜି ସାରା ଦେଶ ପାଇଁ ଏକ ଦୃଷ୍ଟାନ୍ତ ପାଲଟିଛି। ମେ' ୨୦୨୬ ମାସରେ ଆୟୋଜିତ 'ସୌର ମାସ' ଅଭିଯାନରେ ଆମ ରାଜ୍ୟର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ଓଡ଼ିଶାକୁ 'ପିଏମ୍ ସୂର୍ଯ୍ୟଘର ଉତ୍କର୍ଷ ସମ୍ମାନ' ପାଇଁ ଚୟନ କରାଯାଇଛି। ଯେଉଁଥିରେ ଆମେ ସର୍ବାଧିକ ଗ୍ରାହକଙ୍କ ଆବେଦନ, ସର୍ବାଧିକ ସୌର ସ୍ଥାପନ ଏବଂ ସର୍ବାଧିକ ଡିସକମ୍ ଯାଞ୍ଚ କ୍ଷେତ୍ରରେ ମଧ୍ୟମ ଧରଣର ଗ୍ରାହକ ସଂଖ୍ୟା ଥିବା ରାଜ୍ୟମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛୁ। ସେହିପରି ଭେଣ୍ଡର ପଞ୍ଜୀକରଣ ବର୍ଗରେ ଆମ ରାଜ୍ୟ ତୃତୀୟ ସ୍ଥାନ ହାସଲ କରିଛି। ଏହି ସଫଳତା ଆମ ସରକାରଙ୍କ ସୁଦୂରପ୍ରସାରୀ ଚିନ୍ତାଧାରା, ବିଭାଗୀୟ ସମନ୍ୱୟ ଓ କ୍ଷେତ୍ରସ୍ତରରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କ ସାମୂହିକ ପ୍ରୟାସର ଫଳ। ଏହି ଅଭିଯାନ ସହ ସମ୍ପୃକ୍ତ ସମସ୍ତ ବିଭାଗ, ଅଧିକାରୀ ଓ ଅଂଶୀଦାରମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଓଡ଼ିଶା ନବୀନ ଶକ୍ତି କ୍ଷେତ୍ରରେ ପରିବେଶ ଅନୁକୂଳ ବିକାଶ ପାଇଁ ସଂକଳ୍ପବଦ୍ଧ ଏବଂ ଏହି ସଫଳତା ଆଗାମୀ ଦିନରେ ରାଜ୍ୟର ଶକ୍ତି କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବା ସହ ଏକ ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନରେ ମୂଳଦୁଆ ପକାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ସରକାରୀ ଗାଡ଼ିରେ କାଠ ଚାଲାଣ

## ରେଞ୍ଜରଙ୍କ ବିରୋଧରେ ଡିଏଫ୍‌ଓଙ୍କୁ ଭେଟିଲେ ୨୫ ଗ୍ରାମର ଲୋକେ

ଅନୁଗୋଳ,୨।୬(ସମିସ): ଅନୁଗୋଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ଯୋତୁମୁଁ ପ୍ରଗଣାର ୨୫ଟି ଗ୍ରାମର ଜନସାଧାରଣ ବିଭିନ୍ନ ସମସ୍ୟା ନେଇ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ)ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜରପଡ଼ା ପୁଲିସ ହାତରେ ଧରାପଡ଼ିଥିଲେ। ମାତ୍ର କୌଣସି ବୈଧ ରସିଦ ଦେଖାଇ ନପାରିଲେ ମଧ୍ୟ ପୁଲିସ ତାଙ୍କୁ ଗିରଫ ନ କରି ଛାଡ଼ି ଦେଇଥିବାରୁ ସ୍ଥାନୀୟ ଲୋକେ ଓ ପରିବେଶବିତ୍‌ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।



ଅପରପକ୍ଷରେ, ଅଞ୍ଚଳରେ ହାତୀ ଓ ବାର୍ହାଙ୍କ ଉପଦ୍ରବ ଯୋଗୁଁ ଚାଷୀମାନେ ବ୍ୟାପକ କ୍ଷତି ସହୁଥିବା ବେଳେ ବନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମୁତାବକ ସୋଲାର ବାଡ଼ କିମ୍ବା ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କରାଯାଉନାହିଁ। ଏନେଇ ଦୁର୍ଲଭ ସାହୁ, ପ୍ରଦୋଷ ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ଯେ, ୧୫ଦିନ ମଧ୍ୟରେ ହାତୀ ଉପଦ୍ରବର

ଜିଲିଣ୍ଡା ରେଞ୍ଜର ଲିଙ୍ଗରାଜ ଭୋଇ ଗତ ମେ' ୨୬ରେ ସରକାରୀ ବୋଲେରୋ ଗାଡ଼ିରେ ଚୋରା ଶାଗୁଆନ କାଠ ନେଇ ନିଜ ଘର ରେଢ଼ାଖୋଲ ଯାଉଥିବା ବେଳେ ସ୍ଥାୟୀ ପ୍ରତିକାର ଓ ଦୁର୍ନୀତିଗ୍ରସ୍ତ ରେଞ୍ଜରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆଗାମୀ ଦିନରେ ସେମାନେ ରେଞ୍ଜ ଅଫିସ ଘେରାଉ ସହ ରାଜରାସ୍ତାକୁ ଓହ୍ଲାଇବେ।

# ଦେଶରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି: ବିଜେଡି

### ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର ୨।୬ (ସମିସ): ବିଜେପି ସରକାରକୁ ଆସିବା ଦିନଠୁ ପ୍ରାୟ ସବୁ ପରୀକ୍ଷାରେ ପେପର ଲିକ୍ ହୋଇ ପରୀକ୍ଷା ବାତିଲ ହୋଇଛି। ବିଗତ ୬ ବର୍ଷ ମଧ୍ୟରେ ଚାରି ଚାରି ଥର ନିଟ୍ ପରୀକ୍ଷା ବାତିଲ୍ ହୋଇଥିବା ବେଳେ ସିବିଏସ୍‌ଇ ପରୀକ୍ଷା ସହ ଅନ୍ୟାନ୍ୟ ପରୀକ୍ଷାରେ ମଧ୍ୟ ବିଭ୍ରାଟ ସୃଷ୍ଟି ହୋଇଛି । ପିଲାଙ୍କ ଭବିଷ୍ୟତ ସହିତ ଖେଳୁଥିବା ବିଜେପି ସରକାର ଉପରେ ବର୍ଷିଛି ବିଜୁ ଜନତା ଦଳ । ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି ବିଜେପି ସରକାର ଦେଶର ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ସହିତ ଖେଳୁଥିବା ଅଭିଯୋଗ କରିଛନ୍ତି ।

ସୁଲତା କହିଛନ୍ତି ଯେବାରମ୍ବାର ପରୀକ୍ଷାରେ ବିଭ୍ରାଟ ହେବା ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ଗଭୀର ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି । ବର୍ଷ ବର୍ଷ ଧରି ପରିଶ୍ରମ କରି ପରୀକ୍ଷା ଦେଉଥିବା ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି । ୨୦୨୪ରେ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେଲା ପରେ




କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିଛି ରାଜ୍ୟରେ ପେପର ଲିକ୍ ହୋଇଥିବା ସ୍ୱୀକାର କରିଥିଲେ । ଚଳିତ ବର୍ଷ ନିଟ୍, ସିବିଏସ୍‌ଇ, ସିୟୁଟି ପରୀକ୍ଷାରେ ବିଭ୍ରାଟ ହେବା ଯୋଗୁଁ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରେ ଗତି କରୁଛନ୍ତି। ମାତ୍ର କେନ୍ଦ୍ରଶିକ୍ଷାମନ୍ତ୍ରୀ ଏହି ପ୍ରସଙ୍ଗରେ ସନ୍ତୋଷଜନକ ଉତ୍ତର ଦେବାରେ ବିଫଳ ହୋଇଛନ୍ତି। ସାମାଜିକ ଗଣମାଧ୍ୟମରେ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ସହ କେନ୍ଦ୍ରମନ୍ତ୍ରୀ ଓ ତାଙ୍କ ପତ୍ନୀଙ୍କ ସମ୍ପୃକ୍ତି ଚର୍ଚ୍ଚା ହେଉଛି। ବିଜୁ ନବୀନ ଇନ୍ସପିରେସନାଲ ଟ୍ରଷ୍ଟ ବିଷୟରେ ବିଭିନ୍ନ ସମୟରେ ଯେପରି ପ୍ରଶ୍ନ ଉଠିଥିଲା ଆମେ ସେଥିରେ ସ୍ପଷ୍ଟତା ଦେଇଥିଲୁ, ସେହିପରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମଧ୍ୟ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ସହ ତାଙ୍କ ପରିବାରର ସମ୍ପର୍କ ସ୍ପଷ୍ଟ କରିବା ଆବଶ୍ୟକ ବୋଲି ଶ୍ରୀମତୀ ଦେଓ କହିଛନ୍ତି।

ଲେନିନ୍ କହିଛନ୍ତି ଯେ ନିଟ୍, ସିବିଏସଇ ଓ ସିୟୁଇଟି ଭଳି ଜାତୀୟସ୍ତରର ପରୀକ୍ଷାରେ ବାରମ୍ବାର ବିଭ୍ରାଟ ଘଟୁଥିବାରୁ ଶିକ୍ଷା ବ୍ୟବସ୍ଥା ପ୍ରତି ଲୋକଙ୍କ ରହିଥିବା ବିଶ୍ୱାସକୁ ଗଭୀର ଆଘାତ ଦେଇଛି। ପେପର ଲିକ୍ ଯୋଗୁଁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଥିବା ବେଳେ କେନ୍ଦ୍ର ସରକାର ଏବଂ ଶିକ୍ଷା ମନ୍ତ୍ରଣାଳୟ ନୈତିକ ଦାୟିତ୍ୱରୁ ମୁକ୍ତ ହୋଇପାରିବେ ନାହିଁ । ବିଭିନ୍ନ ଗଣମାଧ୍ୟମ ଓ ଜାତୀୟ ସମ୍ବାଦପତ୍ରରେ ପ୍ରକାଶିତ ତଥ୍ୟ ଅନୁଯାୟୀ ପରୀକ୍ଷା ପରିଚାଳନାରେ ଗୁରୁତର ବିଫଳତା ପରିଲକ୍ଷିତ ହୋଇଛି । ଏହି ପରିସ୍ଥିତିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ନିରବତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେନ୍ଦ୍ରମନ୍ତ୍ରୀଙ୍କ ଝିଅ ଆମେରିକାର ମେଲୋରସରେ ଉଚ୍ଚଶିକ୍ଷା ଗ୍ରହଣ ସମୟରେ ଏଡୁଟେକ୍ ନିର୍ଦ୍ଦେଶକ ରାଧାକୃଷ୍ଣ ଜୟରମଣ ତାଙ୍କର ସ୍ଥାନୀୟ ଅଭିଭାବକ ଥିବା ଗଣମାଧ୍ୟମରେ ଚର୍ଚ୍ଚା ହେଉଛି, ଏହା ସତ୍ୟ କି ମିଥ୍ୟା ତାହା କେନ୍ଦ୍ରମନ୍ତ୍ରୀ ସ୍ପଷ୍ଟ କରିବା ଆବଶ୍ୟକ। ସେହିପରି ସିବିଏସ୍‌ଇ ପରୀକ୍ଷାର ଖାତା ଦେଖା ପାଇଁ ଏଡୁଟେକ୍ ସଂସ୍ଥାକୁ କାମ ଦେବା ପାଇଁ ତିନି ତିନି ଥର ଟର୍ମ ଆଣ୍ଡ କଣ୍ଡିସନ ଶ୍ରୀ ପ୍ରଧାନ ବଦଳାଇଥିଲେ ନା ନାହିଁ, ତାହା ମଧ୍ୟ ସ୍ପଷ୍ଟ ହେବା ଆବଶ୍ୟକ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

### ଏଲ୍‌ନିନୋ ମୁକାବିଲା ପାଇଁ ସରକାରଙ୍କ ବ୍ୟବସ୍ଥା କ'ଣ?

# ଶ୍ୱେତପତ୍ର ପ୍ରକାଶ ପାଇଁ ଦାବି କଲା କଂଗ୍ରେସ

ଭୁବନେଶ୍ୱର,୨।୬(ସମିସ): ବିଗତ ୧୦ବର୍ଷ ହେଲା ଜଳବାୟୁ ପରିବର୍ତ୍ତନରେ କୃଷି ତଥା ଆନୁଷଙ୍ଗିକ କୃଷି କ୍ଷେତ୍ରରେ ଅହେତୁକ ପ୍ରଭାବ ପଡ଼ିବା ଫଳରେ କେବଳ ଯେ ଚାଷୀକୁଳ ସର୍ବସ୍ୱାନ୍ତ ହେଉଛନ୍ତି ତା ନୁହେଁ, ଜନଜୀବନ ଉପରେ ଘୋର ପ୍ରଭାବ ମଧ୍ୟ ପଡୁଛି। ଅସହ୍ୟ ଗ୍ରୀଷ୍ମ ଯୋଗୁଁ ବହୁ ପ୍ରାଣହାନି ଘଟୁଛି। ନିକଟରେ ଭାରତୀୟ ପାଣିପାଗ ବିଭାଗ ଓ ବିଭିନ୍ନ ସ୍ତରରୁ ସୂଚନା ପ୍ରକାଶ ପାଉଛି ଯେ ଏଲ୍‌ନିନୋ ଯୋଗୁଁ ପୂର୍ବଭଳି ଆଉ ଚଳିତବର୍ଷ ସେପରି ମୌସୁମୀ ବର୍ଷା ହେବ ନାହିଁ। ଫଳସ୍ୱରୂପ, କୃଷି କ୍ଷେତ୍ରରେ ଏକ ସଙ୍କଟମୟ ପରିସ୍ଥିତି ସୃଷ୍ଟି ହେବ। ଯଦି ଏଭଳି ଭବିଷ୍ୟବାଣୀ ସତ୍ୟ ହୁଏ, ସେଥିପାଇଁ ସରକାରଙ୍କ ପକ୍ଷରୁ ଏହାର ପ୍ରତିକାର ପାଇଁ କିଭଳି ପଦକ୍ଷେପ ଗ୍ରହଣ କରାଯାଉଛି, ସେ ସମ୍ପର୍କରେ ସର୍ବସାଧାରଣରେ ସୂଚନା ପ୍ରଦାନ କରାଯିବା ଜରୁରୀ ଓ ଏହାର ପ୍ରତିକାର ପାଇଁ ଏକ ଦୀର୍ଘସ୍ଥାୟୀ ରୋଡମ୍ୟାପ ପ୍ରସ୍ତୁତି କରାଯିବା ଉଚିତ ବୋଲି ଅଖିଳ ଭାରତ କିଷାନ କଂଗ୍ରେସ କହିଛି। ମଙ୍ଗଳବାର ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ୍ ବାର୍ତ୍ତାରେ କହିଛନ୍ତି, ବର୍ତ୍ତମାନ ଡବଲ ଇଞ୍ଜିନ୍ ସରକାରରେ ଯେପରି ନିଜ ଦଳର ପତିଆରା ବୃଦ୍ଧି ପାଇଁ ରାଜନୀତି ପାଣିପାଗକୁ ଶତ ପ୍ରତିଶତ ପ୍ରାଧାନ୍ୟ ଦିଆଯାଉଛି, ସେହିପରି ରାଜ୍ୟର ଜୀବନ ଓ ଜୀବିକା ବଞ୍ଚିବା ପାଇଁ ଆଦୌ ସେପରି ବ୍ୟବସ୍ଥା କରାଯାଉନଥିବା ଜଣା ପଡୁଛି। ଜଳବାୟୁ ପରିବର୍ତ୍ତନ ଓ ଏହାର ପ୍ରତିକାର ପାଇଁ ବ୍ୟାପକ ସଚେତନତା ଓ ଭିତ୍ତିଭୂମି ପ୍ରତିଷ୍ଠା ବାବଦରେ କୃଷି ବିଭାଗ ଓ ଅନ୍ୟ ବିଭାଗଗୁଡ଼ିକରେ ହଜାର ହଜାର କୋଟି ଟଙ୍କା ପଡ଼ି ରହିଥିବା ବେଳେ ଏହା ଖର୍ଚ୍ଚ କରାନଯାଇ ଅସାଧୁ ଉପାୟରେ ଅନେକ ସମୟରେ ଏହି ଟଙ୍କା ବ୍ୟୟ କରାଯାଉଥିବା ଅଭିଯୋଗ କରିଛନ୍ତି। ବିଭାଗୀୟ ବରିଷ୍ଠ ଅଧିକାରୀଙ୍କର ଏଥିପ୍ରତି ଆଦୌ ଚିନ୍ତା ନାହିଁ। ଯଦି ବାହାଘର ବେଳେ ବାଇଗଣ ରୁଆ ପରି ଏହି ଟଙ୍କା ବିନିଯୋଗ କରାଯାଏ, ଚାଷୀର ସ୍ୱାର୍ଥରେ ଏହା ଲାଗିବ କିପରି ବୋଲି ସେ ପ୍ରଶ୍ନ କରିଛନ୍ତି।

ଚଳିତ ଖରିଫରେ ଧାନ, ଡାଲି ତୈଳବୀଜ ଓ ଅନ୍ୟାନ୍ୟ ଫସଲ ଉତ୍ପାଦନ ହ୍ରାସ ପାଇବ। ଏହାର ସିଧାସଳଖ ପ୍ରଭାବ ଖାଦ୍ୟ ସୁରକ୍ଷା, ମୂଲ୍ୟବୃଦ୍ଧି ଓ ଗ୍ରାମୀଣ ଅର୍ଥନୀତି ଉପରେ ପଡ଼ିବ। ମୌସୁମୀ ବର୍ଷା କମିବା ଓ ଡିଜେଲ ମୂଲ୍ୟ ବୃଦ୍ଧି କୃଷକମାନଙ୍କୁ ଦୁଇପଟୁ ଚାପ ଦେଲାଣି। ସେଥିପାଇଁ ଜଳ ସଞ୍ଚୟ ଓ ଜଳସେଚନ ପ୍ରଣାଳୀକୁ ସହଜ କରିବା ଏବଂ ପାଣିପାଗକୁ ଦୃଷ୍ଟିରେ ରଖି ସଅଳ କିସମ ଚାଷ ପାଇଁ ଚାଷୀଙ୍କୁ ବ୍ୟାପକ ସଚେତନତା କରାଇବା ଉଚିତ। ବିଶେଷକରି କୃଷି, ଉଦ୍ୟାନ, ମୃତ୍ତିକା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଜଳସମ୍ପଦ ଓ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଓୟୁଏଟି ପକ୍ଷରୁ ଏଥିପ୍ରତି ଠୋସ୍ ପଦକ୍ଷେପ ଗ୍ରହଣ କରିବା ଉଚିତ। ଯଦି ସରକାର ଭବିଷ୍ୟତକୁ ଦୃଷ୍ଟିରେ ରଖି ଏଥିପାଇଁ ବାସ୍ତବ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି ତେବେ ତାହାର ଏକ ପୂର୍ଣ୍ଣାଙ୍ଗ ଶ୍ୱେତପତ୍ର ସର୍ବସାଧାରଣରେ ପ୍ରକାଶ କରିବାକୁ କଂଗ୍ରେସ ପକ୍ଷରୁ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବି କରିଛନ୍ତି। ଏଲ-ନିନୋ ପ୍ରଭାବରେ ବହୁ କିଛି ବରବାଦ୍ ହେବ। ପ୍ରାକୃତିକ ପରିସ୍ଥିତି ଓ ଅର୍ଥନୀତିକ ଚାପ ଦୁଇଟିକୁ ସମ୍ଭାଳିବା ପାଇଁ ଖୁବ୍ ଶୀଘ୍ର ସରକାର, କୃଷି ବିଶେଷଜ୍ଞ ଓ କୃଷି ତତ୍‌ସଲଗ୍ନ କୃଷି କର୍ମଚାରୀମାନଙ୍କୁ ଏକା ସାଥୀରେ ନେଇ ତ୍ୱରିତ ପଦକ୍ଷେପ ନେବାକୁ ମଧ୍ୟ ଦାବି କରିଛନ୍ତି।

## ଇଞ୍ଜିନିୟରିଂ ଓ ଡାକ୍ତରୀ ଶିକ୍ଷାରେ ସଂରକ୍ଷଣ

ଭୁବନେଶ୍ୱର, ୨।୬(ସମିସ): ଚଳିତ ଶିକ୍ଷାବର୍ଷରୁ ଇଞ୍ଜିନିୟରିଂ ଓ ମେଡିକାଲ୍ ପରି ବୈଷୟିକ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ସଂରକ୍ଷଣ ମିଳିବ। ପୂର୍ବରୁ ସଂରକ୍ଷଣ ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହ କ୍ୟାବିନେଟ୍ ଅନୁମୋଦନ ମିଳିଥିଲା।

### ପ୍ରକାଶ ପାଇଲା ବିଜ୍ଞପ୍ତି

ଏବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଏ, ବିକମ୍, ବିଏସ୍‌ସି ପରି ସାଧାରଣ ଉଚ୍ଚଶିକ୍ଷାରେ ଏହି ସବୁ ବର୍ଗର ପିଲାମାନଙ୍କ ପାଇଁ ସମାନୁପାତିକ ସଂରକ୍ଷଣ ରହିଛି। ନୂତନ ନିଷ୍ପତ୍ତି ଅନୁଯାୟୀ ଚଳିତବର୍ଷ ଠାରୁ ଅନୁସୂଚିତ ଜନଜାତି ବର୍ଗ ଛାତ୍ରଛାତ୍ରୀଙ୍କୁ ୨୨.୫ ପ୍ରତିଶତ, ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କୁ ୧୬.୨୫ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ୧୧.୨୫ ପ୍ରତିଶତ ସିଟ୍ ସଂରକ୍ଷଣ କରାଯାଇଛି।

### ୱାର୍ଡ ନମ୍ବର ୧୯; ଡ୍ରେନ୍ ଓ କଲଭର୍ଟ ନିର୍ମାଣରେ ଅନିୟମିତତା ଅଭିଯୋଗ

# ବର୍ଷା ହେଲେ ବୁଡ଼ିବ ଷ୍ଟେସନ ଛକ ଅଞ୍ଚଳ

ବାଲେଶ୍ୱର,୨।୬ (ସମିସ)



ଅତ୍ୟଧିକ ବର୍ଷାରେ ଜଳମଗ୍ନ ତଥା ଜଳ ନିଷ୍କାସନ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବାଲେଶ୍ୱର ପୌରପାଳିକା ୧୯ ନମ୍ବର ୱାର୍ଡର ଷ୍ଟେସନ ଛକ ନିକଟରେ ଏବେ ଜବରଦଖଲ ହଟାଯାଇ ଡ୍ରେନ୍ ନିର୍ମାଣ ହେଉଛି। ହେଲେ ଡ୍ରେନ୍ ନିର୍ମାଣ ଠିକ୍ ଭାବେ ହେଉନଥିବା ଅଭିଯୋଗ ହୋଇଛି। କାରଣ ଡ୍ରେନ୍ ଉପରେ ଲମ୍ବା ଲମ୍ବା ଢଳେଇ ସ୍ଲାବ ପଡ଼ିଛି, ସଫେଇ ସମୟରେ ଅଡୁଆ ହେବ। ଏ ବାବଦରେ ସ୍ଥାନୀୟ ତଥା ୧୯ ନମ୍ବର ୱାର୍ଡର କାଉନସିଲର ଶୋଭା ମହାପାତ୍ର ଏବଂ ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର ପିଡବ୍ଲୁଡି ଏଗଜିକ୍ୟୁଟିଭ ଇଞ୍ଜିନିୟରିଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହିତ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା ମଧ୍ୟ କରିଛନ୍ତି। ସେଠାରେ କାମ୍ ବେଳେ ବିଭିନ୍ନ ସମସ୍ୟା ଯଥା ପାଇପ୍ ସବୁ କଟିଗଲା। ଲୋକଙ୍କ ଘରକୁ ପାଣି ଗଲା ନାହିଁ। ଏସବୁ ସମସ୍ୟାର ଉପୁଜିଥିବାରୁ ତାହା ଦୃଷ୍ଟି ଆକର୍ଷଣ କରିଛନ୍ତି ବୋଲି କାଉନସିଲର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ସହରରେ କେତେବେଳେ ଉଚ୍ଛେଦ ତ କେତେବେଳେ ଡ୍ରେନ୍ ନିର୍ମାଣ। ପୁଣି କେତେବେଳେ ଆରମ୍ଭ ହେଉଛି ରାସ୍ତା ନିର୍ମାଣ କାମ। ଫଳରେ କିଛି ବି କାମ ସମ୍ପୂର୍ଣ୍ଣ ହୋଇପାରୁନି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଷ୍ଟେସନ ଛକରୁ ଫକୀରମୋହନ ଗୋଲେଇ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଯେଉଁଠାରେ ପ୍ରଥମେ ଦୋକାନୀଙ୍କୁ ଉଚ୍ଛେଦ କରାଗଲା। ତାପରେ ସେଠାରେ ଡ୍ରେନ୍ ନିର୍ମାଣ କାମ ହେଲା। ଠିକ୍ ପାଞ୍ଚ ପରେ ପୁଣି ଅଧନିର୍ମିତ ଡ୍ରେନ୍ ପଡ଼ିଥିବା ବେଳେ ବାକି ଥିବା ଦୋକାନ ଘର ଭଙ୍ଗାଗଲା। ଯାହାଦ୍ୱାରା ନୂଆକରି ନିର୍ମାଣ ହେଉଥିବା ଡ୍ରେନ୍ ଅବସ୍ଥା ବି ଶୋଚନୀୟ। ଅନ୍ୟପଟେ ଡ୍ରେନ୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇନଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁନାହିଁ। ଏନେଇ ପୂର୍ବତନ କାଉନସିଲର ପିଡବ୍ଲୁଡି ଏଗଜିକ୍ୟୁଟିଭ ଇଞ୍ଜିନିୟରିଙ୍ଗଙ୍କୁ ମଧ୍ୟ ଭେଟିଛନ୍ତି। ଅନ୍ୟପଟେ ଉଚ୍ଛେଦ ପରେ ଯାତାୟାତ ପାଇଁ ରାସ୍ତା ବନ୍ଦ ହୋଇଛି। କିଏ ଘରକୁ ଯିବା ପାଇଁ ଅସୁବିଧା ଭୋଗୁଛନ୍ତି ତ କିଏ କ୍ଲିନିକ୍ ଯିବା ପାଇଁ। ଡ୍ରେନ୍ କାମକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ଡ୍ରେନ୍ ଉପରେ ଲମ୍ବା ଲମ୍ବା ଢଳେଇ ପଡ଼ିଛି। ଯାହା ଡ୍ରେନ୍ ସଫେଇ ସମୟରେ ଅସୁବିଧା ହେବ ବୋଲି କାଉନସିଲର କହିଛନ୍ତି। ଉପଯୁକ୍ତ ସ୍ଲୋପିଙ୍ଗ୍ ହୋଇନାହିଁ। ସେହିପରି ତିଆରି ହେଉଥିବା କଲଭର୍ଟ ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବାରୁ ପାଣି ନିଷ୍କାସନ ହେବ ନାହିଁ ଆଶଙ୍କା ପ୍ରକାଶ କରିଛନ୍ତି କାଉନସିଲର। ସେଇ ଅଞ୍ଚଳକୁ ବନ୍ୟା ଘେରରେ ରଖିବ। କାମ ଠିକ୍ ହେଉନାହିଁ, କିଏ କାମ ତଦାରଖ କରୁଛନ୍ତି ଆଦି ବିଷୟ ବିବାଦରେ ବିଶ୍ୱଜିତ ମହାପାତ୍ର ପିଡବ୍ଲୁଡି ଏଗଜିକ୍ୟୁଟିଭ ଇଞ୍ଜିନିୟରିଙ୍ଗଙ୍କୁ ଜଣାଇଛନ୍ତି। ଏ ବାବଦରେ ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର କହିଛନ୍ତି, ଆମେ ସହରର ବିକାଶକୁ ବିରୋଧ କରୁନାହୁଁ। ହେଲେ ବିକାଶ ସହିତ ଉଚ୍ଛେଦଙ୍କୁ ବି ଥଇଥାନ କରିବା ଉଚିତ। ସମସ୍ତଙ୍କ ପରିବାର ସେଥିରୁ ଚଳୁଥିଲା। ଅନ୍ୟପଟେ ଟାଉନ ପ୍ଲାନିଙ୍ଗ୍ ବିଲଡିଂ ରାସ୍ତାକୁ ଲାଗିକି ତିଆରି ହୋଇଛି ଏବଂ ଡ୍ରେନ୍ ର ସାମ୍ନା ପଟେ ଘର କରିଛନ୍ତି। କିନ୍ତୁ ତାହା ଉଚ୍ଛେଦ ହେଲା ନାହିଁ। ଏପଟେ ଯଦିଓ ଜବରଦଖଲ ଉଚ୍ଛେଦ କରିଲେ ତାହେଲେ ପ୍ରଶାସନ ତଥା ପୌରପାଳିକା ଥଇଥାନ ବି କରିବା ଦରକାର। ଓଟି ରୋଡ୍ ଯେତେ ସମ୍ପ୍ରସାରଣ ହେଉଛି ସେତେ ସେଠାର ଗାଡ଼ି ପାର୍କିଂ ବଢୁଛି। ବସ୍ ଠୁ ଆରମ୍ଭ କରି ଅନ୍ୟ ଗାଡ଼ି ଛିଡ଼ା ହେଉଛି। ଏପଟେ ଷ୍ଟେସନ ଛକ ନିକଟରେ କାମ ଠିକ୍ ଭାବେ ହେଉନାହିଁ। ଡ୍ରେନ୍ କାମ ଠିକ୍ ଭାବେ ହେଉନାହିଁ। ବର୍ଷା ଜଳ ନିଷ୍କାସନରେ ସମସ୍ୟା ଉପୁଜିବ।

## ବାଲେଶ୍ୱର ଜିଲ୍ଲାକୁ ଅରେଞ୍ଜ ଆଲର୍ଟ

ବାଲେଶ୍ୱର,୨।୬ (ସମିସ): ଆଜି ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ତାପମାତ୍ରା ୩୫.୭ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବା ବେଳେ ୨ ମିମି ବର୍ଷା ମଧ୍ୟ ହୋଇଛି। ଭାରତୀୟ ପାଣିପାଗ ବିଭାଗ ଭୁବନେଶ୍ୱର କେନ୍ଦ୍ର ପକ୍ଷରୁ ଆଜି ଜାରି ମଧ୍ୟାହ୍ନ ବୁଲେଟିନ୍ ଅନୁସାରେ, ଆଗାମୀ ୨୪ ଘଣ୍ଟା ପାଇଁ ବାଲେଶ୍ୱର ସମେତ ଉତ୍ତର ଓଡିଶାରେ ପାଗ ବଦଳିବ। ଆଜି ଦିନ ୨ଟା ସୁଦ୍ଧା ବାଲେଶ୍ୱରର ସର୍ବାଧିକ ତାପମାତ୍ରା ୩୫.୭ ଡିଗ୍ରୀ ରେକର୍ଡ କରାଯାଇଛି। ଏହାସହ ଜିଲ୍ଲାର କେତେକ ସ୍ଥାନରେ ହାଲୁକା ବର୍ଷା ହୋଇଛି ଓ ମୋଟ ୨ ମିମି ବୃଷ୍ଟିପାତ ରେକର୍ଡ ହୋଇଛି। ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ଆଜି ବାଲେଶ୍ୱରରେ ଗରମ ଓ ଗୁଳୁଗୁଳି ଅନୁଭୂତ ହୋଇଥିଲା। ରାଜ୍ୟରେ ଆଜି ସର୍ବୋଚ୍ଚ ତାପମାତ୍ରା ୪୧.୦ ଡିଗ୍ରୀ ସେଲସିୟସ ଖୋର୍ଦ୍ଧାରେ ରେକର୍ଡ ହୋଇଛି। ପାଣିପାଗ ବିଭାଗ ବାଲେଶ୍ୱର ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ଆସନ୍ତାକାଲି ଜୁନ୍ ୩ ସକାଳ ୮:୩୦ ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ ଓ କଳାହାଣ୍ଡି ଜିଲ୍ଲାରେ ଗୋଟିଏ ବା ଦୁଇଟି ସ୍ଥାନରେ ବଜ୍ରପାତ ସହ ଘଡଘଡି ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୫୦-୬୦ କିମି ପର୍ଯ୍ୟନ୍ତ ରହିପାରେ। ଅପରାହ୍ନ/ସନ୍ଧ୍ୟା ସମୟରେ ଏହି ପାଗ ଅଧିକ ସକ୍ରିୟ ରହିବ। ଏହାସହ ବାଲେଶ୍ୱରରେ ଗୋଟିଏ-ଦୁଇଟି ସ୍ଥାନରେ ଗରମ ଓ ଗୁଳୁଗୁଳି ପାଗ ଲାଗି ରହିବ ବୋଲି ବି ବିଭାଗ ସୂଚନା ଦେଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ଆଗକୁ ବଢିବା ପାଇଁ ପାଗ ଅନୁକୂଳ ରହିଛି। ଜୁନ୍ ୪ ତାରିଖ ଆଖପାଖରେ ଦକ୍ଷିଣ-ପଶ୍ଚିମ ଓ ଦକ୍ଷିଣ-ପୂର୍ବ ଆରବ ସାଗର, କେରଳ, ତାମିଲନାଡୁ ଓ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରର କିଛି ଅଂଶକୁ ମୌସୁମୀ ପ୍ରବେଶ କରିବାର ସମ୍ଭାବନା ଅଛି। ଅରେଞ୍ଜ ଆଲର୍ଟ ଥିବାରୁ ଜିଲ୍ଲାବାସୀ ସତର୍କ ରହିବାକୁ ଅନୁରୋଧ। ଘଡଘଡି ସମୟରେ ଖୋଲା ସ୍ଥାନ, ଗଛ ତଳେ କିମ୍ବା ବିଦ୍ୟୁତ୍ ଖୁଣ୍ଟ ପାଖରେ ନ ରହିବା, ମତ୍ସ୍ୟଜୀବୀମାନେ ସମୁଦ୍ରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

## ବନ୍ଧୁକ ଦେଖାଇ ଯୁବକଙ୍କଠୁ ଲୁଟ୍ ସହ ଆକ୍ରମଣ

ବାଲେଶ୍ୱର,୨।୬(ସମିସ): ବାଲେଶ୍ୱରରେ ଦିନକୁ ଦିନ ଅପରାଧ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ସୋମବାର ବିଳମ୍ବିତ ରାତିରେ ଚାନ୍ଦିପୁର ଥାନା ଅନ୍ତର୍ଗତ ନୂଆନଇ ଘାଟ ଠାରେ କିଛି ଦୁର୍ବୃତ୍ତ ଜଣେ ଯୁବକଙ୍କୁ ବନ୍ଧୁକ ଦେଖାଇ ଅଟକାଇବା ସହ ତାଙ୍କ ଗାଡି, ମନିପର୍ସ ଓ କିଛି ଟଙ୍କା ଲୁଟ କରିବା ପରେ ତାଙ୍କୁ ତେଲେଙ୍ଗା କଟୁରୀରେ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ଆହତ ଯୁବକ ଜଣଙ୍କ ହେଉଛନ୍ତି ମୋତିଗଞ୍ଜ ଅଞ୍ଚଳର ସେକ ହବିବ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ସେକ ହବିବ ଏବଂ ତାଙ୍କର ଦୁଇଜଣ ସାଙ୍ଗ ଚାନ୍ଦିପୁର ବେଳାଭୂମିକୁ ବୁଲିବା ପାଇଁ ଯାଇଥିଲେ। ସେମାନେ ସେଠାରୁ ଫେରିବା ପରେ ରାତିରେ ନୁଆନଇ ଘାଟ ଛକ ଠାରେ କିଛି ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ବଟି ମାଗିଥିଲେ। ହେଲେ ସେମାନେ ମନାକରିବାରୁ ସେମାନଙ୍କୁ ବନ୍ଧୁକ ଦେଖାଇ ତାଙ୍କ ଗାଡି ସମେତ ମନିପର୍ସ ଓ ପକେଟରେ ଥିବା ଟଙ୍କା ଲୁଟ କରିଥିଲେ। ପରେ ସେମାନଙ୍କୁ ପିଟାମରା କରିବା ସହ ତେଲେଙ୍ଗା କଟୁରୀରେ ଆକ୍ରମଣ କରିଥିଲେ। ଫଳରେ ସେକ ରାଜୁର ମୁଣ୍ଡରେ ଗଭୀର ଆଘାତ ହୋଇଥିଲା। ସେଠାରେ ସେମାନେ ପାଟି କରିବାରୁ ଦୁର୍ବୃତମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ସ୍ଥାନୀୟ ଲୋକେ ତାଙ୍କୁ ମେଡିକାଲକୁ ଆଣିଥିଲେ।

## ରାଇବଣିଆ ଶ୍ୟାମନଗରରେ ଉତ୍କଟ ଜଳ ସମସ୍ୟା



ଜଳେଶ୍ୱର ବ୍ଲକ,୨।୬ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଞ୍ଚଳର ଶ୍ୟାମନଗର ପଞ୍ଚାୟତ ପାହାଡ଼ିଆ ଅଞ୍ଚଳ ଶ୍ୟାମନଗର ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଏହି ଅଞ୍ଚଳରେ ଭୂତଳ ଜଳସ୍ତର ୭୦ରୁ ୮୦ ଫୁଟ ତଳକୁ ଖସିଯାଇଛି।। ଶ୍ୟାମମ ପଞ୍ଚାୟତର ଜନସଂଖ୍ୟା ପ୍ରାୟ ହଜାର। ଏଠାରେ ୮୦ ଭାଗ ଲୋକେ ଆଦିବାସୀ ଶ୍ରେଣୀର। ପଞ୍ଚାୟତରେ ପ୍ରାୟ ୧୦୦ ଟି ଇଣ୍ଡିଆନ ମାର୍କ ୨ ନଳକୂପ ଥିଲେ ମଧ୍ୟ ଭୂତଳ ଜଳସ୍ତର ନିମ୍ନଗାମୀ ହେବା ଯୋଗୁଁ କେତେକ ଅଚଳ ହୋଇପଡିଛି। ପଞ୍ଚାୟତର ୨ଟି ପାଇପ ପାଣି ପ୍ରକଳ୍ପ ଚନ୍ଦ୍ରପୁର, କାନପୁର ଠାରେ ୨ ଓଭର ହେଡ ଟ୍ୟାଙ୍କ ଥିଲେ ମଧ୍ୟ ସ୍ୱଳ୍ପ ପାଣି ବାହାରୁଥିବାରୁ ଜନସାଧାରଣ ବହୁ ହଇରାଣ ହରକତ ହେଉଛନ୍ତି ବୋଲି ସରପଞ୍ଚ ଗିରିଜା ସାସମଲ କହିଛନ୍ତି। ବାଉଁଶବଣି ୟୁଜିୟୁପି ବିଦ୍ୟାଳୟ, ଘଡଘଡ଼ା ପ୍ରାଥମିକ ବିଦ୍ୟାଳୟ ଓ ଘଡଘଡ଼ା ଅଙ୍ଗନବାଡି କେନ୍ଦ୍ରର ନଳକୂପ ଅଚଳ ଥିବାରୁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ପାଣି ପାଇବାରେ ହଇରାଣ ହେଉଛନ୍ତି। ଚଳିତ ବର୍ଷ ବ୍ଲକକୁ ଅର୍ଥ ମିଳି ନ ଥିବାରୁ କୌଣସି ପଞ୍ଚାୟତରେ ନଳକୂପ ଖନନ ସମ୍ଭବ ହୋଇ ନାହିଁ। ଶ୍ୟାମନଗର ପଞ୍ଚାୟତରେ ପିଇବା ପାଣି ସମସ୍ୟା ଦୂର କରିବାକୁ ସରପଞ୍ଚ ଜିଲାପାଳ ଓ ବିଧାୟକଙ୍କୁ ନିବେଦନ କରିଛନ୍ତି।

## ଅମ୍ବାକୁଡୁଚି ଇଟାଭାଟି ଉପରେ ଏନ୍‌ଜିଟିଙ୍କ ତଦନ୍ତ ନିର୍ଦ୍ଦେଶ



ରାଜଘାଟ, ୨।୬ (ସମିସ): ବସ୍ତା ତହସିଲ ଅନ୍ତର୍ଗତ ଆମ୍ବକୁଡୁଚି ଖାତା ନମ୍ବର ୧୯୨ ପ୍ଲଟ ନମ୍ବର ୬୮୮ ମୌଜାରେ ବେଆଇନ ଭାବେ ଚାଲିଥିବା ଇଟା ଭାଟି ବିରୋଧରେ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ପୂର୍ବାଞ୍ଚଳ ଜାତୀୟ ଗ୍ରୀନ ଟ୍ରିବୁନାଲ କୋଲକାତା ପତ୍ର ସଂଖ୍ୟା ୧୩୫/୨୦୨୬ ନିର୍ଦ୍ଦେଶ ଦେଇଛନ୍ତି। ପରିବେଶ ମଞ୍ଜୁରୀ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁମତି ନଥାଇ ବର୍ଷ ବର୍ଷ ଧରି ଚାଲିଥିବା ଏହି ଭାଟି ଯୋଗୁଁ ଚାଷ ଜମି ଓ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ନଷ୍ଟ ହେଉଥିବା ଅଭିଯୋଗ ହୋଇଥିଲା। ପରିବେଶବିତ ରଜନୀକାନ୍ତ ଜେନା ଏନଜିଟିରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଅଭିଯୋଗ ଅନୁଯାୟୀ ଏହି ଇଟା ଭାଟି ପାଖରେ ପରିବେଶ ମଞ୍ଜୁରୀ ନାହିଁ। ଚାଷ ଜମି, ନଦୀ ପଠାରୁ ମାଟି ଖୋଳି ଇଟା ତିଆରି ହେଉଛି, ଯାହା ସମ୍ପୂର୍ଣ୍ଣ ବେଆଇନ। ଭାଟିରୁ ବାହାରୁଥିବା କଳା ଧୂଆଁ ଯୋଗୁଁ ଧାନ ଓ ପରିବା ଚାଷ ନଷ୍ଟ ହେଉଛି ଏବଂ ଲୋକେ ଶ୍ୱାସ ରୋଗରେ ପୀଡିତ ହେଉଛନ୍ତି। ଜାଳେଣି ପାଇଁ ବେଆଇନ ଭାବେ ଟାୟାର, ପ୍ଲାଷ୍ଟିକ, କାଠ ଓ କୋଇଲା ପୋଡା ଯାଉଛି। ଫଳରେ ବାୟୁ ମଣ୍ଡଳ ପ୍ରଦୂଷିତ ହେଉଛି। ଗତ ମେ ମାସ ୨୬ ତାରିଖରେ ଏନଜିଟି ବିଚାରପତି ମାନ୍ୟବର ଅରୁଣ କୁମାର ତ୍ୟାଗୀ ଓ ବିଶେଷଜ୍ଞ ସଦସ୍ୟ ଇଶ୍ୱର ସିଂହ ଖଣ୍ଡପୀଠ ଶୁଣାଣି କରି କହିଛନ୍ତି, ଏକ ସ୍ୱତନ୍ତ୍ର ଟିମ ଗଠନ କରି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋଡର୍, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋଡର୍ ଓ ବାଲେଶ୍ୱର ଜିଲ୍ଲା ପାଳଙ୍କୁ ଦୁଇ ସପ୍ତାହ ମଧ୍ୟରେ ଉକ୍ତ ଭାଟିର ତଦନ୍ତ କରି, ୬ ସପ୍ତାହ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ପରିବେଶ କ୍ଷତିପୂରଣ, ଭାଟି ମାଲିକଙ୍କ ଖର୍ଚ୍ଚରେ ନଷ୍ଟ ହୋଇଥିବା ଚାଷ ଜମିର ପୁନରୁଦ୍ଧାର, ସହ ୬ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନର ଅନୁପାଳନ ରିପୋର୍ଟ ଟ୍ରିବୁନାଲରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ରଜନୀକାନ୍ତ ଜେନା କହିଛନ୍ତି , ଦୀର୍ଘ ବର୍ଷ ହେଲା ମୁଁ ବ୍ଲକରୁ ଜିଲ୍ଲା ଯାଏଁ ବହୁବାର ଦୌଡ଼ିଛି, କେହି ମୋକଥା ଶୁଣୁନଥିଲେ। ଏନଜିଟି ମୋକଥା ଶୁଣିଲେ। ଭାଟି ଧୂଆଁ ଯୋଗୁଁ ଏକର ଏକର ଜମିରେ ଧାନ ପରିବା ହେଉନି, ଏବେ ନ୍ୟାୟ ମିଳିବାର ଆଶା ବାନ୍ଧି ବସିଛି। ବସ୍ତା ବ୍ଲକରେ ୪୦ରୁ ଉର୍ଦ୍ଧ୍ୱ ବେଆଇନ ଇଟା ଭାଟି ଚାଲିଥିବା ବେଳେ ଆମ୍ବକୁଡୁଚି ଘଟଣା ଏବେ ସମସ୍ତଙ୍କ ପାଇଁ ଚେତାବନୀ। ପରିବେଶ ନିୟମ ନମାନିଲେ ଏନଜିଟିଙ୍କ ହାତୁଡି ପଡିବା ନିଶ୍ଚିତ।

## ବାଲେଶ୍ୱର ଟାଉନ କଂଗ୍ରେସ ପକ୍ଷରୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

ବାଲେଶ୍ୱର,୨।୬ (ସମିସ): ବାଲେଶ୍ୱର ପୌରପାଳିକାର ୩୧ଟି ୱାର୍ଡରେ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟ ନିୟମ ଅନୁଯାୟୀ କରିବା ଦାବିରେ ଟାଉନ କଂଗ୍ରେସ ପକ୍ଷରୁ ଆଜି ୧୫ ଦାବି ସମ୍ବଳିତ ଏକ ଦାବିପତ୍ର ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରଯାଇଛି। ୨୦୨୫ ମସିହା ମାର୍ଚ୍ଚ ମାସ ୧୮ ତାରିଖରେ ବାଲେଶ୍ୱର ପୌର ପରିଷଦର ବିଭିନ୍ନ ୱାର୍ଡରେ ଉନ୍ନତି ମୂଳକ କାର୍ଯ୍ୟ ହେବାପାଇଁ ଟେଣ୍ଡର କରାଯାଇଥିଲା। କିନ୍ତୁ ଅଦ୍ୟାବଧି ପରିଷଦର ଉନ୍ନତି ମୂଳକ କାର୍ଯ୍ୟ କରିବା ପାଇଁ କୌଣସି ଟେଣ୍ଡର ବାହାର କରାଯାଇ ନାହିଁ। ତେଣୁ ପୌର ପରିଷଦର ବିକାଶ



ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ପୌର ପରିଷଦକୁ ମହାନଗର ନିଗମ ଘୋଷଣା କରାଯାଇପାରୁ ନାହିଁ। ତୁରନ୍ତ ବାଲେଶ୍ୱର ପୌରପାଳିକାକୁ ମହାନଗର ନିଗମ ଘୋଷଣା, ପୌର ପରିଷଦର ସମ୍ବିଧାନ ଅନୁଯାୟୀ ପ୍ରତି ମାସ ପରିଷଦ ବୈଠକ ଡକାଯାଇ ଆଇନକୁ ସମ୍ମାନ ଜଣାଇବା, ପୌର ପରିଷଦ ସମ୍ବିଧାନର ଧାରା ୭୧(୨) ଅନୁଯାୟୀ ମାସିକ ବୈଠକର ବିବରଣୀ ୩ ଦିନ ଭିତରେ ବିବରଣୀ କୁ ଜିଲ୍ଲାପାଳ, ନଗର ଉନ୍ନୟନ ବିଭାଗ ଓ ପାରିଷଦ ମାନଙ୍କୁ ଠିକ ସମୟରେ ଦିଆ ନ ଯାଇ ପୌର ପରିଷଦର ଗଣତାନ୍ତ୍ରିକ ଅଧିକାରକୁ ଉଲଂଘନ କରା ନ ଯିବା, ପୌର ପରିଷଦର ପାନୀୟ ଜଳ ପିଇବା ଉପଯୋଗୀ ହୋଇ ନ ଥିବା ରୁ ପ୍ରତି ସାହିରେ କାଦୁଅ ପାଣିକୁ ଛାଣି ଲୋକମାନେ ବ୍ୟବହାର କରୁଛନ୍ତି। ଏହାକୁ ଅତ୍ୟନ୍ତ ଜରୁରୀ ଭାବି ୧୫ ଦିନ ଭିତରେ ସୁଧାର କରିବା ଆଦି ଦାବି ଉଲ୍ଲେଖ କରଯାଇଛି। ସେହିପରି ଶେଷ ଥର ପାଇଁ ରେ ବାଧା ଉପୁଜିଛି। ଖୁବ୍ ଶୀଘ୍ର ଟେଣ୍ଡର କରାଯାଇ ବାକିଥିବା ଅନ୍ୟାନ୍ୟ ଉନ୍ନତି କାର୍ଯ୍ୟ ହାତ କୁ ନେବା ପାଇଁ କଂଗ୍ରେସ୍ ଦାବି କରିଛି। ସମସ୍ତ ୧୫ଟି ଦାବି ଆସନ୍ତା ୧୫ ଦିନ ଭିତରେ ଆରମ୍ଭ କରା ନ ଗଲେ ବାଲେଶ୍ୱର ଟାଉନ କଂଗ୍ରେସ ପୌର ପରିଷଦ ସମ୍ମୁଖରେ ଧାରଣାରେ ବସିବ ବୋଲି ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କାଉନସିଲର ତଥା କଂଗ୍ରେସ ନେତା ପଦ୍ମଲୋଚନ ଲେଙ୍କା, ଟାଉନ ସଭାପତି ଅନୁପ କୁମାର ସ୍ୱାଇଁ, ଅର୍ଚ୍ଚନା ନନ୍ଦୀ, ଶ୍ରୀକାନ୍ତ ବୁଗୁଡ଼ାଇ, ଜୋତ୍ସ୍ନା ସେନାପତି, ଶେଖ ନିଜାମୁଦିନ, ସେଖ୍ ଅସଗର ଅଲ୍ଲୀ, ସାହେବା ଅଖତର, ଶେଖ କାଲାମ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ରହି ଦାବି ପତ୍ର ପ୍ରଦାନ କରିଥିଲେ।

### ● ବସ୍ତା ବ୍ଲକ୍ କାର୍ଯ୍ୟାଳୟରେ ଅଧିକାରୀ-କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ

## ସରକାରୀ ନିୟମକୁ ଫୁଁ, ନିଜ ଇଚ୍ଛାରେ ଆସୁଛନ୍ତି ଅଫିସ୍

ବାଲେଶ୍ୱର ସଦର, ୨।୬ (ସମିସ): ବସ୍ତା ବ୍ଲକ୍ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। କାର୍ଯ୍ୟାଳୟ ସମୟ ସକାଳ ୭ ଟାରୁ ହୋଇଥିଲେ ମଧ୍ୟ ଅଧିକାଂଶ ଅଧିକାରୀ ସକାଳ ୮ଟା ଓ ୯ଟାରେ ମନଇଚ୍ଛା ଆସୁଛନ୍ତି। ଯାହା ଫଳରେ ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ବିଭିନ୍ନ ପଞ୍ଚାୟତରୁ ଆସୁଥିବା ହିତାଧିକାରୀମାନେ କାର୍ଯ୍ୟାଳୟରେ ପହଞ୍ଚି କାହାରିକୁ ନ ପାଇ ନିରାଶ ହୋଇ ଫେରୁଛନ୍ତି। ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନା, ରାସନ କାର୍ଡ ଭଳି ଜରୁରୀ କାମ ପାଇଁ ଲୋକେ ଦିନ ଦିନ ଧରି ଅଫିସ ଚକ୍କର କାଟୁଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ବ୍ଲକ୍ କାର୍ଯ୍ୟାଳୟ ସକାଳ ୭ଟାରୁ ଦିନ ୧ଟା ପର୍ଯ୍ୟନ୍ତ ଖୋଲା ରହିବା କଥା। କିନ୍ତୁ ବସ୍ତାରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳୁଛି। ତେବେ ଅଧିକାରୀ ଓ କର୍ମଚାରୀଙ୍କ ଏଭଳି କାର୍ଯ୍ୟ ପାଇଁ ବ୍ଲକ ମଧ୍ୟରେ ଦଲାଲ ରାଜ ବଢ଼ିବାରେ ଲାଗିଛି।ଅଧିକାରୀ ନ ମିଳିବାରୁ ଲୋକେ ବାଧ ହୋଇ ଦଲାଲଙ୍କ ଦ୍ୱାରସ୍ଥ ହେଉଛନ୍ତି। ଏହାର ଫାଇଦା ନେଇ ଦଲାଲମାନେ ପ୍ରତି କାମ ପାଇଁ ମୋଟା ଅଙ୍କର ଟଙ୍କା ଆଦାୟ କରୁଛନ୍ତି। ଯେଉଁଥି ପାଇଁ ଗରିବ ଲୋକ ମାନେ ଅଯଥା ଖର୍ଚ୍ଚାନ୍ତ ହେବାକୁ ବାଧ ହେଉଛନ୍ତ। ଏ ସମ୍ପର୍କରେ ବସ୍ତା ବିଡିଓ ମିହିର ରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ ଘଟଣା ପ୍ରତି ଧ୍ୟାନ ଦେବେ ବୋଲି କହିଛନ୍ତି। ଏଭଳି ଘଟଣା ନିୟମିତ ହୋଇଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି। କାର୍ଯ୍ୟାଳୟରେ ବାୟୋମେଟ୍ରିକ୍ ଆଟେଣ୍ଡାନ୍ସ ଓ ସିସିଟିଭି ଲଗାଯାଉ, ଏବଂ ମନମୁଖୀ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।






## ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର

ସିମୁଳିଆ, ୨।୬ (ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକକୁ ମରଣାକକ ସଂଘବଦ୍ଧ ଆକ୍ରମଣ ହୋଇଛି। ସିମୁଳିଆ ଥାନା ଅନ୍ତର୍ଗତ କ୍ଷୀରକୋଣା ପଞ୍ଚାୟତର ବନମାଳୀ ଦାସଙ୍କ ସ୍ତ୍ରୀ ରାଜଶ୍ରୀ ଦାସ ଥାନାରେ ଅଭିଯୋଗ ଅନୁଯାୟୀ ଦେଢ଼ଶୁର ଲକ୍ଷ୍ମୀଧର ଦାସ (୪୪) ଦେହ ଅସୁସ୍ଥ ହେତୁ କ୍ଷୀରକୋଣା ମେଡିକାଲକୁ ଯିବା ସମୟରେ କ୍ଷୀରକୋଣା ବଜାରରେ ସେହି ଗ୍ରାମର ଗଗନ ମଲିକ, ଚଗଲା ମଲିକ, ସୁବଳ ମଲିକ, ମାଧ ମଲିକ ଓ ଭଇରା ମଲିକ ସଂଘବଦ୍ଧ ଭାବେ ଅତର୍କିତ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗୁରୁତର ଲକ୍ଷ୍ମୀଧରକୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭଦ୍ରକ ମେଡିକାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଛି । ଅଭିଯୋଗ ପାଇ ସିମୁଳିଆ ପୁଲିସ ଘଟଣା ତଦନ୍ତ କରିଥିବା ଜଣାଯାଇଛି।

## କରଞ୍ଜିଆ ସରପଞ୍ଚ ମୁକୁନ୍ଦ ଭାରତୀଙ୍କ ପରଲୋକ

ବାଲେଶ୍ୱର,୨।୬ (ସମିସ): କରଞ୍ଜିଆ ପଞ୍ଚାୟତର ସରପଞ୍ଚ ତଥା ଅବସରପ୍ରାପ୍ତ ସୈନିକ ମୁକୁନ୍ଦ ଭାରତୀଙ୍କ ପରଲୋକ ହୋଇଯାଇଛି। ଫକୀରମୋହନ ନଗରର ବାସିନ୍ଦା ମୁକୁନ୍ଦ ଭାରତୀ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ସ୍ୱର୍ଗତ ଭାରତୀ ଜଣେ କର୍ତ୍ତବ୍ୟନିଷ୍ଠ ସୈନିକ ଭାବେ ଦେଶ ସେବା କରିବା ପରେ ଅବସର ପରେ ଜନସେବାରେ ନିଜକୁ ନିୟୋଜିତ କରିଥିଲେ। କରଞ୍ଜିଆ ପଞ୍ଚାୟତର ସରପଞ୍ଚ ଭାବେ ସେ ପଞ୍ଚାୟତର ବିକାଶ ଓ ଲୋକଙ୍କ ସମସ୍ୟା ସମାଧାନ ପାଇଁ ସର୍ବଦା ସମର୍ପିତ ଥିଲେ। ତାଙ୍କ ସରଳ ଜୀବନଶୈଳୀ ଓ ଲୋକାଭିମୁଖୀ କାର୍ଯ୍ୟ ପାଇଁ ସେ ଅଞ୍ଚଳରେ ବେଶ୍ ଲୋକପ୍ରିୟ ଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଭିନ୍ନ ରାଜନୈତିକ ଦଳର ନେତା, ଜନପ୍ରତିନିଧି ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କରଞ୍ଜିଆ ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ପାର୍ଥିବ ଶରୀରକୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ



ଜଳେଶ୍ୱର, ୨।୬ (ସମିସ): ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ସ୍ଥାନୀୟ ଭଂଜ ଭବନ ପରିସରରେ ମଂଚର ସଭାପତି ଡ. ରମାକାନ୍ତ ଭଂଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ବକ୍ତାମାନେ ଯୋଗଦେଇ ତମାଖୁ ସେବନ ଦ୍ୱାରା ହେଉଥିବା କ୍ୟାନସର ଭଳି ରୋଗର ଭୟାବହ ପରିଣତି ସମ୍ପର୍କରେ ଆଲୋକପାତ କରିବା ସହିତ ତମାଖୁ ମୁକ୍ତ ସମାଜ ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଓଡିଆ ଭାଷାସାହିତ୍ୟର ତ୍ରାଣ କର୍ତା ବ୍ୟାସକବି ଫକୀର ମୋହନ ସେନାପତିଙ୍କୁ ଇଂରେଜ ସରକାରଙ୍କ ଦଲାଲ ବୋଲି ଅପବାଦ ଦେବା ଓଡିଆ ଜାତି ପ୍ରତି ଅପମାନ ବୋଲି ଉପସ୍ଥିତ ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ। ସଭାରେ ଏହାକୁ ଦୃଢ ନିନ୍ଦା କରାଯିବା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ମଂଚର ସମ୍ପାଦକ ଡ. ଲଳିତ ରଂଜନ ସେନାପତି ପରିଚାଳନା କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ଉପସଭାପତି କପିଳେଶ୍ୱର ମହାନ୍ତି, ଉପଦେଷ୍ଟା କ୍ଷେତ୍ରମୋହନ ଗିରି, ସଦସ୍ୟ ଦିଲ୍ଲିପ ଗିରି, ଜିତାରାମ ଦେ, ସୁନୀଲ ନାୟକ, ଆଇନଜୀବି ଜିତାଂଶୁ ନନ୍ଦୀ, ବିକାଶ କୁମାର ଧର, ଅବଦୁଲ ସମତ ଖାଁ, ସୁବ୍ରତ ବେରା, ଅପର୍ଣ୍ଣା ଚୌଧୁରୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସହ ସମ୍ପାଦକ ଶ୍ରୀମନ୍ତ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

# ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ପରୀକ୍ଷା ଫଳ ପ୍ରକାଶ

ବାଲେଶ୍ୱର,୨।୬ (ସମିସ)

ଚଳିତ ବର୍ଷ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱରର ସ୍ନାତକ କଳା, ବିଜ୍ଞାନ, ବାଣିଜ୍ୟ, ବିବିଏ, ବିସିଏ ଓ ବି.ଏସ୍.ସି. ଆଇଟିଏମ୍ ପରୀକ୍ଷାଫଳ ପ୍ରକାଶିତ ହୋଇଛି। ଏବର୍ଷ କଳା, ବିଜ୍ଞାନ, ବାଣିଜ୍ୟ, ବିବିଏ, ବିସିଏ ଓ ବି.ଏସ୍.ସି. ଆଇଟିଏମ ରେ ସମୁଦାୟ ୧୨୪୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୯୬୮ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଅନର୍ସ ଡିଷ୍ଟିଙ୍କସନ୍ ସହିତ ପ୍ରଥମ ଶ୍ରେଣୀରେ ୫୫୨ ଜଣ, କେବଳ ପ୍ରଥମ ଶ୍ରେଣୀରେ ୨୪୧ ଜଣ, ଅନର୍ସ ଡିଷ୍ଟିଙ୍କସନ୍ ସହିତ ଦ୍ୱିତୀୟ ଶ୍ରେଣୀରେ ୨୧ ଜଣ, କେବଳ ଦ୍ୱିତୀୟ ଶ୍ରେଣୀରେ ୧୫୪ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସମୁଦାୟ ଛାତ୍ରଛାତ୍ରୀଙ୍କ ପାସ୍ ହାର ଶତକଡ଼ା ୭୮ ପ୍ରତିଶତ ରହିଛି। ସେହିପରି କଳା ବିଭାଗରେ ପାସ୍ ହାର ୭୯.୯ ପ୍ରତିଶତ ହୋଇଥିବା ବେଳେ ବିଜ୍ଞାନ ବିଭାଗରେ ପାସ୍ ହାର ୭୭.୭ ପ୍ରତିଶତ ଓ ବାଣିଜ୍ୟ ବିଭାଗରେ ପାସ୍ ହାର ୭୮.୧ ପ୍ରତିଶତ ହୋଇଛି। ବି.ଏସ୍.ସି. ଆଇ.ଟି.ଏମ୍ ବିଭାଗର ଛାତ୍ରୀ ଅଙ୍କିତା ନାୟକ ଶ୍ରେଷ୍ଠ ସ୍ନାତକ ଭାବରେ ବିବେଚିତ ହୋଇଛନ୍ତି। ସୂଚନା ଯୋଗ୍ୟ ଯେ, ଅର୍ଥନୀତି ବିଭାଗରେ ଆରତୀ ବୁଗୁଡ଼ାଇ, ଶିକ୍ଷା ବିଭାଗରେ ଜଗନ୍ନାଥ ପ୍ରଧାନ, ଇଂରାଜୀ ବିଭାଗରେ ଏମ୍. ପ୍ରାଂଶୁ ତନୟା, ଇତିହାସ ବିଭାଗରେ ପ୍ରତିଭା ନନ୍ଦ, ଓଡ଼ିଆ ବିଭାଗରେ ସରିତା ସେଠୀ, ଦର୍ଶନ ବିଭାଗରେ ଆଲୋକ ପରିଡ଼ା, ସଂସ୍କୃତରେ ଅନୁସୟା ଧଳ, ରାଜନୀତି ବିଜ୍ଞାନ ବିଭାଗରେ ଗୌରୀ ଭଦ୍ର, ହିନ୍ଦୀ ବିଭାଗରେ ଦିବ୍ୟଦର୍ଶନ ବିଶ୍ୱାଳ, ମନସ୍ତତ୍ତ୍ୱ ବିଭାଗରେ ବନ୍ଦିତା ସ, ସମାଜତତ୍ତ୍ୱ ବିଭାଗରେ ସସ୍ମିତା ବାରିକ, ଉର୍ଦ୍ଦୁ ବିଭାଗରେ ମହସେନିନ୍ ଫିର୍ଦ୍ଦୋସି, ନୃତତ୍ତ୍ୱ ବିଭାଗରେ ଯାଜ୍ଞସେନୀ ଦାସ ଏବଂ ଭୂଗୋଳ ବିଭାଗରେ ଶୁଭଶ୍ରୀ ବେହେରା, ଆଇ.ଆର.ପି.ଏମ୍ ବିଭାଗରେ ସାନା ସାନୋବେର ସ୍ନାତକ କଳା ଅନ୍ତର୍ଗତ ଉପଯୁକ୍ତ ବିଭିନ୍ନ ବିଷୟକ ଅନର୍ସ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଉଦ୍ଭିଦ ବିଜ୍ଞାନରେ ସ୍ୱାଗତିକା ପଣ୍ଡା, ରସାୟନ ବିଜ୍ଞାନରେ ସ୍ମୃତିରଞ୍ଜନ ଦାସ, କମ୍ପ୍ୟୁଟର ବିଜ୍ଞାନରେ ଅଭିଜିତ୍ ନନ୍ଦୀ, ଗଣିତରେ ଅବିନାଶ ସାହୁ, ପଦାର୍ଥ ବିଜ୍ଞାନରେ ଶୁଭସ୍ମିତା ପ୍ରଧାନ, ପ୍ରାଣୀ ବିଜ୍ଞାନରେ ରୁଦ୍ର ନାରାୟଣ ସେନାପତି ଏବଂ ଭୂତତ୍ତ୍ୱ ବିଜ୍ଞାନରେ ତୁଷାର ରଞ୍ଜନ ବେହେରା ସ୍ନାତକ ବିଜ୍ଞାନ ଅନ୍ତର୍ଗତ ଉପଯୁକ୍ତ ବିଷୟକ ଅନର୍ସ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରିଛନ୍ତି। ସେହିପରି ସ୍ନାତକ ବାଣିଜ୍ୟ ଅନର୍ସ ପରୀକ୍ଷାରେ ଅମରେଶ ପାତ୍ର ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରି କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ବି.ବି.ଏ ବିଭାଗରେ ଅମ୍ବିକା ଭୋଳ, ବିସିଏ ବିଭାଗରେ ବିଶାଳ ଦାସ ଏବଂ ବି.ଏସ୍.ସି. ଆଇ.ଟି.ଏମ୍ ରେ ଅଙ୍କିତା ନାୟକ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରି କୃତକାର୍ଯ୍ୟ ହୋଇଛନ୍ତ। ଇଣ୍ଟିଗ୍ରେଟେଡ୍ ବି.ଏଡ୍. କଳା ଓ ବିଜ୍ଞାନ ପରୀକ୍ଷାଫଳ ମଧ୍ୟ ପ୍ରକାଶିତ ହୋଇଛି। ଏବର୍ଷ କଳା ଓ ବିଜ୍ଞାନରେ ସମୁଦାୟ ୯୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ତନ୍ମଧ୍ୟରୁ ୯୦ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ପାସ୍ ହାର ଶତକଡ଼ା ୯୦.୯ ପ୍ରତିଶତ। ସ୍ନାତକ କଳା ଭାଷା ବିଭାଗ ଅନ୍ତର୍ଗତ ଅନର୍ସ ପରୀକ୍ଷାରେ ଇଂରାଜୀ ବିଭାଗର ଅଭିପ୍ସା ଦାସ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଲାଭ କରିଥିବା ବେଳେ ସାମାଜିକ ବିଜ୍ଞାନ ଅନ୍ତର୍ଗତ ଭୂଗୋଳ ବିଭାଗର ପ୍ରତୀକ୍ଷା ଦାସ ଏବଂ ଜୈବିକ ବିଜ୍ଞାନ ଅନ୍ତର୍ଗତ ପ୍ରାଣୀ ବିଜ୍ଞାନ ବିଭାଗର ଦୀପ୍ତିମୟୀ ଦାଶ ଏବଂ ଭୌତିକ ବିଜ୍ଞାନ ଅନ୍ତର୍ଗତ ପଦାର୍ଥ ବିଜ୍ଞାନ ବିଭାଗର ଏ.ଏମ୍. ମୁକ୍ତି ମୁସ୍କାନ ମଣ୍ଡଳ ପ୍ରଥମ ଶ୍ରେଣୀରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

### ଗାନ୍ଧୀଜୀଙ୍କ ପଦଯାତ୍ରା ଦିବସରେ ମଦ ଦୋକାନ ଲଟେରି ଉଠାଣ

# ୪୨ଟି ବିଦେଶୀ ଏବଂ ୧୬ଟି ଦେଶୀ ମଦ ଦୋକାନ ପାଇଁ ଅନୁମତି

ଯାଜପୁର, ୨।୬(ସମିସ)




ଆଜକୁ ଠିକ୍ ୯୨ ବର୍ଷ ତଳେ ଅର୍ଥାତ୍ ୧୯୩୪ ମସିହା ଜୁନ ୨ ତାରିଖରେ ଜାତିର ପିତା ମହାତ୍ମା ଗାନ୍ଧୀ ଯାଜପୁରର ବୁଢ଼ାନଦୀ କୂଳରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଛୁଆଁଅଛୁଆଁ ଭେଦଭାବ ଏବଂ ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ଗାନ୍ଧୀ ଏହି ପଦଯାତ୍ରା କରିଥିଲେ। ଗାନ୍ଧୀଙ୍କ ସେହି ପଦଯାତ୍ରାକୁ ସ୍ମରଣୀୟ କରିବା ପାଇଁ ଯାଜପୁର ସହରରେ ଗାନ୍ଧୀ ଛକ କରାଯାଇ ପ୍ରତିଦିନ ଗାନ୍ଧୀ ପ୍ରତିମୂର୍ତ୍ତିକୁ ପୂଜା କରାଯାଉଛି। ଏପରି ଏକ ଐତିହାସିକ ଓ ଗୌରବମୟ ଦିବସରେ ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମଦ ଦୋକାନ ଖୋଲିବା ପାଇଁ ଲଟେରି ଉଠାଣ କରାଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ବରୀ ପୂଜ୍ୟ ପୂଜା ପରିଷଦର ଆବାହକ ତଥା ଗାନ୍ଧିବାଦୀ ସତ୍ୟରଞ୍ଜନ କର ପ୍ରଶାସନର ଏଭଳି ନିଷ୍ପତ୍ତିକୁ ନିନ୍ଦା କରି ମହାତ୍ମାଙ୍କ ପ୍ରତି ଅପମାନ ବୋଲି ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ରାଜସ୍ୱ ଆଦାୟ ଅପେକ୍ଷା ସମାଜର ନୈତିକ ମୂଲ୍ୟବୋଧ, ପରିବାର ବ୍ୟବସ୍ଥା ଓ ଯୁବପିଢ଼ିର ଉଜ୍ଜ୍ୱଳ ଭବିଷ୍ୟତ ଅଧିକ ଗୁରୁତ୍ୱପୂର୍ଣ୍ଣ।

ସେପଟେ ଅବକାରୀ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାରେ ଆଇଏମଏଫ୍ଏଲ୍ ଅଫ୍ ଏବଂ କଣ୍ଟ୍ରି ଲିକ୍ୟୁର ଦୋକାନଗୁଡ଼ିକର ବଣ୍ଟନ ନିମନ୍ତେ ଆଜି ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଲଟେରି ପ୍ରକ୍ରିୟା ସଫଳତାର ସହ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଯାଇଛି। ଚଳିତ ବର୍ଷ ଜିଲ୍ଲାର ମୋଟ ୪୨ଟି ଆଇଏମଏଫଏଲ୍ 'ଅଫ୍' ଦୋକାନ ପାଇଁ ମୋଟ ୯୦୫ ଜଣ ଆବେଦନକାରୀ ଏବଂ ୧୬ଟି କଣ୍ଟ୍ରି ଲିକ୍ୟୁର ଦୋକାନ ପାଇଁ ମୋଟ ୪୮୭ ଜଣ ଆବେଦନକାରୀ ଥିଲେ। ଲଟେରି ପ୍ରକ୍ରିୟା ବିଭିନ୍ନ ପର୍ଯ୍ୟାୟରେ ସମ୍ପନ୍ନ କରାଯାଇଥିଲା। ପ୍ରତ୍ୟେକ ଆବେଦନକାରୀଙ୍କୁ ଟୋକନ ନମ୍ବର ଦିଆଯାଇଥିଲା। ଆବେଦନକାରୀଙ୍କ ଉପସ୍ଥିତିରେ ଟୋକନଗୁଡ଼ିକୁ ଏକ ବାକ୍ସରେ ଭର୍ତ୍ତି କରାଯାଇଥିଲା। ପ୍ରକ୍ରିୟାରେ ନିରପେକ୍ଷତା ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ଅଧିକାରୀମାନେ ଆଖିରେ କଳାପଟି ପିନ୍ଧି ବାକ୍ସ ଭିତରୁ ଟୋକନ ଉଠାଇଥିଲେ। ବାକ୍ସରୁ ବାହାରିଥିବା ଟୋକନ ନମ୍ବର ଅନୁଯାୟୀ ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା। ପ୍ରତ୍ୟେକ ପର୍ଯ୍ୟାୟ ଶେଷରେ ସମ୍ପୃକ୍ତ ଦୋକାନ ପାଇଁ ଅସ୍ଥାୟୀ ଭାବେ ମନୋନୀତ ଆବେଦନକାରୀଙ୍କ ନାମ ଘୋଷଣା କରାଯାଇଥିଲା। ଲଟେରିରେ ମନୋନୀତ ଆବେଦନକାରୀଙ୍କ ଆବେଦନପତ୍ର ଓ ଅନ୍ୟାନ୍ୟ ଦଲିଲପତ୍ର ଯାଞ୍ଚ ପରେ ଏବଂ ନିର୍ଦ୍ଧାରିତ ଶୁଳ୍କ ପୈଠ କରିବା ପରେ ଲାଇସେନ୍ସ ପ୍ରଦାନ କରାଯିବ। ଲଟେରିର ଫଳାଫଳ ଇ-ଅବକାରୀ ପୋର୍ଟାଲରେ ମଧ୍ୟ ଅପଲୋଡ୍ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅବକାରୀ ଅଧୀକ୍ଷକ ଅଜୟ କୁମାର ବେହେରା, ଅତିରିକ୍ତ ଏସ୍‌ପି ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଏସ୍‌ପି ଶଙ୍କର୍ଷଣ ଦଳାଇ, ଅତିରିକ୍ତ ଏସ୍‌ପି ଲକ୍ଷ୍ମୀଧର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ସଞ୍ଜିତ କୁମାର ନାୟକ, ନିଜାରତ ଅଧିକାରୀ ମନୀଷା ସାହୁ, ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ଶାରଦା ପ୍ରସାଦ ଜେନା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଡେପୁଟି ଅଧୀକ୍ଷକ ଅନିତା ଓଝା, ଅବକାରୀ ଇନ୍ସପେକ୍ଟର ସସ୍ମିତା ହୋତା, ଟାଉନ୍ ଥାନା ଆଇଆଇସି ଶରତ ନାୟକଙ୍କ ସମେତ ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ଅବକାରୀ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା
## ବ୍ୟବଚ୍ଛେଦ ରିପୋର୍ଟକୁ ପୁଲିସର ଅପେକ୍ଷା

ଧର୍ମଶାଳା, ୨।୬(ସମିସ): ଧର୍ମଶାଳା ଥାନା ବୌଦ୍ଧ କୀର୍ତ୍ତିରାଜି ସମ୍ପନ୍ନ ତରାପୁର ପାହାଡ଼ରେ ଗତକାଲି ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯୁବକ ଯଖପୁରା ଥାନା ଅସନମାଳି ଗ୍ରାମର ସ୍ୱର୍ଗତ ଭଗବାନ ସିଂହଙ୍କ ପୁଅ ଭବାନୀ ପ୍ରସାଦ ସିଂ(୨୭) ବୋଲି ଜଣାପଡ଼ିଛି। ଭବାନୀ ନିଆଳି ଅଞ୍ଚଳରେ ନିଜ ମା' ପାଖରେ ରହୁଥିବା ବେଳେ ଗତକାଲି ତରାପୁର ଅଞ୍ଚଳକୁ ଦୁଇ ଜଣ ସାଙ୍ଗଙ୍କ ସହିତ ବୁଲିବାକୁ ଆସିଥିଲା। ତରାପୁର ପାହାଡ଼କୁ ଆସି ସେଠାରେ ବୁଲିବା ପରେ ସେ ହଠାତ ଅସୁସ୍ଥତା ଅନୁଭବ କରି ଗୁରୁତର ହୋଇପଡ଼ିଥିଲା। ତାଙ୍କ ସହିତ ଥିବା ଦୁଇଜଣ ସାଙ୍ଗ ତାଙ୍କୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାର ଡାକ୍ତର ଉକ୍ତ ଯୁବକଙ୍କୁ ମୃତ ଘୋଷଣା କରିଥିଲେ। ଯୁବକଙ୍କର ସନ୍ଦେହ ଜନକ ମୃତ୍ୟୁକୁ ନେଇ ଡାକ୍ତର ଧର୍ମଶାଳା ପୁଲିସକୁ ଜଣାଇବା ପରେ ସେଠାରେ ପୁଲିସ ପହଞ୍ଚି ମୃତ ଯୁବକଙ୍କ ସାଙ୍ଗରେ ଆସିଥିବା ଦୁଇଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରିଥିଲା। ସୂଚନା ଥାଉକି ମୃତ ଭବାନୀଙ୍କ ବାପାଙ୍କର କିଛିବର୍ଷ ତଳେ ମୃତ୍ୟୁ ହୋଇଥିବା ବେଳେ ମା' ରଞ୍ଜିତା ସିଂ ନିଆଳି ଥାନାରେ ପୁଲିସ ଏଏସଆଇ ଭାବେ କାର୍ଯ୍ୟ କରୁଛନ୍ତି। ପୁଅ ଭାବାନୀ ସହିତ ମା' ନିଆଳି ଠାରେ ସରକାରୀ ଘରେ ରହୁଥିଲେ। ଗତକାଲି ବିଳମ୍ବିତ ରାତିରେ ରଞ୍ଜିତା ଥାନାରେ ପହଞ୍ଚି ସବୁକିଛି ଅବଗତ ହେବା ସହ ତାଙ୍କ ପୁଅ ବୁଲିବାକୁ ଆସି ଏଭଳି ମୃତ୍ୟୁର ଶିକାର ହୋଇଛି ବୋଲି ମୃତ ଯୁବକର ବଡ଼ବାପା ଥାନାରେ ଲିଖିତ ଅଭିଯୋଗ କରି ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି। ଏନେଇ ଧର୍ମଶାଳା ପୁଲିସ ୨୩ନଂ.ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଘଟଣାର ତଦନ୍ତ ଚଳାଛି। ଘଟଣାକୁ ନେଇ ଥାନାରେ ଅଟକ ଥିବା ୨ ଯୁବକଙ୍କୁ ପୁଲିସ ଛାଡିଦେଇଥିବା ଜଣାପଡ଼ିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

### ଟ୍ରାନ୍ସଫର୍ମର କଏଲ ଓ ତେଲ ଚୋରି ଘଟଣା
## ଛଅ ଅଭିଯୁକ୍ତ ଅଦାଲତ ଚାଲାଣ

**ପାଣିକୋଇଲି, ୨।୬(ସମିସ):** ପାଣିକୋଇଲି ଟ୍ରମା କେୟାରରେ ଲାଗିଥିବା ବିଦ୍ୟୁତ ଟ୍ରାନ୍ସଫର୍ମରରୁ ବର୍ଷକ ତଳେ କଏଲ ଚୋରି ହେବା ନେଇ ଥାନାରେ ମାମଲା ରୁଜୁ କରାଯାଇଥିଲା। ପୁଣି ଟ୍ରମା କେୟାରରେ ଲାଗିଥିବା ଏକ ୭୫୦ କେଭି ଟ୍ରାନ୍ସଫରରରୁ କପର କଏଲ ଗତ ମାସ ୨୫ ତାରିଖରେ ଚୋରି ହୋଇଥିଲା। ଏନେଇ ପାଣିକୋଇଲି ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କୋମଳ କୁମାର ସ୍ୱାଇଁ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା ୨୦୨/୨୬ ରୁଜୁ କରାଯାଇଥିଲା। ଟ୍ରମା କେୟାରରେ ଜଗୁଆଳି ଥିବା ସତ୍ତ୍ୱେ ବାରମ୍ବାର ଚୋରି ହେଉଥିବାରୁ ଏସପିଙ୍କ ନିର୍ଦ୍ଦେଶରେ ପାଣିକୋଇଲି ପୁଲିସ ଏକ ଟିମ୍ ଗଠନ କରି ଏହାର ତଦନ୍ତ ଅରମ୍ଭ କରିଥିଲା। ଜିଲ୍ଲାର ସମସ୍ତ ଥାନାକୁ ଉକ୍ତ ବିଷୟରେ ଅବଗତ କରାଯାଇଥିଲା। ଗତ ବର୍ଷ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଅଭିନବ ଉପାୟରେ ଟ୍ରାନ୍ସଫର୍ମରରୁ କୟଲ ଓ ତେଲ ଚୋରି ହୋଇଥିଲା। ଏହି ମାମଲାରେ ସମ୍ପୃକ୍ତ ଯୁବକମାନେ ପୂର୍ବରୁ ମଧ୍ୟ ଗିରଫ ହୋଇଥିଲେ। ଏହାକୁ ଅଧାର କରି ଉକ୍ତ ଟିମକୁ ଧରିବାକୁ ପୁଲିସ ଜାଲ ବିଛାଇଥିଲା। ଶେଷରେ ସେମାନେ ପୁଲିସ ପଞ୍ଝାରେ ପଡ଼ିଥିଲେ। ସେମାନଙ୍କୁ ଥାନାକୁ ଆଣି ପଚରାଉଚୁରା କରିବାରୁ ଟ୍ରମାକେୟାର କୟଲ ଚୋରିରେ ସେମାନେ ସମ୍ପୃକ୍ତ ଥିବା ମାନିଥିଲେ। ଯାଜପୁରରୋଡ ଥାନା ଅନ୍ତର୍ଗତ ବେଙ୍ଗପାଟିଆ ଗ୍ରାମର ବାଗମ୍ବର ମାଇତିଙ୍କ ପୁଅ ନଣ୍ଡା ମାଇତି(୨୩), କଟକ ଜିଲ୍ଲା ଖୁଣ୍ଟୁଣୀ ଥାନା ପଡ଼ାପଦର ଗ୍ରାମର ପିରୁ ବନସିଂଙ୍କ ପୁଅ ଲାଡୁରା ବନସିଂ(୨୯) ଓ ପାର୍ବତିପୁର ଗ୍ରାମର ବିଜୟ ମୁଣ୍ଡାଙ୍କ ପୁଅ ବଗୁନ ମୁଣ୍ଡା(୨୬), କଳିଙ୍ଗନଗର ଥାନା ସାରଙ୍ଗପୁର ଗ୍ରାମର ନଟେ ମୁଣ୍ଡାଙ୍କ ପୁଅ ରସାଇ ମୁଣ୍ଡା(୨୮), ରବି ମୁଣ୍ଡାଙ୍କ ପୁଅ ଚନ୍ଦନ ମୁଣ୍ଡା(୨୮), ସାଇବା ପ୍ରଧାନଙ୍କ ପୁଅ ରଞ୍ଜନ ପ୍ରଧାନ(୨୫) ସମସ୍ତ ଛଅ ଜଣ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯାଇଛି ବୋଲି ତଦନ୍ତାଧିକାରୀ ପ୍ରଶାନ୍ତ କୁମାର ଦାଶ ସୂଚନା ଦେଇଛନ୍ତି।

## ବିଞ୍ଝାରପୁର ବିଇଓଙ୍କ ଯୋଗଦାନ

**ପ୍ରୀତିପୁର/ମଙ୍ଗଳା, ୨।୬(ସମିସ):** ବିଞ୍ଝାରପୁର ଶିକ୍ଷା ମଣ୍ଡଳର ନବନିଯୁକ୍ତ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ମଲିକ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଅଳାପୁର ଠାରେ ଥିବା ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଯୋଗ ଦେଇ ସେ ବିଧିବଦ୍ଧ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ବ୍ଲକ ଶାଖା ପକ୍ଷରୁ ସଭାପତି ରବିନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ଶିକ୍ଷକ ସଙ୍ଘର ଉପସଭାପତି ରତନଲାଲ ଭୂୟାଁ, ଉପସଭାନେତ୍ରୀ ଶୁଭଶ୍ରୀ ଦାଶ, ସମ୍ପାଦକ ସୁବାସ ନାୟକ, ସଂଯୋଜକ ସଂଗ୍ରାମ ସାମଲ, ସହସମ୍ପାଦକ ରଶ୍ମିରଞ୍ଜନ ଧଳ, ଦେବେନ୍ଦ୍ର ନାୟକ, ଦିବ୍ୟଜ୍ୟୋତି ପଣ୍ଡା, କୋଷାଧ୍ୟକ୍ଷ ଅରୁଣ କୁମାର ନାୟକ, ଉପଦେଷ୍ଟା ଅସଦୁଲ୍ଲା ଖାଁ, ସିଆର୍‌ସିସି ବିଦ୍ୟାସାଗର ବେହେରା, ଜଗବନ୍ଧୁ ଯେନା, ସୁବ୍ରତ ପତି, ପ୍ରିୟଦର୍ଶିନୀ ପରିଡ଼ା, ଅମିୟ ବେହେରା, ବିଶ୍ୱପ୍ରକାଶ ସାମଲ ନବନିଯୁକ୍ତଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ସହିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ଦିବ୍ୟାଙ୍ଗ ଛାତ୍ରୀ ଅଙ୍କିତାଙ୍କୁ ସମ୍ବର୍ଦ୍ଧନା

**ସୁକିନ୍ଦା, ୨।୬(ସମିସ):** ଦ୍ୱାଦଶ ବିଜ୍ଞାନ) ପରୀକ୍ଷାରେ ଯାଜପୁର ଜିଲ୍ଲାର ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସର୍ବାଧିକ ନମ୍ବର ରଖି ସୁକିନ୍ଦା ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଅଙ୍କିତା ମଲ୍ଲିକ ଜିଲ୍ଲା ଟପ୍ପର ହୋଇଛନ୍ତି। ଏହି ଅବସରରେ ସୁକିନ୍ଦା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଙ୍କିତାଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ଦାସ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଗୋବର୍ଦ୍ଧନ ପ୍ରଧାନ, ପ୍ରେମାଞ୍ଜଳି ନାୟକ, ମାଣିକ ପ୍ରସାଦ ସଏ, ଜିଲ୍ଲା ଅନ୍ତର୍ନିବେଶୀ ସଂଯୋଜକ ବନ୍ଦନା ଜେନା ଏବଂ ବ୍ଲକ ସମ୍ବଳ କର୍ମୀ (ବିଆର୍‌ପି) ଭୈରବାନନ୍ଦ ଦାସ ଉପସ୍ଥିତ ରହି ତାଙ୍କୁ ଉତ୍ସାହିତ କରିଥିଲେ। ଅଙ୍କିତା ଭବିଷ୍ୟତରେ ଜଣେ ଉତ୍ତମ ଡାକ୍ତର ହୋଇ ମାନବସେବାରେ ନିଜକୁ ସମର୍ପିତ କରିବାର ଇଚ୍ଛା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଓ ସେମାନଙ୍କ ଉନ୍ନତି ପାଇଁ ସଦା ପ୍ରୟାସ ଜାରି ରହିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷକ ବସନ୍ତ ଦାସ ସମଗ୍ର କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ପରିଚାଳନା କରିଥିଲେ।

### ମଙ୍ଗଳପୁର - ବଡ଼କୁଆଁଳ ରାସ୍ତା ଫାଟି ଦି'ଫାଳ

# ପିଚୁ, ମେଣ୍ଟାଲ ମାନ ପରଖିଲେ ରାଜ୍ୟ ଅଧିକାରୀ

**ଦଶରଥପୁର/କୟାଁଗୋଲା, ୨।୬(ସମିସ):** ନିର୍ମାଣ କାର୍ଯ୍ୟ ଶେଷ ହେବା ପୂର୍ବରୁ ମଙ୍ଗଳପୁର-ବଡ଼କୁଆଁଳ ଆର୍‌ଡ଼ି ରାସ୍ତା ଫାଟି ଦୁଇ ଫାଳ ହୋଇଯାଇଛି। ଗତ ୨୩ ଏପ୍ରିଲରେ ଏହି ରାସ୍ତା ଫାଟିଯାଇଥିବା ବେଳେ ଶନିବାର ରାଜ୍ୟସ୍ତରୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଇଛି। ରାସ୍ତା ଦୁରାବସ୍ଥାକୁ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟଙ୍କ ଲିଖିତ ଅଭିଯୋଗ ପରେ ତଦନ୍ତ କରାଯାଇଥିବା ଜଣାପଡ଼ିଛି। ଆର୍‌ଡ଼ି ବିଭାଗ ରାଜ୍ୟ ମାନ ପରୀକ୍ଷା ଅଧିକାରୀ ସତ୍ୟଜିତ ଦଳାଇ, ଅଧୀକ୍ଷଣ ଯନ୍ତ୍ରୀ ଅବିନାଶ ବାରିକ, ଜେଇ ଅଶୋକ ଜେନାଙ୍କ ସମେତ ଅନ୍ୟ ଅଧିକାରୀ ମଧ୍ୟ ଉପସ୍ଥିତରେ ଏହି ରାସ୍ତା ତଦନ୍ତ କରାଯାଇଥିଲା। ଫାଟିଥିବା ସ୍ଥାନ ପାଲଟପୁର ପଞ୍ଚାୟତ ବିନ୍ଧାନନ୍ଦିପୁର ଠାରେ ପିଚୁ ଖୋଳାଯାଇ ପିଚୁର ପରିମାଣ, ବଜୁରୀ ପରିମାଣ, ଡଷ୍ଟ ଏବଂ ମେଣ୍ଟାଲ ପରିମାଣ ଏକ ସ୍କୋୟାର ଫୁଟ ଖୋଳାଯାଇ ମାନ ପରୀକ୍ଷା କରାଯାଇଥିଲା। ତଦନ୍ତ ସମୟରେ ଠିକାଦାର ସୁଶାନ୍ତ ପରିଡ଼ା ଉପସ୍ଥିତ ନ ରହିବା ଏବଂ ନିୟମ ଅନୁସାରେ ମାନ ଏବଂ ଠିକ୍ ପରିମାଣ ଠାରୁ କମ ସାମଗ୍ରୀ ବ୍ୟବହାର ହୋଇଥିବାରୁ ଅଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସରକାରୀ ନିୟମ ତଥା ଏଷ୍ଟିମେଣ୍ଟ ଅନୁସାରେ କାର୍ଯ୍ୟ କରାନଯାଇ ବେଆଇନ ଭାବେ ନିମ୍ନମାନର କାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ଏଣୁ ଏଥିନେଇ ଉପରିସ୍ଥ ଅଧିକାରୀଙ୍କୁ ଚିଠିମାଧ୍ୟମରେ ଅବଗତ କରାଯିବା ସହିତ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଅବିନାଶ ବାରିକ ସୂଚନା ଦେଇଛନ୍ତି।



ସୂଚନା ଅନୁସାରେ ଦଶରଥପୁର ବ୍ଲକ ମଙ୍ଗଳପୁର-ବଡ଼କୁଆଁଳ ଆର୍‌ଡ଼ି ରାସ୍ତାର ପାଲଟପୁର ପଞ୍ଚାୟତ ବିନ୍ଧାନନ୍ଦିପୁର ପ୍ରାଥମିକ ବିଦ୍ୟାଳୟ ନିକଟରେ ଗତ ୨୩ ମାର୍ଚ୍ଚ ଦିନ ପ୍ରାୟ ୫୦ ଫୁଟ ରାସ୍ତା ୧୫ ଫୁଟ ଚଉଡ଼ାରେ ୨ ଫାଳ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ସେହିପରି ଗେଲ୍ ଇଣ୍ଡିଆ ଅଫିସ ନିକଟରେ ରାସ୍ତା ଫାଟି ଆଁ କଲାଣି। ଏହି ଘଟଣା ଘଟିବା ପରେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡ଼ା ଏକ ଲିଖିତ ଅଭିଯୋଗ ଆର୍‌ଡ଼ି ବିଭାଗ ମୁଖ୍ୟଯନ୍ତ୍ରୀ ଏବଂ ଏସ୍‌ଇଙ୍କୁ ତଦନ୍ତ କରାଯାଇ ସମ୍ପୃକ୍ତ ଠିକା ସଂସ୍ଥା ଏବଂ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜଣାଇଥିଲେ। ଏହାଛଡ଼ା ଅବଧିର ୩ ବର୍ଷ ବିତିଯାଇଥିଲେ ମଧ୍ୟ ମେଣ୍ଟେନାନ୍ସ ପାଇଁ ଥିବା ୪୧ ଲକ୍ଷ ଟଙ୍କାକୁ ହରିଲୁଟ୍ କରାଯାଇଥିବା ମଧ୍ୟ ଅଭିଯୋଗ କରାଯାଇଛି। ଏଥିନେଇ ରାଜ୍ୟ ଏବଂ ଜିଲ୍ଲା ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯିବ ବୋଲି ଏସ୍‌ଇ ଅବିନାଶ ବାରିକ ସୂଚନା ଦେଇଥିଲେ।

## ବିରଜା ସେବା ସମିତିର ମାସିକ ବୈଠକ

**ଯାଜପୁର, ୨।୬(ସମିସ):** ବିରଜା ସେବା ସମିତିର ମାସିକ ବୈଠକ ବିଶ୍ୱମ୍ବର ମିଶ୍ରଙ୍କ ଅଧ୍ୟକ୍ଷତାରେ ମା'ବିରଜାଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦେବୀ ବନ୍ଦନା ପରେ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଗତ ବୈଠକର ବିବରଣୀ ପାଠ କରିଥିଲେ। ଉପ ସଭାପତି ପ୍ରମୋଦ କୁମାର ଦ୍ୱିବେଦୀ, କୋଷାଧ୍ୟକ୍ଷ ହରିହର ବେହେରା, ହିସାବ ନିରୀକ୍ଷକ ରମେଶ ଚନ୍ଦ୍ର ରାଉତ ଆର୍ଥିକ ବର୍ଷର ଆୟ ବ୍ୟୟର ହିସାବ ସଭାକୁ ଜଣାଇଥିଲେ। ଏ ବର୍ଷ ନୂତନ ସଭ୍ୟ ୮୮ଜଣ ହୋଇଥିବା ବେଳେ ସେବା ସମିତିର ପାଣ୍ଠିକୁ ୨ ଲକ୍ଷ ୩୬ ହଜାର ଆସିଥିବାରୁ ସମ୍ପାଦକଙ୍କୁ ସଭା ଧନ୍ୟବାଦ ଅର୍ପଣ କରିଥିଲେ। ବାର୍ଷିକ ସାଧାରଣ ଅଧିବେଶନ ଆସନ୍ତା ଜୁନ୍ ମାସ ୧୯ ତାରିଖ ଶୁକ୍ରବାର ଅପରାହ୍ନ ୪ ଘଟିକା ୩୦ ମିନିଟ୍‌ରେ କରାଯିବାକୁ ସ୍ଥିର କରାଗଲା। ନୂତନ କର୍ମକର୍ତ୍ତା ଚୟନ ଉପରେ ଆଲୋଚନା କରାଗଲା। ପ୍ରସ୍ତାବିତ ନୂତନ କର୍ମକର୍ତ୍ତା ମାନଙ୍କୁ ସଭା ଅନୁମୋଦନ କଲା। ଏହା ବାର୍ଷିକ ସାଧାରଣ ଅଧିବେଶନରେ ଅନୁମୋଦନ ଲାଭ କରିବା ପାଇଁ ସଭାପତିଙ୍କୁ ପେସ୍ କରିବାକୁ ଦାୟିତ୍ୱ ପ୍ରଦାନ କରାଗଲା।

### କୋଷାଗାର ଅଧିକାରୀଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଘଟଣା

## ପ୍ରତିବାଦରେ କଲମ ଛାଡ଼ ଆନ୍ଦୋଳନ

**ଯାଜପୁର, ୨।୬(ସମିସ):** ଯାଜପୁର ଜିଲ୍ଲା କୋଷାଗାର ଅଧିକାରୀ ଦୀପ୍ତିମାନ ପାତ୍ର ସରକାରୀ କାର୍ଯ୍ୟାଳୟରେ ନିଶାସକ୍ତ ହୋଇ ବରିଷ୍ଠ ସହାୟକଙ୍କୁ ଅଶାଳୀନ ବ୍ୟବହାର ସହ ମାଡ଼ ମାରିଥିବା ଅଭିଯୋଗ ଘଟଣାକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଜିଲ୍ଲା କୋଷାଗାର ସମେତ ଜିଲ୍ଲାର ସମସ୍ତ ଉପକୋଷାଗାରରେ କଲମ ଛାଡ଼ ଆନ୍ଦୋଳନ କରାଯାଇଛି। ଗତକାଲି ଜିଲ୍ଲା କୋଷାଗାର ଅଧିକାରୀ ଗତ କିଛି ମାସ ଧରି କାର୍ଯ୍ୟାଳୟରେ ନିୟମିତ ଭାବେ ଅଫସ ନ ଆସି ନିଜର ଉପସ୍ଥାନ ପାଇଁ ବାୟୋମେଟ୍ରିକ ଅପଡେଟ କରିବାକୁ ଅଧସ୍ତନ କର୍ମଚାରୀଙ୍କୁ ବାଧ୍ୟ କରିଥିଲେ। କାର୍ଯ୍ୟାଳୟର ବରିଷ୍ଠ ସହାୟକ ବ୍ରହ୍ମାନନ୍ଦ ନାଥଶର୍ମା ଏଭଳି ବେଆଇନ କାର୍ଯ୍ୟ କରିବାକୁ ମନା କରିବାକୁ ତାଙ୍କୁ ଆକ୍ରମଣ ସହିତ ଅଶ୍ଲୀଳ ଗାଳିଗୁଲଜ କରାଯାଇଥିବା ନେଇ ଗତକାଲି ଯାଜପୁର ଜିଲ୍ଲାପାଳ ଏବଂ ଯାଜପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଆଜି କୋଷାଗାର ସମେତ ଜିଲ୍ଲାର ସମସ୍ତ ଉପକୋଷାଗାରରେ କଲମ ଛାଡ଼ ଆନ୍ଦୋଳନ କରାଯାଇଛି। ଏହି ଆନ୍ଦୋଳନରେ କୋଷାଗାର ଓ ଉପକୋଷାଗାରର କନିଷ୍ଠ ଓ ବରିଷ୍ଠ ସହାୟକଙ୍କ ସମେତ ସମସ୍ତ କର୍ମଚାରୀ ସାମିଲ ହୋଇଛନ୍ତି। ଏହି ଘଟଣାକୁ ଜିଲ୍ଲା କର୍ମଚାରି ସଂଘ ପକ୍ଷରୁ ନିନ୍ଦା କରିବା ସହିତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହି ଘଟଣାର ତଦନ୍ତ କରି ଆଗାମୀ ୩ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନିଆ ନଗଲେ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରାଯିବା ସହିତ ଆନ୍ଦୋଳନ କରାଯିବା ନେଇ ଚେତାବନୀ ଦେଇଛି ଜିଲ୍ଲା କର୍ମଚାରୀ ସଂଘ। ଅନ୍ୟପଟେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଜିଲ୍ଲା କୋଷାଗାର ଅଧିକାରୀ ଦୀପ୍ତିମାନ ପାତ୍ର। ତଦନ୍ତ ପାଇଁ ଦାବି କରିବା ସହିତ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି ଜିଲ୍ଲା କୋଷାଗାର ଅଧିକାରୀ। ସର୍ବଶେଷ ଖବର ଅନୁଯାୟୀ ଏହି ଘଟଣାର କାର୍ଯ୍ୟାନୁଷ୍ଠାନ ନିଆଯିବାର ପ୍ରତିଶ୍ରୁତି ମିଳିବା ପରେ ଏହି କଲମ ଛାଡ ଆନ୍ଦୋଳନ ୭ ଦିନ ପାଇଁ ବନ୍ଦ ରଖାଯାଇଥିବା ଜଣାପଡ଼ିଛି।

## ଅସ୍ଥାୟୀ ବିଶ୍ରାମ ଗୃହ ମରାମତି

**ପାଣିକୋଇଲି, ୨।୬(ସମିସ):** ପାଣିକୋଇଲି ହାଇସ୍କୁଲ ନିକଟରେ (କଟକ ବସ୍‌ଷ୍ଟାଣ୍ଡ) ଖରାବର୍ଷାରୁ ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଏକ ଅସ୍ଥାୟୀ ବିଶ୍ରାମ ଗୃହ ନିର୍ମାଣ କରାଯାଇଥିଲା। ଯାହା ଫଳରେ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀ ମାନେ ଖରାବର୍ଷା ହେଲେ ମୁଣ୍ଡ ଗୁଞ୍ଜୁଥିଲେ। ଯେହେତୁ ସେହିପଟରେ ଯାତ୍ରୀମାନଙ୍କ ପାଇଁ କୌଣସି ବିଶ୍ରାମ ସ୍ଥଳୀ ନାହିଁ ଯାତ୍ରୀମାନେ ଦୋକାନ ଆଗରେ ବା ଖରାରେ ବସ୍‌କୁ ଅପେକ୍ଷା କରୁଥିଲେ। ଚାରି ବର୍ଷ ତଳେ ବହୁ ଦାବି ପରେ ପଞ୍ଚାୟତ ପକ୍ଷରୁ ଏହାକୁ ନିର୍ମାଣ କରାଯାଇଥିଲା। କିନ୍ତୁ ଏହା ପରେ ସ୍ଥାୟୀ ନିର୍ମାଣ ବା ଏହାର ରକ୍ଷାବେକ୍ଷଣ କେହି କଲେ ନାହିଁ। ବର୍ଷା ସମୟରେ ପାଣିକୋଇଲିର କାର୍ଯ୍ୟରତ ସାମ୍ବାଦିକମାନେ ଖବର ପ୍ରକାଶ ପରେ କିଛି ସୁଫଳ ନମିଳିବାରୁ ନିଜସ୍ୱ ଉଦ୍ୟମରେ ଏହା ଉପରେ ଏକ ପାଲ ପକାଇଥିଲେ। ଫଳରେ ଯାତ୍ରୀମାନେ ସୁରକ୍ଷା ପାଉଥିଲେ। କିନ୍ତୁ କିଛି ଦିନ ପରେ ଅର୍ଥାତ ବର୍ଷା ପରେ କେହି ଦୁର୍ବୃତ୍ତ ପାଲଟିକୁ ଚୋରାଇ ନେଇଥିଲା। ଏବେ ଏହି ଅସ୍ଥାୟୀ ବିଶ୍ରାମ ଗୃହଟି ଜରାଜୀର୍ଣ୍ଣ ଅବସ୍ଥାରେ ଥିଲେ ବି ଯାତ୍ରୀମାନେ ତାହା ମଧ୍ୟରେ ମୁଣ୍ଡ ଗୁଞ୍ଜୁଛନ୍ତି। ଚଳିତ ବର୍ଷ ସବୁଠୁ ପ୍ରଚଣ୍ଡ ଗ୍ରୀଷ୍ମ ଗୁଳୁଗୁଳି ହେଉଥିଲେ ବି ପ୍ରଶାସନ ସର୍ତକ ରହିବାକୁ ପରାମର୍ଶ ଦେଉଛି। କିନ୍ତୁ ମୁଣ୍ଡ ଗୁଞ୍ଜିବାକୁ ଥିବା ବିଶ୍ରାମ ଗୃହ ମରାମତି କରିବାକୁ ଭୂଲିଯାଇଛି। ପ୍ରଶାସନ ବର୍ତ୍ତମାନର ପରିସ୍ଥିତିକୁ ଉପଲବ୍ଧି କରି ଜନସାଧାରଣଙ୍କ ହିତ ଦୃଷ୍ଟିରୁ ତୁରନ୍ତ ଏହାର ମରାମତି ସହିତ ସେଠାରେ ଜଳଛତ୍ର ଖୋଲିବାକୁ ଦାବି ହୋଇଥିଲା। ଗଣମାଧ୍ୟମରେ ପ୍ରକାଶ ପରେ ବି ଶୁଣିଲାନି ପ୍ରଶାସନ। ଆଜି ପାଣିକୋଇଲିର କାର୍ଯ୍ୟରତ ସମ୍ବାଦିକ ଓ ସମାଜସେବୀ ମାନେ ଏକତ୍ରିତ ହୋଇ ଏହି ଅସ୍ଥାୟୀ ବିଶ୍ରାମ ଗୃହରେ ପାଲ ପକାଇ ମରାମତି କରିଛନ୍ତି।

## ପୂର୍ତ୍ତ ଓ ଗୃହ ନିର୍ମାଣ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ

ପାଣିକୋଇଲି, ୨।୬(ସମିସ): ସୂଚନା ଅଧିକାର ଆଇନ ବଳରେ ଜିଲ୍ଲା ପୂର୍ତ୍ତ ଓ ଗୃହ ନିର୍ମାଣ କାର୍ଯ୍ୟାଳୟରୁ ମଗା ଯାଉଥିବା ତଥ୍ୟ ଉଦ୍ଦେଶ୍ୟମୂଳକ ଭାବେ ବର୍ଷ ବର୍ଷ ଧରି ସୂଚନା ନଦେବା ପ୍ରତିବାଦରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ଯାଜପୁର ଶାଖା ପକ୍ଷରୁ ପାଣିକୋଇଲି ସ୍ଥିତ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଜନ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଆମରଣ ଅନଶନ କରାଯାଇଥିଲା। ସୂଚନା ଅନୁଯାୟୀ ବିଞ୍ଝାରପୁର ଥାନା ମଲ୍ଲିଆ ଗ୍ରାମର ସୂଚନାଧିକାର କର୍ମୀ ସୀମାନ୍ତ କୁମାର ପାତ୍ର ସୂଚନାଧିକାର ଆଇନ ବଳରେ ଉକ୍ତ କାର୍ଯ୍ୟାଳୟକୁ କେତେକ ତଥ୍ୟ ମାଗିଥିଲେ। ପାଖାପାଖି ୧୫ରୁ ଉର୍ଦ୍ଧ୍ୱ ସୂଚନା ଉକ୍ତ କାର୍ଯ୍ୟାଳୟକୁ ମଗାଯାଇଥିଲେ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବେ ଏହାର ସୂଚନା ପ୍ରଦାନ କରାଯାଇନଥିଲା। ଏନେଇ ବାରମ୍ବାର କାର୍ଯ୍ୟାଳୟ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଆଜି ସକାଳୁ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଅମରଣ ଅନଶନ କରାଯାଇଥିଲା। କିନ୍ତୁ ଅଫିସରେ ଅଧିକ୍ଷଣ ଯନ୍ତ୍ରୀ ଅନୁପସ୍ଥିତ ଥିଲେ। ଘଟଣାସ୍ଥଳରେ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ ସ୍ମୃତିରଞ୍ଜନ ରାଉତ ପହଞ୍ଚି ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ ଓ ଏକ ମାସ ମଧ୍ୟରେ ମଗା ଯାଇଥିବା ତଥ୍ୟ ପ୍ରଦାନ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଅନଶନ ପ୍ରତ୍ୟାହାର କରିବାକୁ ଅନୁରୋଧ କରିବା ପରେ ଅନଶନକାରୀମାନେ ନିଜ ନିଜ ସ୍ଥାନରୁ ଉଠିଥିଲେ। ଆଜିର ଅନଶନରେ ସୀମାନ୍ତ ପାତ୍ରଙ୍କ ସହିତ ସୂଚନାଧିକାର କର୍ମୀ ତାରିଣୀ କୁମାର ପଟ୍ଟନାୟକ ଓ କୈଳାସ ଚନ୍ଦ୍ର ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।




## ନୂତନ କୃଷି ଅଧିକାରୀଙ୍କ ଯୋଗଦାନ

**ଦଶରଥପୁର, ୨।୬(ସମିସ):** ଦଶରଥପୁର ବ୍ଲକରେ ନୂତନ କୃଷି ଅଧିକାରୀ ଭାବେ ତୁଷାରକାନ୍ତ ସେଠୀ ଓ ସହ-କୃଷି ଅଧିକାରିଣୀ ଭାବେ କେନ୍ଦ୍ରାପଡ଼ା ଜିଲ୍ଲାର ନିବେଦିତା ବିହାରୀ ଆଜି ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଭାଗୀୟ ବଦଳି ପ୍ରକ୍ରିୟାରେ ଶ୍ରୀ ସେଠୀଙ୍କୁ ବଲାଙ୍ଗିର ଜିଲ୍ଲାରୁ ସିଧା ଦଶରଥପୁର ବ୍ଲକରେ ଯୋଗଦାନ କରିବାକୁ ନିର୍ଦ୍ଦେଶ ରହିଥିଲା ବେଳେ ସହ-କୃଷି ଅଧିକାରିଣୀ ସୁଶ୍ରୀ ନିବେଦିତା ଦଶରଥପୁର ବ୍ଲକରେ ନିଜ ସରକାରୀ ଚାକିରି ସେବା ଆରମ୍ଭ କରିଛନ୍ତି। ଯୋଗଦାନ ପରେ ଉଭୟ ଶ୍ରୀ ସେଠୀ ଏବଂ ସୁଶ୍ରୀ ନିବେଦିତାଙ୍କୁ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିବା ବେଳେ ନିଜ କାର୍ଯ୍ୟକାଳ ମଧ୍ୟରେ ଦଶରଥପୁର ବ୍ଲକର କୃଷି ଓ କୃଷକଙ୍କ ଉନ୍ନତି ଦିଗରେ କାର୍ଯ୍ୟ କରିବେ ବୋଲି ଶ୍ରୀ ସେଠୀ ଓ ସୁଶ୍ରୀ ନିବେଦିତା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଜିନ୍ଦଲକୁ ବ୍ରିଟିଶ ସେଫ୍ଟି କାଉନସିଲ ଓ ଆଇସିସିର ଲିଡରସିପ୍ ଆୱାର୍ଡ



ଦାନଗଦି, ୨।୬(ସମିସ)

ଔଦ୍ୟୋଗିକ ସୁରକ୍ଷା, କାର୍ଯ୍ୟସ୍ଥଳ ସୁରକ୍ଷା ସଂସ୍କୃତି ଏବଂ ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟରେ ନିରନ୍ତର ଉତ୍କର୍ଷ ପ୍ରଦର୍ଶନ କରି ଯାଜପୁରସ୍ଥିତ ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍ ପୁଣିଥରେ ଜାତୀୟ ଓ ଆନ୍ତର୍ଜାତୀୟ ମଞ୍ଚରେ ଓଡ଼ିଶାର ଗୌରବ ବୃଦ୍ଧି କରିଛି। ଚଳିତ ବର୍ଷ କମ୍ପାନୀ, ପ୍ରତିଷ୍ଠିତ ବ୍ରିଟିଶ ସେଫ୍ଟି କାଉନ୍ସିଲ ଡିଷ୍ଟିଙ୍କସନ ଆୱାର୍ଡ ଏବଂ ଇଣ୍ଡିଆନ ଚାମ୍ବର ଅଫ କମର୍ସ୍ ଲିଡରସିପ ଆୱାର୍ଡ ହାସଲ କରି ସୁରକ୍ଷା କ୍ଷେତ୍ରରେ ନିଜର ଶ୍ରେଷ୍ଠତାକୁ ପୁନର୍ବାର ପ୍ରମାଣିତ କରିଛି। ଗତ ୨୯ ମଇ ୨୦୨୬ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ଇଣ୍ଡିଆନ ଚାମ୍ବର ଅଫ କମର୍ସ୍‌ର ୩ୟ ଶିଳ୍ପ ସୁରକ୍ଷା ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟ ଲିଡରସିପ ସମିଟରେ ୨୦୨୫-୨୬ ବର୍ଷ ପାଇଁ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ କାରଖାନା ଓ ବଏଲର ବିଭାଗର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଜିନ୍ଦଲ ଷ୍ଟେନଲେସ, ଯାଜପୁରକୁ ଲାର୍ଜ ସ୍କେଲ୍ ଇଣ୍ଡଷ୍ଟ୍ରିଜ୍ ସେକ୍ଟରରେ ଆଇସିସି ଲିଡରସିପ ଆୱାର୍ଡ ପ୍ରଦାନ କରାଯାଇଥିଲା। ସେହିପରି ୨୧ ମଇ ୨୦୨୬ ତାରିଖରେ ମୁମ୍ବାଇସ୍ଥିତ ଜେଡବ୍ଲ୍ୟୁ ମାରିଅଟ ସହର ହୋଟେଲରେ ଆୟୋଜିତ ବ୍ରିଟିଶ ସେଫ୍ଟି କାଉନ୍ସିଲ ଅନ୍ତର୍ଜାତୀୟ ସୁରକ୍ଷା ଆୱାର୍ଡ ଉତ୍ସବରେ ସଂସ୍ଥାର ଟ୍ରଷ୍ଟି ବୋର୍ଡର ଅଧ୍ୟକ୍ଷ ପିଟର ମ୍ୟାକଗେଟରିକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ମାଇକ ରବିନସନଙ୍କ ହସ୍ତରେ ଜିନ୍ଦଲ ଷ୍ଟେନଲେସ, ଯାଜପୁରକୁ ଧାତୁ ଏବଂ ଖଣି କ୍ଷେତ୍ର ପାଇଁ ସର୍ବୋଚ୍ଚ ସମ୍ମାନ ମଧ୍ୟରୁ ଅନ୍ୟତମ ଡିଷ୍ଟିଙ୍କସନ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

ସକାଳ
THE SAKALA

ସମ୍ପାଦକୀୟ



ମୁଁ ଯେଉଁ 'ୱେବ୍ ଦୁନିଆ' ର ପରିକଳ୍ପନା କରିଥିଲି, ତାହା ଏପର୍ଯ୍ୟନ୍ତ ବାସ୍ତବ ରୂପ ନେଇନାହିଁ। ଏବେ ମଧ୍ୟ ଆମର ଭବିଷ୍ୟତ ଆମର ଅତୀତ ଅପେକ୍ଷା ବୃହଦାକାର ରୂପେ ଉଭା ହୋଇ ରହିଛି।
- ଟିମ୍ ବର୍ଣର୍ସ ଲୀ

# ମୂଲ୍ୟାଙ୍କନର ହନୁକରଣ

ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଜନିତ ବିବାଦର ଅବସାନ ଘଟି ନଥିବା ବେଳେ ସିବିଏସ୍ଇ(କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ) ଅଧୀନରେ ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଖାତା ମୂଲ୍ୟାୟନ ବିଭ୍ରାଟ ଦେଶରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ସାମଗ୍ରିକ ଶିକ୍ଷା ବ୍ୟବସ୍ଥାକୁ ଘୂଣ ଖାଇ ଯାଇଥିବା ଅଭିଯୋଗ ମଧ୍ୟ ହେଉଛି। ଏଥିସହିତ କୋଟିକୋଟି ଭାରତୀୟ ଶିକ୍ଷାର୍ଥୀଙ୍କ ଭାଗ୍ୟ ଓ ଭବିଷ୍ୟତକୁ ନେଇ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଛି। ସମୟୋପଯୋଗୀ ବିକାଶ ଆଳରେ ଗତ କିଛିବର୍ଷ ଧରି ଦେଶର ଶିକ୍ଷା ବ୍ୟବସ୍ଥାରେ ଚାଲିଥିବା ଅପରିଣାମଦର୍ଶୀ ପରୀକ୍ଷା ନିରୀକ୍ଷାର ନକାରାତ୍ମକ ପରିଣାମ ଏବେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଭୋଗୁଛନ୍ତି। କେଉଁଠି ପାଠ୍ୟକ୍ରମରେ ବ୍ୟାପକ ଓ ଅନାବଶ୍ୟକ ପରିବର୍ତ୍ତନ କରାଯାଉଛି ତ କେତେବେଳେ ପରୀକ୍ଷାରେ ଅବାନ୍ତର ବ୍ୟବସ୍ଥାମାନ ଖଞ୍ଜା ଯାଉଛି। ଏହାର ସଦ୍ୟତମ ଉଦାହରଣ ରୂପେ ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଖାତା ମୂଲ୍ୟାୟନକୁ ନିଆଯାଇପାରେ।

ଚଳିତ ବର୍ଷ ଦ୍ୱାଦଶ ପରୀକ୍ଷା ଖାତା ମୂଲ୍ୟାୟନକୁ ଅନ୍‌ସ୍କ୍ରିନ୍ ମାର୍କିଂ(ଓଏସ୍ଏମ୍) କରିଦିଆଗଲା। ଏହି ପଦ୍ଧତିରେ ପରୀକ୍ଷା ଖାତାଗୁଡ଼ିକୁ ସ୍କାନ୍ କରି କମ୍ପ୍ୟୁଟରରେ ଅପ୍‌ଲୋଡ୍ କରାଯାଏ। ପରୀକ୍ଷକମାନେ ଉତ୍ତରଖାତାଗୁଡ଼ିକୁ ଆଉ ପ୍ରତ୍ୟକ୍ଷ ନ ପଢ଼ି କମ୍ପ୍ୟୁଟର ସ୍କ୍ରିନ୍‌ରେ ପଢ଼ି ମୂଲ୍ୟାୟନ କରନ୍ତି। ଏହାଦ୍ୱାରା ମୂଲ୍ୟାୟନ ସମୟ ତ ସଞ୍ଚିତ ହେଲା ନାହିଁ, ଅଧିକନ୍ତୁ ଡିଜିଟାଲ୍ କ୍ଷେତ୍ରରେ ଭାରତର ଅପାରଗତା ଓ ତ୍ରୁଟି ପୁଣି ଥରେ ପଦାକୁ ଆସିଲା। ଜଣେ ପରୀକ୍ଷାର୍ଥୀଙ୍କ ଉତ୍ତରଖାତାର କିଛି ଫର୍ଦ୍ଦ ଆଉ ଜଣେ ପରୀକ୍ଷାର୍ଥୀଙ୍କ ଖାତାରେ ଯୋଡ଼ି ହୋଇଗଲା ଏବଂ କେତେଜଣ ପରୀକ୍ଷାର୍ଥୀଙ୍କ ଉତ୍ତରଖାତାରୁ କିଛି ପୃଷ୍ଠା କମ୍ପ୍ୟୁଟର ସ୍କ୍ରିନ୍‌ରେ ଆଦୌ ନଥିଲା। ପୁଣି ଅନେକ ପରୀକ୍ଷା ଖାତାର ପୃଷ୍ଠାଗୁଡ଼ିକ କମ୍ପ୍ୟୁଟର ସ୍କ୍ରିନ୍‌ରେ ଏତେ ଅସ୍ପଷ୍ଟ ଓ ଝାପ୍‌ସା ଥିଲା ଯେ ପଢ଼ିବା ସମ୍ଭବ ହେଉ ନଥିଲା। ସେହି ଅନୁଯାୟୀ ମୂଲ୍ୟାୟଙ୍କରେ ମଧ୍ୟ ବିଭ୍ରାଟ ସୃଷ୍ଟି ହେଲା। କେତେକ ପରୀକ୍ଷାର୍ଥୀଙ୍କ ନମ୍ବର ଅବିଶ୍ୱସନୀୟ ଭାବେ ହ୍ରାସ ପାଇଲା। ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପରୀକ୍ଷା ଖାତା ଦେଖିବାର ସୁଯୋଗ ମିଳିବା ପରେ ସେମାନେ ଓଏସ୍ଏମ୍‌ର ଏହି ବିଭ୍ରାଟ ବିଷୟରେ ଅଭିଯୋଗ କଲେ। ଅଭିଯୋଗ ଗୁରୁତର, ବିବାଦ ତୀବ୍ର ଓ ତ୍ରୁଟି ପ୍ରମାଣିତ ହେବା ପରେ କର୍ତ୍ତୃପକ୍ଷଙ୍କ ପାଖରେ ସଫେଇ ଦେବା ପାଇଁ ଆଉ ରାସ୍ତା ନଥିଲା। ଏବେ ପୁଣି ଥରେ ଖାତାଗୁଡ଼ିକୁ ସ୍କାନିଂ କରି ପୁନଃମୂଲ୍ୟାୟନ ହେବା ଆରମ୍ଭ ହୋଇଛି। ଏଥିରେ ସାମଗ୍ରିକ ଭାବେ କାହାର ଲାଭ ବା କ୍ଷତି ହେଲା ତାହାର ଉଲ୍ଲେଖ ଅନାବଶ୍ୟକ। ପରୀକ୍ଷକମାନେ ଦୁଇଦୁଇ ଥର ଖାତା ଦେଖିବାକୁ ପଡ଼ିଲା ଏବଂ ଅର୍ଥ ଓ ସମୟ ଅପଚୟ ଅଧିକ ହେବା କେବଳ ସାର ହେଲା।

ସମ୍ପୂର୍ଣ୍ଣ ପୂର୍ବପ୍ରସ୍ତୁତି ବିନା ଯୁଦ୍ଧକୁ ଡେଇଁପଡ଼ିଲେ ଯାହା ଅବସ୍ଥା ହୁଏ ତାହା ହିଁ ଭାରତରେ ଓଏସ୍ଏମ୍‌ରେ ହୋଇଛି। କେତେକ ବିକଶିତ ଦେଶରେ ଏଭଳି ବ୍ୟବସ୍ଥା ପ୍ରଚଳିତ ଥିବାରୁ ଭାରତର ଶିକ୍ଷା ମନ୍ତ୍ରଣାଳୟ ମଧ୍ୟ ତାହାକୁ ଅନୁକରଣ କରିବାରେ କିଛି ଅବାସ୍ତବତା ନାହିଁ। କିନ୍ତୁ ପର୍ଯ୍ୟାପ୍ତ ଭିତ୍ତିଭୂମି ବିନା କୌଣସି ଉନ୍ନତ ବ୍ୟବସ୍ଥାର ଅନୁକରଣ ତାହାକୁ ହନୁକରଣରେ ରୂପାନ୍ତରିତ କରିଦିଏ, ଯାହାର ସଦ୍ୟ ଉଦାହରଣ କେବଳ ଦେଖିବାକୁ ମିଳିଛି। ୨୦୧୪ରେ ଏଭଳି ପ୍ରୟାସ କରି ସିବିଏସ୍ଇ ବିଫଳ ହେବା ପରେ ଆଉ ସେ ସମ୍ପର୍କରେ ଅଧିକ ପରୀକ୍ଷା ନିରୀକ୍ଷା କରିବାର ଆବଶ୍ୟକତା ଥିବା ବୋଧହୁଏ ମନେ କଲା ନାହିଁ। ସିଧାସଳଖ ଦ୍ୱାଦଶ ବାର୍ଷିକ ପରୀକ୍ଷା ଖାତା ମୂଲ୍ୟାଙ୍କନ ପାଇଁ ଓଏସ୍ଏମ୍‌କୁ ଆପଣେଇ ନେଲା। ନିଜ ନାମ ପରିବର୍ତ୍ତନ କରିଥିବା ଏକ ବିବାଦୀୟ ସଂସ୍ଥାକୁ ଓଏସ୍ଏମ୍ ଦାୟିତ୍ୱ ଦିଆଯିବା ପଛରେ ସରକାରୀ ହାତ ଥିବା ନେଇ ଯେଉଁ ଅଭିଯୋଗ ହେଉଛି ତାହାର ପ୍ରମାଣ ଆମ ପାଖରେ ନାହିଁ। କିନ୍ତୁ ଏଭଳି ସମ୍ବେଦନଶୀଳ କ୍ଷେତ୍ରରେ ଅଧିକ ପରୀକ୍ଷା ନିରୀକ୍ଷା ବିନା କୌଣସି ପ୍ରୟୋଗ ଯେ ଅବାଞ୍ଛିତ - ଏହି ଶିକ୍ଷାକୁ କର୍ତ୍ତୃପକ୍ଷ ଓ ମନ୍ତ୍ରଣାଳୟ କେତେ ମନେ ରଖିବେ ତାହା ସେମାନଙ୍କ ଉପରେ ନିର୍ଭର କରେ।

ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଓଏସ୍ଏମ୍‌ରେ ଉତ୍ତରଖାତାଗୁଡ଼ିକୁ ସ୍କାନ କରିବା ଲାଗି ସିଲେଇ ଖୋଲିବାକୁ ପଡ଼େ। ୧୭ ଲକ୍ଷ ପରୀକ୍ଷାର୍ଥୀଙ୍କ ୯୮ ଲକ୍ଷ ଉତ୍ତରଖାତାର ୪୦ କୋଟି ପୃଷ୍ଠା ସ୍କାନିଂ କରିବା ସହଜସାଧ୍ୟ ବ୍ୟାପାର ନୁହେଁ। ଏହା ସମ୍ପୂର୍ଣ୍ଣ ରୂପେ ମାନବୀକୃତ ହୋଇଥିବାରୁ ଉତ୍ତରଖାତାର ପୃଷ୍ଠା ଓଲଟପାଲଟ କିମ୍ବା ହଜିଯିବାର ଆଶଙ୍କା ଅଧିକ। ପରୀକ୍ଷକଙ୍କ ଉପରେ ସତର୍କ ଦୃଷ୍ଟି ରଖିବା, ମୂଲ୍ୟାୟନକୁ ଅଧିକ ଉତ୍ତରଦାୟୀ କରିବା, ଆଞ୍ଚଳିକ ତାରତମ୍ୟ ହ୍ରାସ କରିବା ଏବଂ ମୋଟ ନମ୍ବର ମିଶାଣକୁ ତ୍ୱରାନ୍ୱିତ କରିବାରେ ଓଏସ୍ଏମ୍ ସହାୟକ ହେବ ବୋଲି କର୍ତ୍ତୃପକ୍ଷ କରୁଥିବା ଯୁକ୍ତି ଯେ ନିତାନ୍ତ ଅବାନ୍ତର ଥିଲା ତାହା ଏବେ ପ୍ରମାଣିତ ହୋଇଗଲା। ଚୂଡ଼ାନ୍ତ ମୂଲ୍ୟାୟନ ପୂର୍ବରୁ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସରକାରୀ ଓ ଘରୋଇ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ନେଇ ଯେଉଁ ସ୍ୱଳ୍ପଅବଧି ବିଶିଷ୍ଟ ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା ସେଥିରେ ଓଏସ୍ଏମ୍ ପଦ୍ଧତି ଅନୁପଯୋଗୀ ଥିବା ଅଭିଯୋଗ ହୋଇଥିଲା। କିନ୍ତୁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମତାମତକୁ ଅଣଦେଖା କରି କର୍ତ୍ତୃପକ୍ଷ ଚୂଡ଼ାନ୍ତ ପ୍ରୟୋଗ ପାଇଁ ପ୍ରସ୍ତୁତ ହୋଇଗଲେ। କର୍ତ୍ତୃପକ୍ଷ ଅନ୍ତତଃ ଆଉ କିଛିଦିନ ସମୟ ନେଇଥିଲେ ଆଜି ଏଭଳି ବିବାଦୀୟ ସ୍ଥିତି ସୃଷ୍ଟି ହୋଇ ନଥା'ନ୍ତା।

ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ଅନଭିଜ୍ଞତା ଓ ତଦାରଖର ଅଭାବ ଥିବା ବିଦେଶର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଆଉ କିଛି ବିଶେଷଜ୍ଞ ବୈଷୟିକ ତ୍ରୁଟି ଦିଗକୁ ଇଙ୍ଗିତ କରିଛନ୍ତି। ତିନିଘଣ୍ଟା ଅବଧି ବିଶିଷ୍ଟ ପରୀକ୍ଷାର ଆରମ୍ଭରେ ଜଣେ ଛାତ୍ର କିମ୍ବା ଛାତ୍ରୀର ହସ୍ତାକ୍ଷରର ରୂପ ଓ ମାନ ଯାହା ଥାଏ ପରୀକ୍ଷା ଶେଷ ସମୟରେ ସେଥିରେ ଅନେକ ପରିବର୍ତ୍ତନ ହୋଇଯାଏ। ସେହିପରି ଗଣିତ, ପଦାର୍ଥ ବିଜ୍ଞାନ ଆଦି ବିଷୟରେ ଉତ୍ତରଖାତାଗୁଡ଼ିକ ପେନ୍‌ସିଲ୍ ଚିତ୍ର ଓ ଅଙ୍କନ ସମ୍ବଳିତ ଥାଏ। ବୈଷୟିକ ଜ୍ଞାନକୌଶଳ ଓ ଉପକରଣ ଅତ୍ୟାଧୁନିକ ଓ ଉନ୍ନତ ନ ହେଲେ ତାହା ଅବିକଳ କମ୍ପ୍ୟୁଟର ସ୍କ୍ରିନ୍‌ରେ ପ୍ରଦର୍ଶିତ ହୋଇପାରେ ନାହିଁ। ଏହାଛଡ଼ା ଘରୋଇ ବିଦ୍ୟାଳୟ ତୁଳନାରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଭିତ୍ତିଭୂମି ସୁବିଧା ଏତେ ବିକଶିତ ଓ ଉନ୍ନତ ନଥିବାରୁ ଅପ୍‌ଲୋଡ୍ ବେଳେ ବିଭ୍ରାଟ ଓ ତାରତମ୍ୟ ସୃଷ୍ଟି ହେବାର ଆଶଙ୍କା ଅଧିକ। ଓଏସ୍ଏମ୍ କାର୍ଯ୍ୟକାରୀ ପୂର୍ବରୁ କର୍ତ୍ତୃପକ୍ଷ ଏହି ଦିଗଗୁଡ଼ିକୁ ଧ୍ୟାନ ଦେଇଥିଲେ ମୂଲ୍ୟାଙ୍କନ କସରତ ପୁଣି ଦୋହରାଇବାକୁ ପଡ଼ି ନଥା'ନ୍ତା କି ଦେଶବିଦେଶରେ ଭାରତର ଭାବମୂର୍ତ୍ତି ନିନ୍ଦିତ ହୋଇ ନ ଥା'ନ୍ତା।

ଆଧୁନିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟା ଅପରିହାର୍ଯ୍ୟ। କିନ୍ତୁ ଏହା ନିର୍ଦ୍ଦେଶାନୁଯାୟୀ କାର୍ଯ୍ୟ ସମ୍ପାଦନ କରୁଥିବାରୁ ମାନବୀକୃତ ଦକ୍ଷତା ଓ ସୃଜନଶୀଳତାର ସ୍ଥାନ ନେଇପାରିବ ନାହିଁ। ତେଣୁ ପ୍ରଯୁକ୍ତିବିଦ୍ୟାର ଉପଯୋଗ ସ୍ଥାନ-କାଳ-ପାତ୍ର ଆଦିକୁ ଦୃଷ୍ଟିରେ ରଖି କରିବା ବିଧେୟ। ବିଶେଷକରି ଚିକିତ୍ସା ଓ ପରୀକ୍ଷା ଭଳି ସମ୍ବେଦନଶୀଳ କ୍ଷେତ୍ରରେ ପରୀକ୍ଷା ନିରୀକ୍ଷା ଆଦୌ ଗ୍ରହଣୀୟ ନୁହେଁ। ଏ ଦିଗରେ ଆମେ ଅଧିକ ବିକଶିତ ହୋଇ ନଥିବାରୁ ଅନ୍ୟକୁ ଅନୁକରଣ କେବଳ ହନୁକରଣ ହେବା ସାର ହେବ, ଯାହା ଏବେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମୂଲ୍ୟାଙ୍କନରେ ହୋଇଛି। ●

# ଯୁବଶକ୍ତି: ସମ୍ଭାବନା ନା ଅପଚୟ?

**ପ୍ରକାଶ ମିଶ୍ର**

ଭାରତ ଏକ ଯୁବ ଦେଶ ବୋଲି ଆମେ ଗର୍ବ କରୁଛୁ। କିନ୍ତୁ ଏହି ଗର୍ବ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ, ଯେତେବେଳେ ଯୁବସମାଜ ସଚେତନ, କୁଶଳୀ ଓ ଦିଗଦର୍ଶନ ପାଇ ଠିକ୍ ବାଟରେ ଚାଲନ୍ତି। ନହେଲେ ଏହି ଯୁବପିଢ଼ି ସୁଯୋଗ ନୁହେଁ, ବରଂ ସମସ୍ୟାରେ ପରିଣତ ହେବାର ଆଶଙ୍କା ରହିଥାଏ। ଆଜିର ପରିପ୍ରେକ୍ଷୀରେ ପ୍ରଶ୍ନ ହେଉଛି ଆମେ ଏହି ଯୁବଶକ୍ତିକୁ ଠିକ୍ ବାଟରେ ନେବା ପାଇଁ ସଠିକ୍ ଦିଗଦର୍ଶନ ଦେଉଛୁ ନା ତାହାକୁ ଅପଚୟ କରୁଛୁ?

ଆଜିର ଶିକ୍ଷାର ଚିତ୍ର ଏକ ବିରୋଧାଭାସ। ହାତରେ ଡିଗ୍ରୀ, କିନ୍ତୁ ମନରେ ଅନିଶ୍ଚିତତା। ଶିକ୍ଷା ବଢ଼ିଛି, କିନ୍ତୁ ଜୀବନର ସ୍ଥିରତା ବଢ଼ିନାହିଁ। ସାଧାରଣ ଶିକ୍ଷିତ ଯୁବକ ଓ ଯୁବତୀ ଆଜି ନିରାଶ ଓ ଭୟଭୀତ। ବାସ୍ତବ ଜୀବନରେ ପିଲାମାନଙ୍କୁ ଯେଉଁ କର୍ମକୌଶଳ ଦରକାର, ଯଥା ସମସ୍ୟା ସମାଧାନ କରିବା, ସମ୍ପର୍କ ଗଢ଼ିବା, ଦାୟିତ୍ୱ ନେବା ଇତ୍ୟାଦି, ସେଥିରେ ପାରମ୍ପରିକ ଶିକ୍ଷାର ଭୂମିକା ଅତ୍ୟନ୍ତ ସୀମିତ। ଆଜିର ଶିକ୍ଷା ଆମକୁ ଚାକିରି ପାଇଁ ପ୍ରସ୍ତୁତ କରୁଛି, କିନ୍ତୁ ଜୀବନ ପାଇଁ ନୁହେଁ। ଗ୍ରାମୀଣ ଅଞ୍ଚଳର ଚିତ୍ର ଆହୁରି ଚିନ୍ତାଜନକ। ମାତ୍ର ୫% ରୁ ୧୦% ପିଲା ଭଲ ପାଠ ପଢ଼ି ସହରର ପିଲାଙ୍କ ସହିତ ପ୍ରତିଯୋଗିତା କରିପାରୁଛନ୍ତି। ଏହି ନିରାଶାକୁ କିଛି ରାଜନୈତିକ ଶକ୍ତି ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରୁଛନ୍ତି। ଏମାନଙ୍କୁ 'କର୍ମୀ' ବୋଲି ନାମିତ କରାଯାଉଛି। ଏଥିରେ ସାମାନ୍ୟ କିଛି 'କର୍ମୀ' କିଛି ଫାଇଦା ପାଉଥିବା ବେଳେ ଅଧିକାଂଶ ବେକାର ଓ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି। କିନ୍ତୁ ଦୁଃଖର କଥା ଏମାନଙ୍କର ଭବିଷ୍ୟତ ବୋଲି କିଛି ନାହିଁ। ଅନେକ ସମୟରେ ରାଜନୀତିରେ ଏମାନଙ୍କୁ ଭୁଲ ଭାବରେ ବ୍ୟବହାର କରାଯାଉଛି।

ସରକାର ଏକ ପଟେ ନିଜକୁ ଯୁବମାନଙ୍କର ସରକାର ବୋଲି ପ୍ରଚାର କରୁଥିବା ବେଳେ ଅନ୍ୟ ପଟେ ଲଗାତାର ନୂତନ ମଦ ଦୋକାନକୁ ମଞ୍ଜୁରୀ ଦେଉଛନ୍ତି। ଏକ ପଟେ ବେରୋଜଗାରୀ ଓ ସକାରାତ୍ମକ କାର୍ଯ୍ୟର ଅଭାବ, ଅନ୍ୟ ପଟେ ସହଜରେ ମିଳୁଥିବା ନିଶାଦ୍ରବ୍ୟ ନିରାଶ ଯୁବପିଢ଼ିକୁ ଧୀରେ ଧୀରେ ବିପଥଗାମୀ କରୁଛି। ଏହା କେବଳ ବ୍ୟକ୍ତିଗତ ଭବିଷ୍ୟତକୁ ନୁହେଁ, ଦେଶର ଭବିଷ୍ୟତକୁ ମଧ୍ୟ ସଙ୍କଟରେ ପକାଉଛି। ସେହିଭଳି ଚରିତ୍ର ଗଢ଼ଣରେ ଖେଳକୁଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦଳୀୟ କାର୍ଯ୍ୟଦକ୍ଷତା ବିକାଶ ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ, ଯାହା ଏକାଠି କାମ କରିବା ଓ ପରସ୍ପର ସହଯୋଗରେ ସାଧାରଣ ଲକ୍ଷ୍ୟ ହାସଲ କରିବାରେ ସଫଳ ହେବା ପାଇଁ ଶିକ୍ଷା ଦିଏ। ଦଳୀୟ ଖେଳରେ ଜଣେ ଖେଳାଳି ଅନ୍ୟ ଖେଳାଳିଙ୍କ ଉପରେ ନିର୍ଭର କରିବା, ଦାୟିତ୍ୱ ନେବା, ବିରୋଧ ସମାଧାନ କରିବା ଓ ସଫଳତା-ବିଫଳତାକୁ ଏକାଠି ଅନୁଭବ କରିବା ଶିଖେ। ଖେଳ ଆମକୁ ଶିଖାଏ ଅନୁଶାସନ, ଦଳୀୟ କାର୍ଯ୍ୟ, ହାର ପରେ ପୁନଃ ଉଠିବାର ସାହସ ଓ ଶେଷ ପର୍ଯ୍ୟନ୍ତ ଲଢ଼ିବାର ମନୋଭାବ। ଏହି ଗୁଣଗୁଡ଼ିକ ଜୀବନର ସଫଳତାର ଭିତ୍ତି। କିନ୍ତୁ ଦୁଃଖର କଥା ଅଧିକାଂଶ ଅଭିଭାବକ ପିଲାଙ୍କୁ କେବଳ ପରୀକ୍ଷାରେ ଅଧିକ ନମ୍ବର ପାଇବାକୁ ଚାପ ଦେଉଛନ୍ତି। ଫଳରେ ପିଲା ଶିଶୁ ଅବସ୍ଥାରୁ ଯୁବା ହେବା ପର୍ଯ୍ୟନ୍ତ ପୁସ୍ତକ, ପାଠ ଓ ମୋବାଇଲ୍ ଛଡ଼ା ଅନ୍ୟ କିଛି ଜାଣିପାରୁନାହିଁ। ଏହାର ପରିଣାମରେ ନା ଶରୀର ସୁସ୍ଥ ରହୁଛି, ନା ମନ। ପାଠ ସହିତ ଭଲ ଖେଳି ରାଜ୍ୟ ଓ ଜାତୀୟସ୍ତରର ପ୍ରମାଣପତ୍ର ହାସଲ କଲେ ଏହା ଭବିଷ୍ୟତରେ ବହୁତ ସାହାଯ୍ୟକାରୀ ହୋଇପାରେ - ଏହି ଚିନ୍ତାଧାରା ଓ ସଚେତନତା ଆମ ସମାଜରେ ଅଭାବ ଅଛି।

ଓଡ଼ିଶାରେ ପର୍ଯ୍ୟାପ୍ତ ଶିଳ୍ପାନୁଷ୍ଠାନ ନଥିବାରୁ ଯୁବପିଢ଼ି ବାହାର ରାଜ୍ୟକୁ ପଳାୟନ କରୁଛନ୍ତି। ଅଶିକ୍ଷିତମାନେ ଦାଦନ ଶ୍ରମିକ ଭାବେ ଏବଂ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତମାନେ ଛୋଟ ଚାକିରିରେ ଖଟୁଛନ୍ତି। ସେମାନେ କେମିତି ପରିବେଶ ଓ ପରିସ୍ଥିତିରେ ଜୀବନଯାପନକରୁଛନ୍ତି, ତାହା ଆଖିରେ ନ ଦେଖିଲେ ବୁଝିପାରିବା କଷ୍ଟକର। ପୁଣି କାମ ପାଇଁ ଆବଶ୍ୟକ ଦକ୍ଷତା ନଥିବାରୁ ପିଲାମାନଙ୍କର ଠିକ୍ ଭାବରେ କର୍ମସଂସ୍ଥାନ ହୋଇପାରୁନାହିଁ। ଯାହା ପଢ଼ାଯାଉଛି ଓ ଚାକିରିର ଆବଶ୍ୟକତା ମଧ୍ୟରେ ଅନେକ ଅନ୍ତର ରହିଛି। ଯେଉଁ ଚାକିରି ମିଳୁଛି, ସେଥିରେ ଦରମା ଅତ୍ୟନ୍ତ କମ୍। ଜଣେ ଇଞ୍ଜିନିୟର କିମ୍ବା ଏମ୍‌ବିଏ ପଢ଼ିଥିବା ପିଲା ଜଣେ ଶ୍ରମିକର ମାସିକ ଆୟଠାରୁ ମଧ୍ୟ କମ୍ ଦରମା ପାଉଛନ୍ତି ଏବଂ ବେଳେବେଳେ ମାଲିକମାନଙ୍କ ଦୁର୍ବ୍ୟବହାରର ସମ୍ମୁଖୀନ ହେଉଛନ୍ତି। ତେଣୁ ଆର୍ଥିକ ଅନଟନ ଓ ସମ୍ମାନହାନି ଯୋଗୁଁ ଯୁବସମାଜ ମାନସିକ ଚାପରେ ରହୁଛନ୍ତି। ଯେହେତୁ କମ୍ପାନୀ ସଂଖ୍ୟା ବହୁତ କମ୍, ପିଲାମାନେ ଯେଉଁଠି କିଛି ମିଳୁଛି ସେଠି ବର୍ଷ ବର୍ଷ ପଡ଼ି ରହୁଛନ୍ତି। ଯଦି ପ୍ରତିବାଦ କରନ୍ତି, ତେବେ ଗୋଟିଏ ଦିନରେ ମଧ୍ୟ ଚାକିରିରୁ ବାହାର କରିଦେବାର ଧମକ ମିଳୁଛି।

ଆଜି ଯେପରି ଯୁବପିଢ଼ି ଆଇପିଏଲ୍ ଓ ଟି-୨୦ ମ୍ୟାଚ୍‌କୁ ନେଇ ଅତ୍ୟଧିକ ଆସକ୍ତ ହେଉଛନ୍ତି, ସେଥିରେ ଚିନ୍ତାର କାରଣ ରହିଛି। ପୃଥିବୀର ପ୍ରାୟ ୧୯୫ଟି ଦେଶରୁ ମାତ୍ର ୧୫/୨୦ଟି ଦେଶରେ କ୍ରିକେଟ୍ ଖେଳାଯାଏ। ବିକଶିତ ଦେଶମାନେ କ୍ରିକେଟ୍ ଆସକ୍ତ ନୁହନ୍ତି। ଏଠାରେ ପ୍ରଶ୍ନ କ୍ରିକେଟର ନୁହେଁ, ସମୟର ସଠିକ ବ୍ୟବହାରର। ଯେଉଁମାନେ ଖେଳୁଛନ୍ତି, ସେମାନେ ପରିଶ୍ରମ ଦ୍ୱାରା ସଫଳତା ପାଉଛନ୍ତି ଏବଂ ଅସୀମ ଆର୍ଥିକ ସଫଳତା ଲାଭ କରୁଛନ୍ତି। କିନ୍ତୁ ଲକ୍ଷଲକ୍ଷ ଯୁବକ କେବଳ ଦର୍ଶକ ହୋଇ ନିଜ ସମୟ ଓ ଶକ୍ତି ନଷ୍ଟ କରୁଛନ୍ତି। ଯଦି ଖେଳ ଆମକୁ ଶାରୀରିକ ଓ ମାନସିକ ଭାବେ ସଶକ୍ତ କରେ, ସେହି ଖେଳ ଉପକାରୀ; କିନ୍ତୁ ଯଦି ତାହା କେବଳ ଆସକ୍ତି ହୋଇଯାଏ, ତେବେ ସେହିଥିରେ ଯୁବଶକ୍ତିର ଅପଚୟ ହେବା ସ୍ୱାଭାବିକ। ସେହିପରି ଧର୍ମ ଆମକୁ କର୍ମମୁଖୀ କରିବା ଉଚିତ୍, କିନ୍ତୁ ଯଦି ଏହା ଆମକୁ କର୍ମରୁ ଦୂରେଇ ନେଇଯାଏ, ତେବେ ଏହାର ଉଦ୍ଦେଶ୍ୟ ଅପୂର୍ଣ୍ଣ ରହିଯାଏ। ଆମେ ସମସ୍ତେ ଜାଣୁଛୁ ଗୀତା, ଭାଗବତ ଓ ବେଦ ଅସୀମ ଜ୍ଞାନର ଗଣ୍ଡାଘର। କିନ୍ତୁ ପ୍ରଶ୍ନ ହେଉଛି ଏହି ଜ୍ଞାନ ଆମ ଜୀବନରେ କେତେ ପରିବର୍ତ୍ତନ ଆଣୁଛି? ବୟସ୍କ ଲୋକମାନେ ଯୁବପିଢ଼ିକୁ ବିଭିନ୍ନ ଧାର୍ମିକ କାର୍ଯ୍ୟ, ହୋମ, ଯଜ୍ଞ, ପୂଜା, କୀର୍ତ୍ତନ ଇତ୍ୟାଦିରେ ବ୍ୟସ୍ତ ରଖୁଛନ୍ତି। ଏଥିରେ ଆଧ୍ୟାତ୍ମିକ ଉପଲବ୍ଧି କମ୍ ଏବଂ ଖାଇବା-ପିଇବା ଓ ଆମୋଦ-ପ୍ରମୋଦରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଆସ୍ଥା ଆମ ସଂସ୍କୃତିର ଅଂଶ। କିନ୍ତୁ ସମୟର ସଠିକ ବ୍ୟବହାର ମଧ୍ୟ ଆବଶ୍ୟକ। ଯେତେବେଳେ ଯୁବପିଢ଼ି କଠିନ ପରିଶ୍ରମ କରି ନିଜକୁ ପ୍ରତିଷ୍ଠା କରିବା ଦରକାର ସେତେବେଳେ ଏସବୁ କାର୍ଯ୍ୟ ସେଥିରେ ବାଧା ସୃଷ୍ଟି କରୁଛି।

ଆଜିର ଯୁବ ସମାଜ ପାଖରେ ସମୟ ଅଛି, ଶକ୍ତି ଅଛି, କିନ୍ତୁ ଦିଗ ନାହିଁ। ସ୍ମାର୍ଟଫୋନ୍ ଜ୍ଞାନର ଭଣ୍ଡାର, କିନ୍ତୁ ଏହାର ବ୍ୟବହାର ଅଧିକାଂଶ ସମୟରେ ମନୋରଞ୍ଜନରେ ସୀମିତ ରହିଯାଉଛି। ସର୍ଭେରୁ ଜଣାପଡ଼ିଛି ଯେ କେବଳ ୨୦% ଲୋକ ସ୍ମାର୍ଟଫୋନକୁ ଜ୍ଞାନ ଆହରଣ ପାଇଁ ବ୍ୟବହାର କରୁଛନ୍ତି। ଏହାର ପରିଣାମ ଯୁବଶକ୍ତି ଓ ସମୟର ଅପଚୟ। ଠିକ୍ ଭାବରେ ଦିଗଦର୍ଶନ ମିଳିଲେ ନିଜର ଏବଂ ଦେଶର ଭବିଷ୍ୟତ ଗଢ଼ିବାରେ ଏହି ଶକ୍ତିର ସଦୁପଯୋଗ ହୋଇପାରେ। ଆଉ ଏକ ପରିତାପର ବିଷୟ ହେଉଛି ଯୁବମାନଙ୍କର କୃଷି ପ୍ରତି ଅନାଗ୍ରହ। କେତେକ ମୁଷ୍ଟିମେୟ ଯୁବକ ଓ ଅଶିକ୍ଷିତ କିମ୍ବା ଅର୍ଦ୍ଧଶିକ୍ଷିତ ପିଲାମାନଙ୍କୁ ଛାଡ଼ିଦେଲେ କେହି କୃଷି କରିବାକୁ ଚାହୁଁନାହାନ୍ତି। ସହଜ ଭାବେ ଓ ଅଳ୍ପ ପରିଶ୍ରମରେ ରୋଜଗାର କରିବାରେ ସମସ୍ତଙ୍କ ଧ୍ୟାନ। ମାଗଣା ଚାଉଳ ମଧ୍ୟ ଏହାକୁ ଇନ୍ଧନ ଯୋଗାଉଛି। ବିଲରେ ଚାଷ କାମ କରିବାକୁ ଗୋଟିଏ ନିମ୍ନ ଧରଣର କାମ ବୋଲି ଧରାଯାଉଛି। ଚାଷ ଗୋଟିଏ ଏମିତି ବୃତ୍ତି, ଯେଉଁଥିରେ ଶାରୀରିକ ପରିଶ୍ରମ ଦ୍ୱାରା ଚାଷୀ ସୁସ୍ଥ ରହେ, ମାଟି ସହିତ ମାଟି ହୋଇ କାମ କରିବା ଦ୍ୱାରା ମାଟି ପ୍ରତି (ଦେଶ ପ୍ରତି) ଭଲପାଇବା ସୃଷ୍ଟି ହୁଏ। ମାଟିଠାରୁ ଦୂରେଇ ଯିବାରେ ମାଟିକୁ (ଦେଶକୁ) ବିକିବାରେ ମନରେ ଦ୍ୱିଧା ଆସେ ନାହିଁ। ଚାଷରେ ଲାଭ କମ୍ ହୋଇପାରେ, ଅନିଶ୍ଚିତତା ଥାଇପାରେ, କିନ୍ତୁ ମଞ୍ଜି ପକାଇବାଠାରୁ ଫସଲ କାଟିବା ପର୍ଯ୍ୟନ୍ତ ସବୁଦିନ ମନକୁ ଆନନ୍ଦ ଦେଇଥାଏ। ସର୍ବୋପରି ଚାଷୀର ସମୟ ଗଠନମୂଳକ କାମରେ ବ୍ୟୟ ହୁଏ। ଚାଷୀ କେବେ କ୍ଳାନ୍ତ କିମ୍ବା ବିରକ୍ତ ହୁଏନି କିମ୍ବା ଅତ୍ୟଧିକ ଲାଭ ପାଇଁ ଆସକ୍ତ ହୁଏନି, ଯାହା ପାଇଁ ସହରବାସୀଙ୍କ ତୁଳନାରେ ସେ ଅଧିକ ଶାନ୍ତିରେ ରୁହେ। କିନ୍ତୁ ମାଗଣା ଚାଉଳ ଯୁବ ପିଢ଼ିକୁ ମାନଙ୍କୁ ଚାଷଠାରୁ ଧୀରେ ଧୀରେ ଦୂରେଇ ନେଉଛି।

ତେଣୁ ଆମର କର୍ତ୍ତବ୍ୟ ସ୍ପଷ୍ଟ ଶିକ୍ଷାକୁ ଜୀବନ ସହିତ ଯୋଡ଼ିବା, ମାର୍କ ଠାରୁ ମାନବତାକୁ ଅଧିକ ମୂଲ୍ୟ ଦେବା, ଖେଳକୁ ଶିକ୍ଷାର ଅଂଶ କରିବା ଏବଂ ଯୁବଗୋଷ୍ଠୀକୁ ସଠିକ୍ ଦିଗଦର୍ଶନ ଦେବା। ଯୁବଶକ୍ତି ଏକ ଅସୀମ ସମ୍ଭାବନା। କିନ୍ତୁ ସେହି ସମ୍ଭାବନାକୁ ବାସ୍ତବ ଶକ୍ତିରେ ପରିଣତ କରିବା ପାଇଁ ଦିଗ, ସମନ୍ୱୟ ଓ ସଚେତନତା ଅତ୍ୟାବଶ୍ୟକ। ●

ଦାଣ୍ଡମୁକୁନ୍ଦପୁର(ପୁରୀ)
ମୋ: ୮୦୭୪୮ ୯୩୭୭୮

# ଚାକିରି: ଜୀବିକା ବନାମ ଜନସେବା!

**ବୈଷ୍ଣବ ମେହେର**

ଗତ ମାସରେ ଆମ ରାଜ୍ୟ ସରକାରଙ୍କ ତରଫରୁ ସାତଟି ବିଭାଗରେ ୪୬୨୩ ଜଣଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯାଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ନିଯୁକ୍ତି ମେଳା ମାଧ୍ୟମରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ସମୟରେ ଆମ ମୁଖ୍ୟମନ୍ତ୍ରୀ ସରକାରୀ ଚାକିରି କେବଳ ଏକ ଜୀବିକା ନୁହେଁ, ଏହା ଜନସାଧାରଣଙ୍କ ସେବା କରିବାର ଏକ ଅନନ୍ୟ ସୁଯୋଗ ବୋଲି କହି ନବନିଯୁକ୍ତଙ୍କୁ ସାଧାରଣ ଲୋକାଭିମୁଖୀ କରିବାର ପ୍ରୟାସ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆଶାଭରା ଉତ୍ତମ ପରାମର୍ଶ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। କଥା ହେଉଛି ଆମ ରାଜ୍ୟରେ ଜଣେ ସରକାରୀ ଚାକିରିଆ କେତେ ଦୂର ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ବୋଲି ଆଶା କରାଯାଇପାରିବ? ତା'କୁ ମିଳୁଥିବା ଦରମା ତା'ର ପରିବାର ପ୍ରତିପୋଷଣ ପାଇଁ ଯଥେଷ୍ଟ ହୁଏ କି! ଯଦି ସାମ୍ପ୍ରତିକ ସମୟ ସହ ଖାପଖୁଆଇ ଚଳିବା ଭଳି ଦରମା ଜଣେ ପାଉନାହିଁ ତେବେ ତା'କୁ ଦିଆଯାଇଥିବା ଦାୟିତ୍ୱକୁ ସେ ଜନସେବାରେ ଲଗାଇବ ବୋଲି ଆଶା କରିବା କେତେ ଦୂର ଯଥାର୍ଥ?

ଗତ କିଛିବର୍ଷ ହେଲା ପ୍ରାୟ ନିଯୁକ୍ତି ଠିକାରେ ଚାଲିଛି, ଠିକ ସମୟରେ ପଦୋନ୍ନତି ହେଉନାହିଁ, ପେନସନ ନାହିଁ କି ଅନ୍ୟ କୌଣସି ନିର୍ଭରଯୋଗ୍ୟ ଭବିଷ୍ୟନିଧି ବା ସୁବିଧା ସୁଯୋଗର ବ୍ୟବସ୍ଥା ମଧ୍ୟ ନାହିଁ। ଏପରି ସ୍ଥଳେ ସରକାରୀ ଚାକିରିଆମାନେ ନିଜ ଦାୟିତ୍ୱକୁ ସମାଜ ସେବା ଭାବୁଥିବେ ବୋଲି ବିଶ୍ୱାସ ହେଉନାହିଁ। ଅନେକ ପରିବାର ଅଛନ୍ତି, ଯେଉଁଠି ପିତାମାତାମାନେ ନିଜ ଜୀବନର କଷ୍ଟଉପାର୍ଜିତ ଲକ୍ଷାଧିକ ଅର୍ଥକୁ ନିଜ ପୁଅଝିଅଙ୍କ କ୍ୟାରିଅର ତିଆରିରେ ଖର୍ଚ୍ଚ କରିଦିଅନ୍ତି। ସେମାନଙ୍କ ଆଶା ସେମାନଙ୍କ ପୁଅଝିଅ ସରକାରୀ ଚାକିରି କଲା ପରେ ସେମାନଙ୍କ ସ୍ଥିତି ସୁଧୁରିଯିବ। ଏହି ଆଶାରେ ଅନେକ ପିତାମାତା ଧାରକରଜରେ ମଧ୍ୟ ବୁଡ଼ି ଯାନ୍ତି। ଆଶା ଅନୁରୂପ ଦରମା ଯଦି ନମିଳେ କିମ୍ବା ଚାକିରି ପରେ ଭବିଷ୍ୟତର ଆର୍ଥିକ ସୁରକ୍ଷା କିଛି ନରହେ, ତେବେ ସେମାନେ ନିରାଶ ହେବା ସ୍ୱାଭାବିକ।

ଦ୍ୱିତୀୟତଃ ଦୁର୍ଭାଗ୍ୟବଶତଃ ପରିବାରର କେହି ଯଦି କୌଣସି ଦୁରାରୋଗ୍ୟରେ ପୀଡ଼ିତ ହୁଅନ୍ତି ତେବେ କଥା ସରିଲା। ସବୁତକ ଦରମା ସେଠି ଶେଷ ହେବା ସହ ଧାରକରଜ ହେବା ଥୟ। ଏତତବ୍ୟତୀତ ପରିବାରରେ ଭାଇଭଉଣୀ ପୁଅଝିଅ ଆଦିଙ୍କ ବିବାହ ବ୍ରତ ଆଦି ଖର୍ଚ୍ଚ ଚାକିରି ଉପରେ ହିଁ ପ୍ରାୟ ନିର୍ଭର କରେ। ବର୍ତ୍ତମାନର ସାମାଜିକ ରୀତିନୀତି ଅନୁଯାୟୀ ଏସବୁ ତୁଲାଇବା ବେଳକୁ ବର୍ତ୍ତମାନର ଦରମା ପଇସା ଯେ ସମୁଦ୍ରକୁ ଶଙ୍ଖେ ଏକଥା ଅନୁଭବୀ ହିଁ ଜାଣିପାରେ। ଏପରିସ୍ଥଳେ ଜଣେ ଚାକିରିଜୀବୀ ନିଜ ପଦବୀକୁ ଜନସେବା ଭାବେ ଗ୍ରହଣ କରନ୍ତୁ କହିବା କେବଳ ସଭାମଞ୍ଚର ଶୋଭା ପାଇଁ ଉଦ୍ଦିଷ୍ଟ ଶବ୍ଦ ବୋଲି ବୁଝିବାକୁ ହେବ। ବାସ୍ତବରେ ଯଦି ଆମେ ସେୟା ଚାହୁଁ ତେବେ ପ୍ରତି ଚାକିରିଆଙ୍କୁ ଉଚିତ ସମ୍ମାନର ସହ ବଞ୍ଚିବାର ଅଧିକାରକୁ ପ୍ରାଥମିକତା ଦେବା ଜରୁରୀ। ନହେଲେ ପୁରୁଣାଧାରାକୁ ଅନୁସରଣ କରି ଆଉ କିଛି ମାସ ପରେ ଏହି ନବନିଯୁକ୍ତ ଚାକିରିଆମାନେ ମଧ୍ୟ ରାଜଧାନୀ ରାଜରାସ୍ତାରେ ଦରମା ବୃଦ୍ଧି, ପେନସନ, ସ୍ୱାସ୍ଥ୍ୟବୀମା ଆଦି ଦାବି ନେଇ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳିବା ବଡ଼ କଥା ନୁହଁ। ଅପରପକ୍ଷେ କହିବା ବାହୁଲ୍ୟ ଯେ ଯେଉଁମାନେ ସମାଜସେବାକୁ ମାଧ୍ୟମ କରି ଜନପ୍ରତିନିଧି ସାଜିଛନ୍ତି, ସେମାନେ ମୋଟାଅଙ୍କର ଦରମା ଦାବି କରୁଥିବା ସମସ୍ତେ ଜାଣନ୍ତି। ନିକଟ ଅତୀତରେ ଆମ ବିଧାନସଭାର ବିଧାୟକ ମନ୍ତ୍ରୀଙ୍କ ଯଥେଷ୍ଟ ଦରମା ସହ ପର୍ଯ୍ୟାପ୍ତ ଆନୁସଙ୍ଗିକ ସରକାରୀ ସୁବିଧା ସୁଯୋଗ ପ୍ରଦାନକୁ ନେଇ ସାରା ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

ଦିନଥିଲା ମଣିଷ ବଞ୍ଚିବା ପାଇଁ ମୁଖ୍ୟତଃ ପେଟପୂରା ଖାଦ୍ୟ, ଶରୀର ପାଇଁ ଖଣ୍ଡିଏ ବସ୍ତ୍ର ଓ ମୁଣ୍ଡ ଗୁଞ୍ଜିବାକୁ ବାସଗୃହ ଭଳି ତିନୋଟି ମୌଳିକ ଆବଶ୍ୟକତା ଉପରେ ନିର୍ଭର କରୁଥିଲା। ଏଥିନିମନ୍ତେ ସାମାନ୍ୟ ଉପାର୍ଜନ ହିଁ ତା' ପାଇଁ ଯଥେଷ୍ଟ ଥିଲା। କିନ୍ତୁ ଧୀରେଧୀରେ ଯୁଗ ବଦଳିବା ସହ ବ୍ୟକ୍ତିର ଆବଶ୍ୟକତା ବଢ଼ି ଚାଲିଲା ଏବଂ ସଂପ୍ରତି ତାହା ଆକାଶଛୁଆଁ ହେଲାଣି। ମୂଳତଃ ଉପାର୍ଜନର ମାଧ୍ୟମ ହେଉଛି ବ୍ୟକ୍ତିର ଜୀବିକା। ବୃତ୍ତି ବା ଜୀବିକା କହିଲେ ବ୍ୟକ୍ତିର ଜୀବନ ସଂସାର ଚଳାଇବାକୁ ଅର୍ଥ ରୋଜଗାର କରିବାର ପଦ୍ଧତି ବା ପେଶା। ଏହି ଜୀବିକା ବ୍ୟକ୍ତି ଜୀବନର ଏମିତି ଏକ ଆବଶ୍ୟକୀୟ ମାର୍ଗ, ଯାହା କେବଳ ବଞ୍ଚିରହିବା ପାଇଁ ଅର୍ଥ ଯୋଗାଇ ନ ଥାଏ, ବରଂ ବ୍ୟକ୍ତିକୁ ସାମାଜିକ ପ୍ରତିଷ୍ଠା ଓ ଆତ୍ମସନ୍ତୋଷ ମଧ୍ୟ ଏଇଠୁ ମିଳେ। ସେଥିପାଇଁ ଘରେ ଛୁଆଟିଏ ଜନ୍ମ ହେବା ମାତ୍ରେ ବାପାମାଆ ତା'ର ଭବିଷ୍ୟତର ଜୀବିକାକୁ ନେଇ ସ୍ୱପ୍ନ ଦେଖିବା ସହ ରୂପରେଖ ତିଆରି କରିବା ଆରମ୍ଭ କରିଦିଅନ୍ତି।

ସେହିପରି ସମସ୍ତଙ୍କ ଚିନ୍ତା ଥାଏ ତାଙ୍କ ଜୀବିକାରେ ଯେମିତି ନିଶ୍ଚିତତା ରୁହେ। ତେଣୁ ସମସ୍ତଙ୍କ ଆଶା କେମିତି ସରକାରୀ ଚାକିରିଟିଏ ପାଇବେ। କାରଣ ଚାଷ, ବ୍ୟବସାୟ ହେଉ କି ଅନ୍ୟ କୌଣସି ବୃତ୍ତି ସେଠାରେ ଅର୍ଥ ଉପାର୍ଜନର କୌଣସି ନିର୍ଦ୍ଦିଷ୍ଟତା ନଥାଏ। ଅପରପକ୍ଷେ ସରକାରୀ ଚାକିରିରେ ମାସ ପୂରୁଣୁ ଧାର୍ଯ୍ୟ ଅର୍ଥରାଶି ଦରମା ଆକାରରେ ପାଇବା ସୁନିଶ୍ଚିତ ଥାଏ। ତେଣୁ ସମସ୍ତ ଚାକିରିଆ ନିଜ ଜୀବନ ସଂସାର ସୁରୁଖୁରୁରେ ଚଳିବା ନେଇ ନିଶ୍ଚିତ ତାଙ୍କ ଦରମା ଉପରେ ନିର୍ଭରଶୀଳ ରହନ୍ତି। ଅତଏବ ଚାକିରିଆଙ୍କ ପଦବୀ ହେଉଛି ସେମାନଙ୍କ ବୃତ୍ତି ବା ଜୀବିକା।

ତେଣୁ ଆମ କହିବାର କଥା ଯେ ଜନପ୍ରତିନିଧି ହୁଅନ୍ତୁ କିମ୍ବା ସରକାରୀ ଚାକିରିଆ, ଅତିକମରେ ସମସ୍ତଙ୍କ ସମ୍ମାନଜନକ ଚଳଣି ପାଇଁ ଆବଶ୍ୟକ ମାସିକ ପାଉଣା ବ୍ୟବସ୍ଥା ହେବା କଥା। ବର୍ତ୍ତମାନ ଓ ଭବିଷ୍ୟତ ସୁରକ୍ଷିତ ବୋଲି ନିଶ୍ଚିତତା ରହିଲେ ପ୍ରତିଟି ଜୀବିକା ସ୍ୱତଃପ୍ରବୃତ ଭାବରେ ଜନସେବାରେ ପରିଣତ ହୋଇଯିବ। ନଚେତ ଜନସେବା ବି ଚାକିରିରେ ପରିଣତ ହୋଇଯିବାର ସମ୍ଭାବନା ଆସିଯିବ। ●

ସିନାପାଲି(ନୂଆପଡ଼ା)
ମୋ: ୯୭୭୭୭୫୩୯୩୫

# ଚିତା ଚୋରି ଓ ତକି ଖାଁ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ଇଏ ଓଡ଼ିଶା ଇତିହାସରେ ଦେବାଳୟ ଲୁଣ୍ଠନ ଓ ଦେବତାମାନଙ୍କୁ ଖଣ୍ଡିତ କରି ଅପଯଶ ଲାଭ କରିଥିବା ତକି ଖାଁ ନୁହେଁ। ଇଏ ଜଣେ ସାଧାରଣ ଅଭାବୀ ଗ୍ରାମବାସୀ ଥିଲା। ଗାଆଁରୁ ବିଭିନ୍ନ ସମୟରେ ତୀର୍ଥାଟନରେ ଯାଉଥିବା ଜଗନ୍ନାଥ ଭକ୍ତଙ୍କଠାରୁ ମହାପ୍ରଭୁଙ୍କ ମହିମା, ମନ୍ଦିର ଓ ବେଶ ଆଦି ବିଷୟରେ ସେ ଶୁଣୁଥିଲା। ସେ ଶୁଣିବାକୁ ପାଇଲା ଯେ ମହାପ୍ରଭୁ ସୁନାବେଶରେ ମହଣ ମହଣ ସୁନା ଅଳଙ୍କାରରେ ମଣ୍ଡିତ ହେଉଛନ୍ତି ଏବଂ ମନ୍ଦିରର ରତ୍ନଭଣ୍ଡାରରେ ଅମାପ ହୀରା, ଲୀଳା, ମୋତି, ମାଣିକ୍ୟ ସହ ମହଣ ମହଣ ସୁନା ଅଳଙ୍କାର ଗଚ୍ଛିତ ଅଛି। ମନ୍ଦବୁଦ୍ଧି ତକି ଖାଁ ଅନେକ ଥର ଚିନ୍ତା କରେ ଯେ ଯଦି ସେଥିରୁ ପୁଳାଏ ଚୋରି କରି ଆଣନ୍ତା, ସାତପୁରୁଷ ଭୋଗ କରନ୍ତେ। ରତ୍ନ ଭଣ୍ଡାରରୁ ଚୋରି କରିବା ପାଇଁ ଇଚ୍ଛା ଅତି ପ୍ରବଳ ହେବାରୁ ସେ ପୁରୀ ଯାଇ ଘର ବଖରେ ଭଡ଼ା ନେଇ ରହିଲା। ଚେହେରା ଗୋରା ତକତକ ଥିବାରୁ ସାଇ ପଡ଼ିଶା ତା'କୁ ଭଲ ଘରର ପିଲା ବୋଲି ଭାବୁଥିଲେ। ମଥାରେ ଚିତା ତିଳକ ଓ ବେକରେ ତୁଳସୀ ମାଳ ପକେଇବାରୁ ଯବନ ପିଲା ବୋଲି ସେ ଜଣା ପଡୁ ନ ଥିଲା। ଜଗନ୍ନାଥଙ୍କ ମହିମା ଆଲୋଚନା ହେଲେ ସେଠାରେ ବସି ମନ ଦେଇ ଶୁଣୁଥିଲା। ସବୁଦିନ ଶ୍ରୀମନ୍ଦିର ଯାଇ ଦେଉଳ କେତେବେଳେ ଖୋଲେ ଓ ବନ୍ଦ ହୁଏ, କେତେବେଳେ କୋଉ ନୀତି ହୁଏ, ମନ୍ଦିର ବନ୍ଦ କିଏ ଓ କିପରି କରନ୍ତି, ସବୁ କଥା ଜାଣିଲା।

ସମୟକ୍ରମେ ତା'ର ଜଣେ ଯାତ୍ରୀ ଗୁମାସ୍ତା ସହିତ ବନ୍ଧୁତା ହେଲା। ଗୁମାସ୍ତା ଦେଉଳର ସବୁ କଥା ଜାଣିଥିଲେ। ତାଙ୍କଠାରୁ ତକି ତା' ପାଇଁ ଆବଶ୍ୟକ ଟିକିନିଖି ତଥ୍ୟ ଯୋଗାଡ଼ କରେ। ଦିନେ ଦୁଇଜଣ ଗରୁଡ଼ସ୍ତମ୍ଭ ପାଖରୁ ମହାପ୍ରଭୁଙ୍କୁ ଦର୍ଶନ କରୁଥିଲେ। ମହାପ୍ରଭୁ ତକିର ମନ କଥା ଜାଣିଥିବାରୁ ତା'କୁ ଉଗ୍ରନୃସିଂହ ରୂପରେ ଦର୍ଶନ ଦେଲେ- ପିଙ୍ଗଳ କେଶ, ବିରାଟ ମୁଖ ଗହ୍ୱର, ଚାରି ବିଶି ଦାନ୍ତ ପର୍ବତ ଶୃଙ୍ଗ ପରି ମୁଖ ଗହ୍ୱରରୁ ବାହାରକୁ ଆସିଥିଲେ। ଦୁଇଆଖିରୁ ଅଗ୍ନି ବର୍ଷା ହେଉଥିଲା। କୋଟିସୂର୍ଯ୍ୟଙ୍କଠାରୁ ତାଙ୍କର ତେଜ ଅଧିକ ଥିଲା। ତକିର ଆଖି ଜଳକା ହୋଇଗଲା। ତା' ପରେ ସେ ଦେଖିଲା ଯେ ଠାକୁର ତା' ଆଡ଼କୁ ଚାହିଁ ମୁରୁକି ମୁରୁକି ହସୁଥିଲେ। ସେ ନିଜକୁ ନିଜେ ବୁଝେଇ ଦେଲା ଯେ ଗୋଟେ କାଠର ଦିଅଁଙ୍କୁ ସେପରି ଦେଖିବା ତା' ମନର ଭ୍ରମ ଥିଲା। ତା' ପରେ ସେ ବନ୍ଧୁ ଗୁମାସ୍ତାଙ୍କୁ ରତ୍ନଭଣ୍ଡାର ବିଷୟରେ ପଚାରିଲା। ଗୁମାସ୍ତା କହିଲେ 'ସେ ଘରକୁ ପ୍ରଭୁ ଲୋକନାଥ ଜଗିଛନ୍ତି। ତା' ଭିତରେ ହଜାର ହଜାର ସାପ ଅଛନ୍ତି।' ତକି ଭାବିଲା- 'ମାଳିକ କାଠ, ଜଗୁଆଳୀ ପଥର, ଏଇମାନଙ୍କୁ ଏତେ ଡର କାହିଁକି?'

ସାହାଣ ମେଳା ଦର୍ଶନ ପାଇଁ କଳାହାଟ ଦୁଆର ଖୋଲିଲା। ପାଖ ଦର୍ଶନ ପାଇଁ ସମସ୍ତଙ୍କ ସହିତ ତକି ଓ ଗୁମାସ୍ତାଙ୍କ ମଧ୍ୟ ଭିତରକୁ ଗଲେ। ତିନିଠାକୁରଙ୍କ ମଥାରେ ତିନିଟା ଉଜ୍ଜ୍ୱଳ ଚିତା ଦେଖି ସେ ଭାବିଲା ଯେ ସେଇଥିରୁ ଗୋଟେ ଦିଟା କି ସୁବିଧା ହେଲେ ତିନିଟା ଯାକ ନେଇଗଲେ ତ କୋଟିପତି। ସେତେବେଳକୁ ଦେଉଳର ନୀତିକାନ୍ତି ବିଷୟରେ ତା'ର ଧାରଣା ହୋଇସାରି ଥିଲା। ତେଣୁ ସେ ଚିନ୍ତା କଲା ଯେ ଦିନେ ଦେଉଳ ବନ୍ଦ ହେବା ଆଗରୁ ତା' ଭିତରେ ଲୁଚି ରହିବ ଏବଂ ସମସ୍ତେ ଚାଲିଯିବା ପରେ ଚିତା ତିନୋଟି ନେଇ ପାଚେରି ଡେଇଁ ଚାଲିଯିବ। ଦିନେ ସେ ଓର ଉଣ୍ଡି ରତ୍ନବେଦୀ ପଛପଟେ ଲୁଚି ରହିଗଲା। ସେବକମାନେ ଚାଲିଯିବା ପରେ ତକି ରତ୍ନବେଦୀ ଉପରେ ଚଢ଼ି ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ କପାଳର ଚିତା ଆଡ଼କୁ ବଢ଼େଇବା ବେଳେ ଦେଖିଲା ଯେ ଶହଶହ ନାଗ ସାପ ତାଙ୍କ ମୁଣ୍ଡ ଉପରେ ରହି ଫଣା ଟେକି ଫୁଙ୍କାର କରୁଥିଲେ। ଲୋଭ ତ ମଣିଷକୁ ଅନ୍ଧ କରିଦିଏ। ସେ ଆଲୁଅଟେ ଲଗେଇ ପୁଣି ଥରେ ଚେଷ୍ଟା କଲା। କିନ୍ତୁ ଶହଶହ ବିଷଧର ସାପ ବଡ଼ ଠାକୁରଙ୍କ ମସ୍ତକରୁ ବାହାରି ସାରା ପୋଖରୀଆରେ ବିଚରଣ କରୁଥିବା ଦେଖି ଚେତା ହରେଇ ସେଇଠି ପଡ଼ିଗଲା।

ପରଦିନ ସକାଳେ ଦେଉଳ ଫିଟା ପରେ ସେବକମାନେ ତକିକୁ ଚେତାଶୂନ୍ୟ ଅବସ୍ଥାରେ ପୋଖରିଆରେ ପଡ଼ିଥିବାର ଦେଖିଲେ। ନିସ୍ତୁକ ପିଟି ରାଜାଙ୍କ ଆଗରେ ହାଜର କଲେ। ତକିକୁ ଆଜୀବନ କାରାଦଣ୍ଡ ଆଦେଶ ଦିଆଗଲା। କିଛିମାସ ପରେ ସେ ଗଳିତ କୁଷ୍ଠ ରୋଗରେ ପୀଡ଼ିତ ହେବାରୁ କାରାମୁକ୍ତ କରିଦିଆଗଲା। ସେ ଶ୍ରୀକ୍ଷେତ୍ରରେ ବୁଲିବୁଲି ଭିକ ମାଗି ଖାଇଲା। ଦିନେ ସେ ସିଂହଦ୍ୱାର ପାଖରେ ଠିଆ ହୋଇ ନିଜ କଲା କର୍ମ ପାଇଁ ଅନୁତାପ କରି ମହାପ୍ରଭୁଙ୍କୁ ପ୍ରାର୍ଥନା କଲା। କ୍ଷମାସାଗର ମହାପ୍ରଭୁ ତା'କୁ କ୍ଷମା କରି ରୋଗମୁକ୍ତ କରିଦେଲେ। ସେ ତା'ର ବାକି ଜୀବନ କ୍ଷେତ୍ରବାସୀ ହୋଇ ଠାକୁରଙ୍କ ମହିମା ପ୍ରଚାରରେ ବିତେଇ ଦେଲା। ●

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

● ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି

## ରଥ ନିର୍ମାଣ ପାଇଁ ରଥଖଳାରେ ପହଞ୍ଚିଲା କାଠ



ନୀଳଗିରି, ୨୬ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଚଳିତ ବର୍ଷ ରଥଯାତ୍ରା ପାଇଁ ସ୍ଥାନୀୟ ପ୍ରଶାସନ ଅଧିକାରୀଙ୍କ ସହଯୋଗରେ ନୀଳଗିରି ରଥଖଳାରେ କାଠ ପହଞ୍ଚି ଥିବାର ଦେଖିବାକୁ ମିଳିଛି। ଚଳିତ ବର୍ଷ ନୀଳଗିରିରେ ରଥ ନିର୍ମାଣରେ କାଠର ଅଭାବ ନ ରୁହେ ସେଥିପ୍ରତି ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ପ୍ରକାଶ କରିଛନ୍ତି। ଏହି କାଠ ମଧ୍ୟରେ ଶାଳ, ଧଅ, କେନ୍ଦୁ ମିଶି ୧୮ ଟି ଲମ୍ବା କାଠ ଗଣ୍ଡି ଆସିଥିବା ବେଳେ ବନବିଭାଗର ମାପଚୁପ ପରେ କେଉଁ କାଠ ଲାଗିବ ଓ କେଉଁ କାଠ ନ ଲାଗିବ ଜଣାପଡିବ ବୋଲି ନୀଳଗିରି ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ ସୂଚନା ଦେଇଛନ୍ତି।

## ୫ ବର୍ଷ ହେଲା ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ମନୋରମା

ସୋର, ୨୬ (ସମିସ): ସୋର ବ୍ଲକ ଗୋପୀନାଥପୁର ପଂଚାୟତ ଗଡ଼ସାହି ଗ୍ରାମର ଜଣେ ବୃଦ୍ଧା ୫ ବର୍ଷ ହେଲା ବାର୍ଦ୍ଧକ୍ୟ



ଭତ୍ତା ପାଇବାରୁ ବଂଚିତ ହୋଇଛନ୍ତି। ଗ୍ରାମର ଗଣେଶ ପ୍ରସାଦ ଦାସଙ୍କ ପତ୍ନୀ ମନୋରମା ଦାସ (୬୬) ସରକାରଙ୍କ ନିକଟରେ ଗତ ୫ ବର୍ଷ ହେଲା ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଆସୁଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ତାଙ୍କୁ ଭତ୍ତା ମିଳିପାରି ନାହିଁ। ସୂଚନାଯୋଗ୍ୟ ଯେ ମନୋରମାଙ୍କ ସ୍ୱାମୀ ଗଣେଶ ବାର୍ଦ୍ଧକ୍ୟର ଚରମରେ ବି ଦିନ ମଜୁରିଆ ଭାବେ କାର୍ଯ୍ୟ କରି ଦୁଃଖେ କଷ୍ଟରେ ପରିବାର ପ୍ରତିପୋଷଣ କରୁଛନ୍ତି। ଏବେ ବୟସ ବଢିବା ସଂଗେ ସଙ୍ଗେ ଆଖିକୁ ଦେଖାଯାଉ ନଥିବାରୁ ଅଧିକାଂଶ ସମୟରେ କାମ ଧନ୍ଦା କରିବାକୁ ଯାଇ ପାରୁ ନାହାଁନ୍ତି। ମନୋରମା ସରକାରଙ୍କ ଯୋଜନାରେ ଭତ୍ତା ପାଇଁ ଏ ଅଫିସ ସେ ଅଫିସ ହେବା ପରେ ରେଳେ ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଗୁହାରି କରି ମଧ୍ୟ କିଛି ସୁଫଳ ପାଇପାରି ନାହାଁନ୍ତି। ସରକାରଙ୍କ ତରଫରୁ ତାଙ୍କୁ ଏହି ଯୋଜନାରେ ସାମିଲ କରି ତୁରନ୍ତ ଭତ୍ତା ପ୍ରଦାନ ପାଇଁ ସେ ନିବେଦନ କରିଛନ୍ତି।

## ଦୁଇ କୃତୀ ଛାତ୍ରୀ ସମ୍ବର୍ଦ୍ଧିତ



ନୀଳଗିରି, ୨୬ (ସମିସ) : ବରହମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ପ୍ରାଧ୍ୟାପକ ହୃଷିକେଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଜି ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ପ୍ରାକ୍ତନ ଅଧ୍ୟକ୍ଷ ଡ଼. ଅମରନାଥ ସଙ୍କ ସମେତ ଅଧ୍ୟାପକ ବିଜୟ କୁମାର ଜେନା, ଅଧ୍ୟାପକ ପ୍ରଭାତ କୁସୁମ ଆଚାର୍ଯ୍ୟ, ଅଧ୍ୟାପକ ତାପସ ରଞ୍ଜନ ବେହେରା, କିଶୋର ଚନ୍ଦ୍ର ପାତ୍ର, ରତ୍ନାକର ବୁଗୁଡ଼ାଇ ଓ କଳ୍ପନା ପୃଷ୍ଟି ଯୋଗଦାନ କରିଥିଲେ। ବିଜ୍ଞାନରେ ଭାଗ୍ୟଲକ୍ଷ୍ମୀ ବେହେରା ସର୍ବୋଚ୍ଚ ୫୩୬ ନମ୍ବର ରଖିଥିବା ବେଳେ କଳାରେ ଅନିମା ଚୌଧୁରୀ ମଧ୍ୟ ୫୩୬ ନମ୍ବର ରଖି ବିଦ୍ୟାଳୟର ଟେକ ରଖିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ଦୁଇ କୃତୀଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ମିଷ୍ଟାନ ବଣ୍ଟନ କରିଥିଲେ। ସମସ୍ତ ଅଧ୍ୟାପକ ମାନେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ନୀଳିମା ଚୌଧୁରୀ ଭବିଷ୍ୟତରେ ଜଣେ ଅଧ୍ୟାପିକା ହେବେ ବୋଲି କହିଥିବା ବେଳେ ଭାଗ୍ୟଲକ୍ଷ୍ମୀ ଏଜି ପାଇଁ ଓୟୁଏଟିରେ ପଢିବା ପାଇଁ ଲକ୍ଷ୍ୟ ରଖିଛନ୍ତି।

## ପାଲା ମାଧ୍ୟମରେ ଏସ୍ଆଇଆର୍ ସଚେତନତା



ଖଇରା, ୨୬ (ସମିସ): ଖଇରା ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପାଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପାଲା ଗାୟକ ମହେଶ୍ୱର ବାରିକ ନିଜର ପାଲା ପରିବେଷଣ ମାଧ୍ୟମରେ ପରିଗଣନା ଫର୍ମପୂରଣର ଅବଧି, ଚିଠା ଭୋଟର ତାଲିକା ପ୍ରକାଶନ, ଦାବି ଓ ଆପତ୍ତି ଦାଖଲ କରିବାର ଅବଧି ଭଳି ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ତଥ୍ୟ ଉପସ୍ଥାପନ କରିଥିଲେ। ଖଇରା ଦୁର୍ଗାମଣ୍ଡପରେ ଅନୁଷ୍ଠିତ ଏହି ପାଲା କାର୍ଯ୍ୟକ୍ରମରେ ବିଡିଓ ନାରାୟଣ ସାହୁ, ସହକାରୀ ଯନ୍ତ୍ରୀ ବିଭୂତି ଭୂଷଣ ନାୟକ, ଜିପିଡିଓ ସୁରେଶ କୁମାର ମଣ୍ଡଳ, ବିଏସଏସଓ ସରୋଜ କୁମାର ନାୟକ, ବିପିସି ଅନନ୍ତ କୁଅଁର, ବିଏଲଓ ସୁପରଭାଇଜର ଭରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# ରବି ଧାନ ବିକ୍ରି ସମସ୍ୟା; ସାଂସଦଙ୍କ ଉପରେ ଭରସା କରି ଚାଷୀ ହତାଶ

ବାଲେଶ୍ୱର(ଉତ୍ତର), ୨୬ (ସମିସ)



ସମଗ୍ର ଉତ୍ତର ବାଲେଶ୍ୱର ଚାଷୀମାନେ ଚଳିତ ବର୍ଷ ରବି ଧାନ ବିକ୍ରି କରିବାରେ ସମସ୍ୟା ଭୋଗୁଛନ୍ତି। ବିଶେଷ କରି ଭୋଗରାଇ ବ୍ଲକରେ ଧାନ ବିକ୍ରୀର ପଞ୍ଜିକରଣ ପାଇଁ ସ୍ୱଳ୍ପ ଅବଧି କାରଣରୁ ପ୍ରାୟ ୭ ହଜାର ଚାଷୀ ପଞ୍ଜୀକରଣ କରିପାରିନାହାନ୍ତି। ଏ ନେଇ ବାଲେଶ୍ୱର ସାଂସଦ ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ଚାଷୀ ମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ ଯେଉଁମାନେ ପଞ୍ଜୀକରଣ କରି ପାରି ନାହାନ୍ତି ସେମାନଙ୍କ ପାଇଁ ସରକାର ଆଉ ୫ ଦିନ ଅବଧି ଦେବେ। ତେଣୁ ସାଂସଦଙ୍କ ଭରସାରେ ଚାଷୀ ଅପେକ୍ଷା କରି ଆଜି ଚାଷୀ ହତାଶ ହୋଇଛନ୍ତି ବୋଲି ଭୋଗରାଇ କଂଗ୍ରେସ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛି।

ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଜଳେଶ୍ୱରପୁରସ୍ଥିତ ବ୍ଲକ କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ସମ୍ମିଳନୀରେ କଂଗ୍ରେସ ନେତା ତଥା ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ଯୋଗ ଦେଇ କହିଥିଲେ ଯେ ରାଜ୍ୟରେ ଚାଲିଥିବା ବିଜେପିର ଡବଲ ଇଞ୍ଜିନ ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି। ତାଙ୍କ ନିଜ ଦଳର ନେତା କିଛିଦିନ ତଳେ ଏକ ସାମ୍ବାଦିକ ସମ୍ମିଳନୀରେ ଧାନ କିଣାରେ ହେଉଥିବା ଚଞ୍ଚକତାକୁ ସ୍ୱୀକାର କରିଛନ୍ତି। ଡି ଏଲ ପି ସି କମିଟିର ନିଷ୍ପତ୍ତି ଅନୁଯାଇ ଚାଷୀଙ୍କୁ ମିଳିଥିବା ଟୋକନରେ ଯେତିକି ପରିମାଣର ଧାନ ବିକ୍ରି କରିବାକୁ ମେସେଜ ମିଳିଛି ସେହି ପରିମାଣର ଧାନ ନେବା କଥା। ମାତ୍ର ଟୋକନ ପରିମାଣର ଧାନରୁ ପାଖାପାଖି ୧୦ରୁ ୩୦ ପ୍ରତିଶତ ଧାନ କୁ ମଣ୍ଡି ପରିଚାଳନା କରୁଥିବା ପ୍ୟାକ୍ସ ସମବାୟ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ, ସଭାପତି ଓ ଧାନ ନେଉଥିବା ମିଲର ମାନେ ମିଶି କାଟି ରଖି ପରେ କାଗଜପତ୍ରରେ ଦର୍ଶାଇ ଅର୍ଥ ଆତ୍ମସାତ କରୁଛନ୍ତି ବୋଲି ଏଠାକାର ବିଜେପି ନେତା ଆଶିଷ ପାତ୍ର କହିଛନ୍ତି। ଯଦି ଏହା ସତ୍ୟ ହୋଇଥାଏ ତେବେ ସାଙ୍ଘାତିକ ବୋଲି ଶ୍ରୀ ଦାସ କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ପାତ୍ର ବାଲେଶ୍ୱର- ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଜଣେ ନିର୍ଦ୍ଦେଶକ ଏବଂ ସେ ମଧ୍ୟ ଏକ ସମବାୟ ସମିତିର ସଭାପତି। ତେଣୁ ଏଥିରୁ ପ୍ରମାଣିତ ହେଉଛି ଯେ ସେ ନିଜେ ଏଥିରେ ସମ୍ପୃକ୍ତ ଥିବେ। ଅପରପକ୍ଷରେ ଯଦି ଏଭଳି ହେଉଥାଏ କୁଆଡ଼େ ଗଲେ ଯୋଗାଣ ଓ ସମବାୟ ବିଭାଗର ମନ୍ତ୍ରୀ, କୁଆଡ଼େ ଗଲେ ବାଲେଶ୍ୱର ସାଂସଦ। ପୂର୍ବରୁ ଅଚାନକ ଧାନ ମଣ୍ଡି କୁ ଯାଇ ତୁମ୍ବି ତୁଫାନ କରୁଥିଲା ବେଳେ ଏବେ ନିରବ କାହିଁକି, ଏହାର ଉତ୍ତର ଭୋଗରାଇ ବାସୀ ଚାହାନ୍ତି ବୋଲି ଶ୍ରୀ ଦାସ କହିଥିଲେ। ସେହିପରି କେନ୍ଦ୍ର ସରକାର ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ପ୍ରଶସ୍ତି କରଣ ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ମାତ୍ର ଏହାର ଶେୟ ନେବା ପାଇଁ ଉଭୟ ସ୍ଥାନୀୟ ବିଧାୟକ ଏବଂ ବିଜେପି ଦଳର ନେତା ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଏହା ସରକାରଙ୍କ ନୀତିଗତ ନିଷ୍ପତ୍ତି ହୋଇଥିଲା ବେଳେ ଏଥିରେ ରାଜନୈତିକ ଫାଇଦା ନେବାକୁ ପ୍ରୟାସ କରିବା ଦୁର୍ଭାଗ୍ୟ ଜନକ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଗୋପବନ୍ଧୁ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ପାତ୍ର, ପ୍ରଦୀପ କୁମାର ନାୟକ, ସୁମନ୍ତ କୁମାର ବେହେରା, ଶିଶିର ମହାପାତ୍ର, ରାଜେନ୍ଦ୍ର ଦଳାଇ, ରାଜେନ୍ଦ୍ର ପଣ୍ଡା, ପ୍ରମୁଖଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ଦଳୀୟ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ।

## ବାଲିଆପାଳ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ସଭା



କାଳିପଦା, ୨୬ (ସମିସ): ବାଲିଆପାଳ ଶୁଭମ ଗେଷ୍ଟ ହାଉସ ପରିସରରେ ବାଲିଆପାଳ ବ୍ଲକ ବିଜେଡ଼ି ପକ୍ଷରୁ ବସ୍ତା ବ୍ଲକ ସଭାପତି ତଥା ବସ୍ତା ନିର୍ବାଚନ ମଣ୍ଡଳୀ ର ସଂଯୋଜକ ମହାଦେବ ଦାସଙ୍କ ସହିତ ବାଲିଆପାଳ ବ୍ଲକ ସଭାପତି ଦେବେନ୍ଦ୍ର ଗିରି ଓ କାର୍ଯ୍ୟକାରୀ ସଭାପତି ସ୍ମୃତି ରଂଜନ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ୧୪ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବୁଗୁଡି, ଜାମକୁଣ୍ଡା ପଂଚାୟତର ବଶିଷ୍ଠ ବିଜେଡି ନେତା ବସନ୍ତ ମହାନ୍ତି, ମଧୁପୁରା ପଞ୍ଚାୟତର ସୁଶାନ୍ତ ଗିରି, ଅସ୍ତୀ ପଂଚାୟତର ଶରତ ଚନ୍ଦ୍ର ପ୍ରଧାନ, ଶିକ୍ଷାବିତ ପରମେଶ୍ୱର ବାରିକ, ଛାତ୍ର ନେତା ହରେକୃଷ୍ଣ ଦାସ ଙ୍କ ସହିତ ବାଲିଆପାଳ ଓ ବସ୍ତା ବ୍ଲକର ବହୁ ବରିଷ୍ଠ ନେତା ଯୋଗ ଦେଇ ସମସ୍ତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ଦଳକୁ ତୃଣମୂଳ ସ୍ତରରୁ ମଜବୁତ କରି ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଯୁବ ନେତା ଶିବାନନ୍ଦ ଦାସ ଅଧିକାରୀ ମଞ୍ଚ ଆହ୍ୱାନ କରିଥିବା ବେଳେ ମୃତ୍ୟୁଞ୍ଜୟ ଗୋଛାୟତ, ଦୀପକ ଜେନା, ସୁବୋଧ ପାତ୍ର, ବନମାଳୀ ଜେନା, ମନ୍ମଥ ଚକ୍ରବର୍ତ୍ତୀ, ଭୁଲା ବାରିକ, ମହେନ୍ଦ୍ର ବିଶ୍ୱାଳ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ରାଇକୁଳା ୟୁପି ସ୍କୁଲ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ଖଇରା,୨୬ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ଗ୍ରାମପଞ୍ଚାୟତ ଅଧୀନ ରାଇକୁଳା ୟୁପି ସ୍କୁଲର ପ୍ରଧାନଶିକ୍ଷକ ପିତାମ୍ବର ଭୂୟାଁଙ୍କୁ ରବିବାର ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ଦ୍ୱିବେଦୀଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଭୋଗରାଇର ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ମୁଖ୍ୟ ଅତିଥି, ଅଲଓଷ୍ଟା ରାଜ୍ୟସଭାପତି ବିକ୍ରମ କୁମାର ଦାସ ମୁଖ୍ୟବକ୍ତା,ଖଇରା ବ୍ଲକ ସହଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଗଦାଧର ଦାସ, ସ୍ଥାନୀୟ ସରପଞ୍ଚ ରଘୁନାଥ ଜେନା ଓ ସମିତିସଭ୍ୟା କମଳିନୀ ମାଝୀ, ଜିଲା ଅଲୋଷ୍ଟା ସଭାପତି ରବିନାରାୟଣ ପଣ୍ଡା,ଶିକ୍ଷକ ନେତା ସୁଶାନ୍ତ କୁମାର ମହାପାତ୍ର, ପ୍ରଫୁଲ୍ଲ କୁମାର ଦାଶ, ଶଙ୍କର୍ଷଣ ଜେନା, ଜଗନ୍ନାଥ ମହାପାତ୍ର, ନାରାୟଣ ମହାପାତ୍ର, ପରିଚାଳନା କମିଟି ସଭାପତି ବ୍ରଜକିଶୋର ପାତ୍ର, ପୂର୍ବତନ ପ୍ରଧାନଶିକ୍ଷକ ବଳରାମ ଜେନା ଓ ପର୍ଶୁରାମ ଜେନା ଯୋଗ ଦେଇଥିଲେ। ୧୯୮୯ ମସିହା ଚାକିରି ଆରମ୍ଭ କାଳରୁ ବିଦାୟୀ ପ୍ରଧାନଶିକ୍ଷକଙ୍କ ତ୍ୟାଗ, ନିଷ୍ଠା, ଛାତ୍ରବତ୍ସଳତା ଓ ଗଠନମୂଳକ ଚିନ୍ତାଧାରା ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଜୟନ୍ତ ଦାସ, ଭବେନ୍ଦ୍ର କୁମାର ଶଙ୍ଖୁଆ, ମାନସ ପଣ୍ଡା, ଭବେନ୍ଦ୍ର ପାତ୍ର, ସିପ୍ରାରାଣୀ ପଣ୍ଡା, ମାୟାଧର ଦାସ, ଉଗ୍ରସେନ ନାୟକଙ୍କ ସମେତ ସମସ୍ତ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ ତରଫରୁ ବିଦାୟୀ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା।

## ଜଟିଳ ରୋଗରେ ପୀଡ଼ିତ ମମତା ରାଉତଙ୍କୁ ଭେଟିଲେ ସାଂସଦ

ନୀଳଗିରି, ୨୬ (ସମିସ) : ନୀଳଗିରି ଏନ୍‌ଏସି ଅନ୍ତର୍ଗତ ୨ ନମ୍ବର ୱାର୍ଡ ଘାଟଘର ସାହିର ବାସିନ୍ଦା ମମତା ରାଉତ ଦୀର୍ଘ ଦିନ ଧରି ଓଷ୍ଟିପରୋସିସ ଭଳି ଏକ ଜଟିଳ ରୋଗରେ ପୀଡ଼ିତ ହୋଇ ଅତ୍ୟନ୍ତ କଷ୍ଟଦାୟକ ଜୀବନ ବିତାଉଛନ୍ତି। ଏହି ରୋଗର ପ୍ରଭାବରେ ତାଙ୍କର ଶାରୀରିକ ଉଚ୍ଚତା କ୍ରମଶଃ ହ୍ରାସ ପାଇଛି। ଏକ ସମୟରେ ପ୍ରାୟ ସାଢ଼େ ପାଞ୍ଚ ଫୁଟ୍ ଉଚ୍ଚତା ଥିବା ମମତା ରାଉତ ବର୍ତ୍ତମାନ ପ୍ରାୟ ଦୁଇ ଫୁଟ୍ ଉଚ୍ଚତାରେ ପହଞ୍ଚି ଯାଇଛନ୍ତି। କିଛି ଦିନ ପୂର୍ବରୁ ଏହି ଘଟଣା ସାଂସଦଙ୍କ ଦୃଷ୍ଟିଗୋଚର ହୋଇଥିଲା। ସାଂସଦ ତତକ୍ଷଣାତ୍ ମେଡିକାଲ ଟିମ୍ ସହ ଯୋଗାଯୋଗ କରି ତାଙ୍କ ଘରେ ସ୍ୱାସ୍ଥ୍ୟ ପରୀକ୍ଷାର ବ୍ୟବସ୍ଥା କରାଇଥିଲେ। ପରୀକ୍ଷା ପରେ ତାଙ୍କୁ ୮୦ ପ୍ରତିଶତ ଭିନ୍ନକ୍ଷମତା



ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସୋମବାର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ତାଙ୍କ ଘରକୁ ଯାଇ ସରକାରଙ୍କ ତରଫରୁ ମାସିକ ୩୫୦୦ ଟଙ୍କା ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ଏନ୍.ଏ.ସି (ଘଇଉ) ର କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ମହେନ୍ଦ୍ର ବେହେରା, ମନୋରଞ୍ଜନ ବେହେରା, ସୂର୍ଯ୍ୟକାନ୍ତ ବିଶ୍ୱାଳ, ରାକେଶ ପରିଛା, ଦୀପକ ଦାସ, ରମାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କର ଚିକିତ୍ସା ପାଇଁ ମଧ୍ୟ ଯଥା ସମ୍ଭବ ସମସ୍ତ ପ୍ରକାର ସହଯୋଗ କରିବାକୁ ସାଂସଦ ଏବଂ ସରକାର ପ୍ରତିଶୃତି ବଦ୍ଧ ବୋଲି ମତ ପ୍ରକାଶ କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

ନୀଳଗିରି, ୨୬ (ସମିସ): ସାମାନ୍ୟ ଅସାବଧାନତା ଯୋଗୁଁ ବିଦ୍ୟୁତ ସ୍ପର୍ଶରେ ଅକାଳରେ ଚାଲିଗଲା ଯୁବ ବ୍ୟବସାୟୀଙ୍କ ଜୀବନ। ଏହି ଦୁଃଖଦ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନୀଳଗିରି ବ୍ଲକର କେ.ସି.ପୁର ପଞ୍ଚାୟତର ହାତୀକୁଟ୍ ବେହେରା ସାହି ଗ୍ରାମର ଯୁବ ବ୍ୟବସାୟୀ କୃତିବାସ ବେହେରା (୪୭) ନିଜ ଘର ସର୍ଭିସ ତାର ଓହଳି ପଡ଼ିଥିବା ବେଳେ ତାରକୁ ସଜାଡ଼ିବା ପାଇଁ ଏକ ଲମ୍ବା କଞ୍ଚା ବାଉଁଶରେ ସର୍ଭିସ ତାରକୁ ବାନ୍ଧି ପୋତୁ ଥିବା ବେଳେ ଉପରେ ଥିବା ୧୧ କେଭି ତାରରେ ବାଉଁଶଟି ଲାଗିଯିବାରୁ କୃତିବାସ ଗୁରୁତର ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସରେ ଉଦଳା ଡାକ୍ତରଖାନା କୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଯମୁନା ଛକରେ ଏକ ଲୁଗା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। କିଛି ଘଣ୍ଟା ଧରି ଯମୁନା ବଜାର ବନ୍ଦ କରାଯାଇଥିଲା।

## ବେଙ୍ଗାଲୁରୁରୁ ଫେରୁଥିବା ସୋର ଯୁବକ ଟ୍ରେନରେ ନିଖୋଜ

ସୋର, ୨୬ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ ଉତ୍ତରେଶ୍ୱର ଗ୍ରାମର ଜଣେ ଯୁବକ ବେଙ୍ଗାଲୁରୁକୁ ଚାକିରି କରିବା ପାଇଁ ଯାଇ ଚାକିରି ନ ପାଇ ନିରାଶ ହୋଇ ଟ୍ରେନରେ ଫେରୁଥିବା ବେଳେ କେଉଁ ଆଡ଼େ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଏହି ଗ୍ରାମର ସ୍ୱର୍ଗତ ଘନଶ୍ୟାମ ଗୁଇଁଙ୍କ ପୁତ୍ର ସାଗର ଗୁଇଁ(୩୪) ଗତ ମେ ମାସରେ ବେଙ୍ଗାଲୁରୁକୁ ଚାକିରି କରିବା ପାଇଁ ଯାଇ ୨୧ ତାରିଖ ଦିନ ପ୍ରଶାନ୍ତି ଏକ୍ସପ୍ରେସରେ ଘରକୁ ଫେରିଆସୁଥିଲେ। ମାତ୍ର ୨୩ ତାରିଖରେ ଟ୍ରେନ ଆସିବା ପରେ ସାଗର ସୋର ପହଞ୍ଚି ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ଆଡ଼େ ଖୋଜାଖୋଜି କରିବା ସହିତ ରେଳ ବିଭାଗ ଜିଆର୍‌ପିରେ ଅଭିଯୋଗ କରିଥିଲେ। ଆଜି ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳୁ ନଥିବା ବେଳେ ସାଗରର ଶଳା ରାଇମୋହନ ତାଙ୍କୁ ଉକ୍ତ ଟ୍ରେନରେ ବସାଇଥିବା ଜଣାଇଛନ୍ତି। ଏ ସଂପର୍କରେ ସାଗରର ମା' ଏବଂ ଭାଇ ସୋର ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି।

## ବିଜେପିର କର୍ମୀ ବୈଠକ

ରାଜଘାଟ, ୨୬ (ସମିସ): ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ତାଡଦା ଗ୍ରାମ ପଞ୍ଚାୟତର ପୂର୍ବତନ ପଞ୍ଚାୟତ ପ୍ରମୁଖ କାର୍ତ୍ତିକ ଚନ୍ଦ୍ର ସୁରଙ୍କ ବାସଭବନରେ ଏକ ଗୁରୁତ୍ୱପୂର୍ଣ୍ଣ କର୍ମୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଜେପି ନେତା ତଥା ତାଡଦା ପଞ୍ଚାୟତ ସମିତିଙ୍କ ପ୍ରତିନିଧି କାହ୍ନୁଚରଣ ଦଣ୍ଡପାଟ, ପୂର୍ବତନ ପଞ୍ଚାୟତ ପ୍ରମୁଖ ମିତେସ ସେନାପତି, ପୂର୍ବତନ ମିଡିଆ କୋର୍ଡିନେଟର ନିରୋଜ ଗିରି, ପୂର୍ବତନ ବିଜେପି ଯୁବ ମୋର୍ଚ୍ଚା ଉପସଭାପତି ବିଶ୍ୱଜିତ ଧଳ, ପୂର୍ବତନ ଜିଲ୍ଲାପରିଷଦ ପ୍ରାର୍ଥୀ ରମାନାଥ ଦାସ, ପୂର୍ବତନ ସରପଞ୍ଚ ଅଜୟ ଧଳ, ପୂର୍ବତନ ପଞ୍ଚାୟତ ସଭାପତି ଅଜିତ ଶତପଥୀ, ପୂର୍ବତନ ସମିତି ସଭ୍ୟ ଅବନ୍ତୀ ସେଠି, ବରିଷ୍ଠ ନେତା ହାଡିବନ୍ଧୁ ଦାସ, ସୁକୁମାର ପାଳ, ବିରେନ ବେହେରା, ପରମାନନ୍ଦ ଦଳେଇ, ମହେଶ୍ୱର ଜେନା, ଧନଞ୍ଜୟ ସାହୁ, ବାଳକୃଷ୍ଣ ପ୍ରଧାନ ସହ ବିଜେପିର ବହୁ କର୍ମୀ ଉପସ୍ଥିତ ଥିଲେ।

## ନୂତନ ଅଧ୍ୟକ୍ଷା ସୁଶ୍ରୀ ସାବିତ୍ରୀ ଦଳାଇଙ୍କ ଦାୟିତ୍ୱ ଗ୍ରହଣ

ଜଳେଶ୍ୱର, ୨୬ (ସମିସ) : ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶାନୁଯାୟୀ ଜଳେଶ୍ୱର ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଭାବେ ଜିଲ୍ଲାର ସର୍ବ କନିଷ୍ଠା ଅଧ୍ୟାପିକା ସୁଶ୍ରୀ ସାବିତ୍ରୀ ଦଳାଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଧ୍ୟକ୍ଷ ଡ. ଦୟାନିଧି ପ୍ରଧାନ ମେ ମାସ ୩୧ ତାରିଖରେ ଅବସର ନେଇଥିବା ବେଳେ ସେ ସମସ୍ତ କାର୍ଯ୍ୟଭାର ସୁଶ୍ରୀ ଦଳାଇଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ପୂର୍ବରୁ ସୁଶ୍ରୀ ସାବିତ୍ରୀ ଦଳାଇ ଉକ୍ତ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପିକା ଭାବେ କାର୍ଯ୍ୟରତ ରହିଥିଲେ। ସେ ଅଧ୍ୟକ୍ଷ ଭାବେ ଦାୟୀତ୍ୱ ଗ୍ରହଣ କରିବା ପରେ ନଗର ବିଜେପିର ଏକ ଟିମ୍ ସାକ୍ଷାତ କରି ଆଲୋଚନା କରିଥିଲେ। ଏହି ଟିମ୍‌ରେ ନଗର ସଭାପତି ତଥା କାଉନସିଲର ଶିବନାରାୟଣ ମହାପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟ କାରିଣୀ ସଦସ୍ୟା ଇନ୍ଦୁମତି ଗିରି, ନାରୀ ନେତ୍ରୀ ଦେବଜାନୀ ଅଣ୍ଡିଆ, ସୁଭଦ୍ରା ବେହେରା, ପୂର୍ବତନ ଜିଲ୍ଲା ଯୋଜନା କମିଟି ସଦସ୍ୟ ଅନନ୍ତ କୁମାର ଦାସପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି। ସୁଶ୍ରୀ ଦଳାଇଙ୍କ ଘର ସ୍ଥାନୀୟ ଜଳେଶ୍ୱର ରାୟ ରାମଚନ୍ଦ୍ର ପୁର ପଂଚାୟତର ମାଳ ଗଡ଼ିଆ ଗ୍ରାମର ହୋଇଥିବାରୁ ଅଧ୍ୟକ୍ଷା ଭାବେ ଦାୟୀତ୍ୱ ଗ୍ରହଣ କରିବା ପରେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମହଲରେ ଆନନ୍ଦ ଖେଳି ଯାଇଛି।

### ନାବାଳିକା ଅପହରଣକୁ ୧୫ ଦିନ, ପୁଲିସ ହାତ ଖାଲି

# ଏସ୍‌ପିଙ୍କ ନିକଟରେ ଫେରାଦ ହେଲେ ପରିବାର ଲୋକେ

ରାଜଘାଟ, ୨୬ (ସମିସ)

ବସ୍ତା ଥାନା ଅଞ୍ଚଳର ଏକ ନାବାଳିକା ଅପହରଣ ଘଟଣାକୁ ୧୫ ଦିନ ବିତିଥିଲେ ହେଁ ପୁଲିସ ଅପହର୍ତ୍ତାର କୌଣସି ଟେର ପାଉ ନଥିବାରୁ ବାଧ ହୋଇ ପରିବାର ଲୋକେ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏତଲାରେ ଉଲ୍ଲେଖ ମୁତାବକ ନାବାଳିକା ଜଣକ ଗତ ଏପ୍ରିଲ ୧୭ ତାରିଖ ଅପରାହ୍ଣ ୪ଟା ରେ ମାଆକୁ ଟ୍ୟୁସନ ଯାଉଛି କହି ଘରୁ ବାହାରି ଆସିଥିଲେ। ମାତ୍ର ବିଳମ୍ବିତ ରାତି ପର୍ଯ୍ୟନ୍ତ ଝିଅ ଘରକୁ ନଫେରିବାରୁ ବାପା ଓ ମା ଅଧୈର୍ଯ୍ୟ ହୋଇପଡ଼ିଥିଲେ। ଟ୍ୟୁସନ ସାର, ସହପାଠୀ ଓ ବନ୍ଧୁବାନ୍ଧବଙ୍କୁ ଖବର ଦେବା ପରେ ମଧ୍ୟ ଝିଅର କୌଣସି ପତ୍ତା ମିଳିପାରି ନ ଥିଲା। ମଧ୍ୟରାତ୍ରୀରେ ଏକ ଅଜଣା ନମ୍ବରରୁ ବାପାଙ୍କ ପାଖକୁ ଫୋନ ଆସିଥିବା ବେଳେ ଝିଅ ଠିକ୍ ଠାକ୍ ଥିବା କହିଥିଲା। ଏହା ପରେ ଫୋନଟି ବନ୍ଦ ଥିଲା। ଫଳରେ କେହି ଦୁର୍ବୃତ୍ତ ଝିଅକୁ ଅପହରଣ କରି ନେଇଥିବା ନେଇ ପରିବାର ଲୋକେ ତହିଁ ପରଦିନ ଅମର୍ଦ୍ଦାରୋଡ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ୩୦୨/୨୬ ମୂଳେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ତେବେ ଘଟଣାକୁ ପନ୍ଦର ଦିନ ବିତିଯାଇଥିଲେ ବି ପୁଲିସ ଅପହର୍ତ୍ତାର କୌଣସି ଟେର୍ ପାଉ ନ ଥିବାରୁ ପରିବାର ଲୋକେ ଅଧୈର୍ଯ୍ୟ ହୋଇପଡ଼ିଥିଲେ। ଫଳରେ ପରିବାର ଲୋକେ ସୋମବାର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ଭେଟି ଝିଅକୁ ଫେରାଇ ଆଣିବା ପାଇଁ ନିବେଦନ କରିଛନ୍ତି। ଝିଅକୁ ଫେରାଇ ଆଣିବା ଦିଗରେ ପୁଲିସ ସବୁ ପ୍ରକାର ଚେଷ୍ଟା ଚଳାଇବ ବୋଲି ଆରକ୍ଷୀ ଅଧିକ୍ଷକ ଆଶ୍ୱାସନା ଦେଇଛନ୍ତି।

## ରାସ୍ତା ନିର୍ମାଣ କଲେ ଗ୍ରାମବାସୀ



ପଞ୍ଚଲିଙ୍ଗେଶ୍ୱର,୨୬ (ସମିସ): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଶ୍ୟାମସୁନ୍ଦର ପୁର ପଂଚାୟତ ସାବୁଜାପୁର ଗ୍ରାମ ରାସ୍ତାଟି ମରଣଯନ୍ତା ହୋଇ ଦୀର୍ଘଦିନ ଧରି ପଡିରହିଥିଲା। ଯାହା ଦ୍ୱାରା ଲୋକମାନେ ଯାତାୟାତ ଓ ଜରୁରୀକାଳୀନ ପରିସ୍ଥିତି, ପିଲାମାନେ ବିଦ୍ୟାଳୟ ପାଖରେ ରହିଥିବା ଐତିହ୍ୟ କିମ୍ବଦନ୍ତୀ ତଥା ନୀଳଗିରି ରାଜାର ଶିକାର ଭାଡ଼ି ଖମ୍ବକୁଟ ଭଳି ପିକନିକ୍ ସ୍ଥାନକୁ ଯିବା ପାଇଁ ବହୁ ଦୂରଦୂରାନ୍ତରୁ ଆସୁଥିବା ତୀର୍ଥ ଯାତ୍ରୀ ମାନେ ବି ଅସୁବିଧାରେ ସମ୍ମୁଖୀନ ହୋଇଥାନ୍ତି। ସ୍ଥାନୀୟ ପ୍ରଶାସନଠୁ ଜିଲ୍ଲା ପ୍ରଶାସନଙ୍କୁ ଗ୍ରାମବାସୀ ରାସ୍ତା ନିର୍ମାଣ ପାଇଁ ଗୁହାରି କରିଥିଲେ ବି, ଏ ଯାଏଁ ହୋଇ ପାରିଲାନି ରାସ୍ତା,ଶେଷରେ ନିଜସ୍ୱ ଅର୍ଥରେ ନିର୍ମାଣ କରିଲେ ରାସ୍ତା, ପୂର୍ବତନ ନ୍ୟାୟ ସରପଞ୍ଚ ନିତ୍ୟାନନ୍ଦ ରାଉତ, ରାମଚନ୍ଦ୍ର ରାଉତ, ଜଗବନ୍ଧୁ ବଳ,ଭାଗିରଥି ରାଉତ,ମନୋଜ କୁମାର ରାଉତ, ଜୟନ୍ତ କୁମାର ରାଉତ, ଜଗବନ୍ଧୁ ରାଉତ,ଜୁଳ ପ୍ରଧାନ, ରାମଚନ୍ଦ୍ର ବଳ ଦନାରଦନ ରାଉତଙ୍କ ଶହ ଶତାଧିକ ଗ୍ରାମବାସୀ ସହଯୋଗ କରିଥିଲେ।

# ଦୀନକୃଷ୍ଣ ମହାବିଦ୍ୟାଳୟରେ ଅଧ୍ୟାପକ ଓ କର୍ମଚାରୀ ଅଭାବ

ଜଳେଶ୍ୱର, ୨।୬ (ସମିସ)



ଉତ୍ତର ବାଲେଶ୍ୱରର ସର୍ବପୁରାତନ ୬୨ ବର୍ଷର ଶିକ୍ଷାନୁଷ୍ଠାନ ଦୀନକୃଷ୍ଣ ମହାବିଦ୍ୟାଳୟରେ ଅଧ୍ୟାପକ ଓ ଅଣଶିକ୍ଷା କର୍ମଚାରୀଙ୍କ ଅଭାବ ଶିକ୍ଷାର୍ଥୀ ଏବଂ ଅଭିଭାବକଙ୍କ ଲାଗି ଚିନ୍ତାର ବିଷୟ ହୋଇଛି। ଉକ୍ତ ମହାବିଦ୍ୟାଳୟରେ ୪୭ ଜଣ ଅଧ୍ୟାପକ ଆବଶ୍ୟକ ଥିବାବେଳେ ମାତ୍ର ୨୮ ଜଣରେ କାମ ଚଳୁଛି। ସେହିପରି ଅଣଶିକ୍ଷା କର୍ମଚାରୀ ୪୭ ଜଣ ରହିବା ନିୟମ ଥିବାବେଳେ ମାତ୍ର ୧୧ ଜଣରେ କାମ ଚଳାଉଛନ୍ତି। ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାବେଳେ ୧୬ ଶହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢିବାରେ ଘୋର ସମସ୍ୟା ସୃଷ୍ଟି ହେଉଛି।୧୯୬୪ ମସିହାରେ ଜଳେଶ୍ୱର ସହରର ନୂଆ ବଜାର ଠାରେ ଉତ୍ତର ବାଲେଶ୍ୱର କଲେଜ ନାମରେ ଶିକ୍ଷାନୁଷ୍ଠାନଟି ଗଢ଼ି ଉଠିଥିଲା ବେଳେ ଚୈତନ୍ୟ ପ୍ରସାଦ ସାହୁ ଏହାର ସମ୍ପାଦକ ଥିଲେ। ପରବର୍ତ୍ତୀ ସମୟରେ ୫୭ ନମ୍ବର ରାଜ୍ୟ ରାଜପଥ ନିକଟ ସୁଗୋ ପଞ୍ଚାୟତର ଧାନସିମୁଳିଆ ଠାରେ ଏହି"ଅନୁଷ୍ଠାନ ପ୍ରତିଷ୍ଠା ହୋଇଥିଲା। ୧୯୬୮ ମସିହାରେ କବି ଦୀନକୃଷ୍ଣଙ୍କ ନାମରେ କଲେଜର ନାମକରଣ କରାଯାଇ ଉକ୍ତ ଅନୁଷ୍ଠାନ ଉତ୍ତର ବାଲେଶ୍ୱର ଅଞ୍ଚଳରେ ଶିକ୍ଷାର ଆଲୋକ ବାଣ୍ଟୁଅଛି। ଏହି ପ୍ରଖ୍ୟାତ କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ଉଚ୍ଚ ମାଧ୍ୟମିକ ଓ ସ୍ନାତକ ଶ୍ରେଣୀରେ ଛାତ୍ରଛାତ୍ରୀ ଶିକ୍ଷାଗ୍ରହଣ କରି ଉପକୃତ ହେଉଛନ୍ତି। ମହାବିଦ୍ୟାଳୟରେ ଆଧୁନିକ ଗ୍ରନ୍ଥାଗାର ରହିଥିଲେ ମଧ୍ୟ ମୁଖ୍ୟ ପରିଚାଳକ ନାହାନ୍ତି। ଆଧୁନିକ ସମ୍ମିଳନୀ କକ୍ଷ, ଏନ୍‌ସିସି, ଏନ୍‌ଏସ୍‌ଏସ୍, ରେଡକ୍ରସ ଓ ଇଗ୍ନୋ ଶିକ୍ଷାଦାନ କେନ୍ଦ୍ର ମଧ୍ୟ ରହିଛି। ଦୁଃଖ ପରିତାପର ବିଷୟ ଛାତ୍ର ଛାତ୍ରୀ ଙ୍କ ପଢ଼ିବା ଲାଗି ଆବଶ୍ୟକ ଶ୍ରେଣୀଗୃହ ନାହିଁ। ସେହିପରି ଆବଶ୍ୟକ ଅଧ୍ୟାପକ ଓ ଅଣଶିକ୍ଷା କର୍ମଚାରୀ ନଥିବାରୁ ମଧ୍ୟ ବିବିଧ ସମସ୍ୟା ହେଉଛି। ଏଠାରେ କେବଳ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ରହିଥିବା ବେଳେ ରହଣି ର

**● ୪୭ ଅଧ୍ୟାପକରୁ ୧୯ ନାହାନ୍ତି**
**● ଖାଲି ପଡ଼ିଛି ୩୬ କର୍ମଚାରୀ ପଦ**

ସୁବିଧା ନାହିଁ। ଫଳରେ ଉକ୍ତ ସରକାରୀ କଲେଜ ରେ ଭିତ୍ତିଭୂମି ରହିଥିଲେ ମଧ୍ୟ ଛାତ୍ର ଛାତ୍ରୀ ମାନେ ଘରୋଇ ଶିକ୍ଷାନୁଷ୍ଠାନ ଓ କୋଚିଂ ସେଣ୍ଟରକୁ ଭରସା କରୁଛନ୍ତି।ଏହା ସହିତ କେତେକ ସରକାରୀ ଶିକ୍ଷାନୁଷ୍ଠାନର ଅଧ୍ୟାପକ ଓ ଶିକ୍ଷକ ବଳକା ସମୟ ସେହି ଅନୁଷ୍ଠାନ ରେ ମଧ୍ୟ ବିତାଉଛନ୍ତି। ଶିକ୍ଷାର୍ଥୀ ମାନେ ମାଗଣାରେ ଗୁଣା।କ ମାନର ଶିକ୍ଷାଦାନ ପାଇବା ପରିବର୍ତ୍ତେ ଅର୍ଥ ବିନିମୟରେ ପ୍ରତିଯୋଗୀତା ପୂର୍ଣ୍ଣ କୋଚିଙ୍ଗ ସେଣ୍ଟରେ ପଢ଼ିବା ପାଇଁ ବାଧ ହେଉଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଅଧ୍ୟକ୍ଷ ହିମାଂଶୁ ସାମଲଙ୍କୁ ପଚାରିବାରୁ ଆସନ୍ତା ଦିନରେ ଗୃହ ବିଜ୍ଞାନ, ମନସ୍ତତ୍ତ୍ୱ ବିଜ୍ଞାନ, ଭୂଗୋଳ, ସାଧାରଣ ପ୍ରଶାସନ ଭଳି ବିଷୟରେ ସେଲ୍‌ଫ୍ ଫାଇନାନ୍ସରେ ଖୋଲାଯିବାକୁ ଚେଷ୍ଟା କରାଯାଉଥିବା କହିଛନ୍ତି। ଏଥିପାଇଁ ୩୦ ଲକ୍ଷ ଟଙ୍କା ଜମା ରାଶି ଆବଶ୍ୟକ ହେଉଥିବାରୁ ତାହା ମଧ୍ୟ ଏକ ସମସ୍ୟା ସୃଷ୍ଟି ଥିବାବେଳେ ଛାତ୍ରଙ୍କ ରହିବା ଲାଗି ସୁବିଧା ନାହିଁ। ସୂଚନାଯୋଗ୍ୟ, ପ୍ରତିବର୍ଷ ୪୦୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ସ୍ନାତକରେ ଉତ୍ତୀର୍ଣ୍ଣ ହେଉଛନ୍ତି। ମାତ୍ର ଉଚ୍ଚ ଶିକ୍ଷା ଲାଗି ଏଠାରେ ରେଗୁଲାର ସ୍ନାତକୋତ୍ତର ଶ୍ରେଣୀ ଖୋଲା ଯାଇନାହିଁ। ଯଦିଓ ଇଗ୍ନୋରେ ରାଜନୀତି ବିଜ୍ଞାନ, ଇତିହାସ, ଇଂରାଜୀ, ଗ୍ରାମୀଣ ଉନ୍ନୟନ, ମନସ୍ତତ୍ତ୍ୱ ବିଜ୍ଞାନ, ସଂସ୍କୃତ, ଅର୍ଥଶାସ୍ତ୍ର ଭଳି ବିଷୟ ଖୋଲା ଯାଇଛି। କିନ୍ତୁ ରେଗୁଲାର ବିଷୟ ନ ଥିବାରୁ ଛାତ୍ରଛାତ୍ରୀଙ୍କୁ ଦୂର ସହରକୁ ଖର୍ଚ୍ଚାନ୍ତ ହୋଇ ଯିବାକୁ ପଡୁଛି। ଅନ୍ୟ ପକ୍ଷରେ ମହାବିଦ୍ୟାଳୟର ଉନ୍ନତିକରଣ ଲାଗି କେବଳ ୧୩୭ କୋଟି ଟଙ୍କା ଆସିଥିବା ଶ୍ରେଣୀ ଗୃହ ଲାଗି ୯୨ ଲକ୍ଷ ଟଙ୍କା ବ୍ୟୟରେ ୪ଟି ଶ୍ରେଣୀ ଗୃହ ନିର୍ମାଣ ହେବ ବୋଲି କହିଛନ୍ତି। ନୂଆବଜାର ଠାରେ କଲେଜର ପ୍ରାୟ ୨.୫ ଏକର ପରିତ୍ୟକ୍ତ ଜମିକୁ ଉଦ୍ଧାର ଲାଗି ତତ୍କାଳୀନ ଅଧ୍ୟକ୍ଷ ସୁକାନ୍ତ କୁମାର ଦାସ ଚେଷ୍ଟା କରିଥିଲେ। ମାତ୍ର ରାଜନୈତିକ ଇଚ୍ଛାଶକ୍ତି ଓ ସ୍ଥାନୀୟ ଲୋକଙ୍କ ସହଯୋଗ ଅଭାବରୁ ତାହା ଅଧାରେ ଅଟକିଛି। ନୂଆ ନିଯୁକ୍ତି ଓ ବିଭିନ୍ନ କାରଣରୁ ଶିକ୍ଷା ବ୍ୟବସ୍ଥା ଭୁସୁଡ଼ୁ ଥିବା ବେଳେ ଘୋରଇ ଶିକ୍ଷା ସଂସ୍ଥା ପ୍ରତି ସରକାରୀ ପ୍ରୋତ୍ସାହନ ବଢୁଥିବା ସମାଲୋଚନା ହେଉଛି।

## ଦୁଷ୍ୟନ୍ତ ତ୍ୟାଗୀ ହେଲେ ଟିପିଏନ୍‌ଓଡିଏଲର ନୂଆ ସିଇଓ

ବାଲେଶ୍ୱର,୨।୬ (ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ)ର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଦୁଷ୍ୟନ୍ତ କୁମାର ତ୍ୟାଗୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦ୍ୟୁତ ବିତରଣ କ୍ଷେତ୍ରରେ ତିନି ଦଶନ୍ଧିରୁ ଅଧିକ ସମୟର ଅଭିଜ୍ଞତା ରଖିଥିବା ଶ୍ରୀ ତ୍ୟାଗୀ ଦେଶର ବହୁ ନାମିଦାମୀ ବିଦ୍ୟୁତ ବିତରଣ କମ୍ପାନୀରେ ବହୁ ଗୁରୁଦାୟିତ୍ୱ ବହନ କରିଛନ୍ତି। ସେ ଦିଲ୍ଲୀ ଇଞ୍ଜିନିୟରିଂ କଲେଜରୁ ସ୍ନାତକ ହାସଲ କରିଥିବାବେଳେ ଆଇଏମଆଇ ଦିଲ୍ଲୀରୁ ପରିଚାଳନା କ୍ଷେତ୍ରରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଶ୍ରୀ ତ୍ୟାଗୀ କହିଛନ୍ତି ଯେ, ଉପଭୋକ୍ତାଙ୍କୁ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ବିଜୁଳି ସେବା ଯୋଗାଇବା ପାଇଁ ଟିପିଏନଓଡିଏଲ ସର୍ବଦା ପ୍ରତିଶ୍ରୁତିବଦ୍ଧ। ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅଭିନବ ପରିଚାଳନା ପଦ୍ଧତି ଦ୍ୱାରା ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଆମର ସର୍ବଦା ଲକ୍ଷ୍ୟ ରହି ଆସିଛି। ଟିପିଏନଓଡିଏଲର ସିଇଓ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀ ତ୍ୟାଗୀଙ୍କର ଟିପିସିଓଡିଏଲ, ଟାଟା ପାୱାର ଡିଡିଏଲ ଓ ଟିପିଏନଓଡିଏଲ ପ୍ରଭୃତି ସଂସ୍ଥାରେ ବାଣିଜ୍ୟ, ନେଟୱର୍କ ଇଞ୍ଜିନିୟରିଂ, ଅପରେସନ ସର୍ଭିସେସ, ଷ୍ଟୋର ଓ



ସିଏସଆର ଆଦି ବିଭାଗ ପରିଚାଳନା କ୍ଷେତ୍ରରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ରହିଛି। ଟିପିସିଓଡିଏଲର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ତଥା ଓଡ଼ିଶା ବିଦ୍ୟୁତ ବିତରଣ ବ୍ୟାପାର ମୁଖ୍ୟ ଭାବେ ଟିପିଏନଓଡିଏଲ ପୂର୍ବତନ ସିଇଓ ଗଜାନନ କାଲେଙ୍କ ବଦଳି ହୋଇଛି। ସୂଚନାଥାଉକି ଟିପିଏନଓଡିଏଲ ପ୍ରାୟ ୯୭ ଲକ୍ଷ ଲୋକଙ୍କୁ ବିଜୁଳି ସେବା ଯୋଗାଉ ଥିବାବେଳେ ୧୯ ଲକ୍ଷରୁ ଅଧିକ ପଞ୍ଜୀକୃତ ଉପଭୋକ୍ତା ଅଛନ୍ତି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ୨୭ହଜାର ୯୨୦ ବର୍ଗ କିଲୋମିଟର ଅଞ୍ଚଳକୁ ଟିପିଏନ୍‌ଓଡିଏଲ ବିଦ୍ୟୁତ ବିତରଣ କରୁଛି।

# ଦୁର୍ଗମ ଅଞ୍ଚଳରୁ ଆଇଆଇଟି ଯାତ୍ରା

ବାରିପଦା, ୨।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ଚଢ଼େଇପାହାଡି ଭଳି ଏକ ଦୁର୍ଗମ ଅଞ୍ଚଳରୁ ଆସି ସଫଳତାର ଶୀର୍ଷ ଛୁଇଁଛନ୍ତି ଜଣେ ଆଦିବାସୀ ମେଧାବୀ ଛାତ୍ର ସାଗ୍ରାମ୍ ମାରାଣ୍ଡି। ୨୦୧୮ରେ ଦୁର୍ଗମ ଅଞ୍ଚଳରୁ ଆସି ସେ ବାରିପଦା 'ପ୍ରିନ୍ସ ପବ୍ଲିକ ସ୍କୁଲ'ରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିଲେ। ସେହିଦିନଠାରୁ ତାଙ୍କର ଅସାଧାରଣ ପ୍ରତିଭା ଓ ନିଷ୍ଠା ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଜଣେ ଅତ୍ୟନ୍ତ ମେଧାବୀ ଛାତ୍ର ଭାବେ ସେ ନବମ ଶ୍ରେଣୀରେ ପଢୁଥିବା ସମୟରେ ସର୍ବଭାରତୀୟ ସ୍ତରରେ ଆୟୋଜିତ ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନ ଅର୍ଜନ କରି ପ୍ରିନ୍ସ ଅନୁଷ୍ଠାନରେ ନିଜର ସଫଳତାର କାହାଣୀ ଆରମ୍ଭ କରିଥିଲେ। ଏହାପରେ ୨୦୨୩ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଚମତ୍କାର ପ୍ରଦର୍ଶନ କରି ୯୩.୫ ପ୍ରତିଶତ (ଏ-୧ ଗ୍ରେଡ୍) ନମ୍ବର ସହ ପୁଣିଥରେ ନିଜର ସଫଳତା ଦୋହରାଇଥିଲେ। ସ୍କୁଲ ଶିକ୍ଷା ସମାପ୍ତ କରିବା ପରେ ସାଗ୍ରାମ ପ୍ରିନ୍ସ କଲେଜରେ +୨ ବିଜ୍ଞାନରେ ନିଜର କଠିନ ପରିଶ୍ରମ ବଳରେ ୨୦୨୫ରେ +୨ ବିଜ୍ଞାନ ପରୀକ୍ଷାରେ ୯୬ ପ୍ରତିଶତ ନମ୍ବର ରଖି ସମଗ୍ର ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସମଗ୍ର ରାଜ୍ୟରେ ପ୍ରଥମ ଦଶ ଜଣଙ୍କ ମଧ୍ୟରେ ସ୍ଥାନ ଅଧିକାର କରିଥିଲେ। ଏହାପରେ ସେ ପ୍ରିନ୍ସ ଏଣ୍ଟ୍ରାନ୍ସ କ୍ଲାସେସ୍‌ରେ ଜେଇଇ ଓ ନିଟ୍ ପାଇଁ କୋଚିଂ ନେଉଥିଲେ। ୨୦୨୬ରେ ଆୟୋଜିତ ଜେଇଇ ଆଡଭାନ୍ସରେ ସର୍ବଭାରତୀୟ ସ୍ତରରେ ୮୧୮ ସ୍ଥାନ ପାଇ ଆଇଆଇଟିରେ




**'ପ୍ରିନ୍ସ' ଛାତ୍ର ସାଗ୍ରାମଙ୍କ ଅଭୁତପୂର୍ବ ସଫଳତା**

ପଢ଼ିବା ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରିନ୍ସ କଲେଜ ଦ୍ୱାରା ୧୦ ଜଣ ପିଲାଙ୍କୁ ମାଗଣାରେ କୋଚିଂ ଦିଆଯାଉଥିଲା। ସେଥିମଧ୍ୟରୁ ୪ ଜଣ ଜେଇ ମେନ୍ ପାଇଥିବାବେଳେ ଜଣେ ଜେଇ ଆଡ଼ଭାନ୍ସ ପାଇଛନ୍ତି।ସାଗ୍ରାମଙ୍କ ଏହି ଗୌରବମୟ ସଫଳତାର ଯାତ୍ରା ପଛରେ ରହିଛି ତାଙ୍କର ଅକ୍ଳାନ୍ତ ପରିଶ୍ରମ, ଦୃଢ ସଂକଳ୍ପ, ନିଷ୍ଠା ଓ ଅଧ୍ୟବସାୟ। ଏ ଅବସରରେ ସାଗ୍ରାମ ତାଙ୍କର ଅଭିଭାବକଙ୍କ ନିରନ୍ତର ପ୍ରେରଣା ଓ ପ୍ରିନ୍ସ କଲେଜର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅଧକ୍ଷା ଜ୍ୟୋତିପୁଷ୍ପା ଦାସ, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଅଧ୍ୟାପକ-ଅଧ୍ୟାପିକାଙ୍କ କଠିନ ପରିଶ୍ରମ ଓ ସଠିକ ମାର୍ଗଦର୍ଶନକୁ ଶ୍ରେୟ ଦେଇଛନ୍ତି। ଯାହା ତାଙ୍କ ସଫଳତାର ଦୃଢ ଭିତ୍ତିଭୂମି ପାଲଟିଛି। ଏହି ଅଭୁତପୂର୍ବ ସଫଳତା ପାଇଁ ଅଞ୍ଚଳରେ ପ୍ରିନ୍ସ ଅନୁଷ୍ଠାନକୁ ଭୂୟସୀ ପ୍ରଶଂସା ସହ ଶୁଭେଚ୍ଛା ଜଣାଇଛନ୍ତି।

## ଓଜିବି ଭେଲୋରା ଶାଖାର ନୂତନ ଶାଖା ପରିଚାଳକଙ୍କ ଯୋଗଦାନ

ରାଜଘାଟ, ୨।୬ (ସମିସ): ବସ୍ତା ବ୍ଲକ୍ ଭେଲୋରାସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ୍ ଭେଲୋରା ଶାଖାରେ ନୂତନ ଶାଖା ପରିଚାଳକ ଭାବେ ଅବିନାଶ ଷଡ଼ଙ୍ଗୀ ଯୋଗଦାନ କରିଛନ୍ତି। ଶ୍ରୀ ଷଡ଼ଙ୍ଗୀ ମାର୍କୋଣା ଶାଖାରୁ ବଦଳିହୋଇ ଏଠାକୁ ଆସିଛନ୍ତି। ଏଠାରେ ଗ୍ରାହକଙ୍କର ସମସ୍ୟା ପ୍ରତି ଧ୍ୟାନ,ଶାଖାର ଉନ୍ନତି କରଣ ସହିତ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ଏବଂ ଚାଷୀ କ୍ଷୁଦ୍ର ବ୍ୟବସାୟୀଙ୍କ ପ୍ରତି ବିଶେଷ ଧ୍ୟାନ ଦେବେ ବୋଲି ପ୍ରକାଶ କରିଛନ୍ତି।

## ବ୍ୟାସକବିଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ବିରୋଧରେ ପ୍ରତିବାଦ ସଭା



ଜଳେଶ୍ୱର, ୨।୬ (ସମିସ): ଦୀନକୃଷ୍ଣ ସାହିତ୍ୟ, ସଂସ୍କୃତି ସଂସଦ, ମୁଣ୍ଡୁତୁଣିଆ, ଜଳେଶ୍ୱର ଆନୁକୂଲ୍ୟରେ ବ୍ୟାସକବି ଫକୀରମୋହନ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତି ଅଶାଳୀନ ମନ୍ତବ୍ୟର ପ୍ରତିବାଦରେ ଏକ ପ୍ରତିବାଦ ସଭା ସଂସଦର ସଭାପତି ଇନ୍ଦୁମାଧବ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗାନ୍ଧୀ ସେବାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟଜନତା ପାର୍ଟିର ରାଜ୍ୟଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡାଙ୍କ ବ୍ୟାସକବି ଫକୀର ମୋହନ ସେନାପତି ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ବିଷୟରେ ଯେଉଁ ଭଳି ମନ୍ତବ୍ୟ ପ୍ରଦାନ କରିଛନ୍ତି ତା'ର ବିରୁଦ୍ଧରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଉପସ୍ଥିତ ସଦସ୍ୟ ତଥା ବରିଷ୍ଠ ନାଗରିକମାନେ ଶ୍ରୀ ପଣ୍ଡାଙ୍କ ଏପ୍ରକାରର ଅଶାଳିନ ମନ୍ତବ୍ୟକୁ ଦୃଢ ନିନ୍ଦା କରିବା ସହିତ ତାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପ୍ରତିବାଦ ସଭା ପରେ ସଂସଦ ତରଫରୁ ଜଳେଶ୍ୱର ବିଡିଓଙ୍କ ଜରିଆରେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜଳେଶ୍ୱର ଥାନା ଅଧିକାରୀଙ୍କ ନିକଟରେ ଏକ ଏତାଲା ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ଦିଲ୍ଲୀପ କୁମାର ଗିରି, ସିତାଂଶୁ ସେନାପତି, ବିଶିଷ୍ଟ ଶିକ୍ଷାବିତ୍ ଜିତାରାମ ଦେ, ଡ. ଲଳିତ ରଂଜନ ସେନାପତି, ମନୋରଂଜନ ଦାସ, ସୁଶାନ୍ତ କୁମାର ଦାସ, ସୁନୀଲ କୁମାର ନାୟକ, କାଳି ଚରଣ ପୃଷ୍ଟି, ଗିରିଧାରୀ ବେହେରା, ପ୍ରାଣକୃଷ୍ଣ ଗିରି, ଅନନ୍ତ କୁମାର ଦତ, ବସନ୍ତ କୁମାର ଦାସ, ରବିନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସରୋଜ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ୧୫ରେ ରେମୁଣା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ



ରେମୁଣା,୨।୬ (ସମିସ): ରେମୁଣା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ଜୁନ ୧୫ ରେ ହେବ ବୋଲି ପ୍ରସ୍ତୁତି ବୈଠକରେ ଜଣାଯାଇଛି। ଆଜି ଅପରାହ୍ନ ୪ ଟା ସମୟରେ ଓଁ ନିବାସ କାର୍ଯ୍ୟାଳୟ ପରିସରରେ ମଞ୍ଚର ସଭାପତି ପ୍ରଶାନ୍ତ କୁମାର ବରାଳଙ୍କ ପୌରହିତ୍ୟରେ ମଞ୍ଚର ବାର୍ଷିକ ଉତ୍ସବ ୨୦୨୬ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମଞ୍ଚର ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ଉପରେ ଗୁରୁତ୍ୱ ଆଲୋଚନା କରାଯିବା ସହିତ ୨୦୨୬ ବାର୍ଷିକ ଉତ୍ସବର ସକାଳ ୭ଟାରେ କ୍ରୀଡା ପତାକା ଉତ୍ତଳୋନ ଓ ୮ ଟାରୁ ୯ ଟା ଭେଟ୍ରାନ ଫୁଟବଲ ଟିମର ଫୁଟବଲଖେଳ ପ୍ରଦର୍ଶନ ଓ ଅପରାହ୍ନ ୪ ଟାରେ କାର୍ଯ୍ୟାଳୟ ପରିସରରେ ବାର୍ଷିକ ସାଂସ୍କୃତିକ ସଭା ଅନୁଷ୍ଠିତ ହେବା ସହିତ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଜିର ଏହି ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି। ଏହି ବୈଠକରେ ସଂଗଠନ ସମ୍ପାଦକ ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ମୃତ୍ୟୁଞ୍ଜୟ ପ୍ରଧାନ, ଗଜେନ୍ଦ୍ର ଦାସ, ଅବନୀ ଚରଣ ପ୍ରଧାନ, ଗିରିଶ କୁମାର ଷଡ଼ଙ୍ଗୀ, ବ୍ରହ୍ମାନନ୍ଦ ଦାସ, ତପନ ଦାସ, କୃଷ୍ଣ ମୋହନ ମହାରଣା, ସନ୍ତୋଷ କୁମାର ବେହେରା, ରଘୁନାଥ ଭୋଇ, ବିଶିଷ୍ଟ ଆଇନଜିବି ରାମ ଚନ୍ଦ୍ର ପାତ୍ର, ଯୋଗେଶ ଚନ୍ଦ୍ର ବେହେରା, ଚକ୍ରଧର ଦାସ, ଶିବ ବିନ୍ଧାଣି, ସଇଦନ ବିବି, ବନବିହାରୀ ମାର୍ଣ୍ଡି, ଜଳଧର ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମଞ୍ଚର ସମ୍ପାଦକ ନିରଞ୍ଜନ ମହାରଣା ବୈଠକର ଆଭିମୁଖ୍ୟ ଉପରେ ଆଲୋଚନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବାର୍‌ରେ ଯୁବକଙ୍କୁ ପ୍ରାଣାନ୍ତକ ଆକ୍ରମଣ

ରେମୁଣା, ୨।୬ (ସମିସ) : ରେମୁଣା ଥାନା ଅନ୍ତର୍ଗତ ବାଳଗୋପାଳପୁର ପେଟ୍ରୋଲ ପମ୍ପ ସମ୍ମୁଖରେ ଥିବା ମୁଡ୍ ବାରରେ ଗତକାଲି ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତିଙ୍କୁ ଫକୀର ମୋହନ ମେଡିକାଲ କଲେଜକୁ ନିଆଯାଇଥିଲା। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ରେମୁଣା ବଜାର ହାତୀଆଗଣ୍ଡ ଛକରେ ପାନ ଦୋକାନ କରିଥିବା ବିଦ୍ୟାଧରପୁରର ରାଧାକୃଷ୍ଣ ନାୟକ (୪୦) ରବିବାର ରାତିରେ ସେହି ମୁଡ୍ ବାରକୁ ଯାଇଥିଲେ। ଅନ୍ୟ ଦୁଇ ଜଣଙ୍କ ମଧ୍ୟରେ ସେଠାରେ ବଚସା ଚାଲିଥିଲା। ରାଧାକୃଷ୍ଣ ତାଙ୍କୁ ରୋକିଥିଲେ, ମାତ୍ର ଗୋଟିଏ ଗୋଷ୍ଠୀର ଜଣେ ଯୁବକ କୁକୁଡ଼ା କାତିରେ ରାଧାକୃଷ୍ଣଙ୍କ ବେକ ଓ ମୁଣ୍ଡକୁ ଆକ୍ରମଣ କରିଥିଲା। ଗୁରତର ଅବସ୍ଥାରେ ତାଙ୍କୁ ମେଡିକାଲ କଲେଜକୁ ନିଆଯାଇଥିଲା। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ପଠାଇଛନ୍ତି। ପୁଲିସ ପହଞ୍ଚି ଆକ୍ରମଣକାରୀର ଜଣେ ସହଯୋଗୀକୁ ଅଟକ ରଖିଥିବା ବେଳେ ରେମୁଣା ପୁଲିସ ଏନେଇ କେସ ନମ୍ବର ୧୧୯/୨୬ ଆଧାରରେ ଅଧିକ ତଦନ୍ତ ସହିତ ଅପରାଧୀକୁ ଧରିବା ପାଇଁ ତନାଘନା ଜାରି ରଖିଛି। ଅନ୍ୟପକ୍ଷରେ ଧରାଯାଇଥିବା ସହଯୋଗୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଯୁବକ ଜଣକ ହେଲେ ବିଦ୍ୟାଧରପୁରର ନରେନ୍ଦ୍ର ବେହେରା।

# ଶିକ୍ଷକ ସଂଘ ପକ୍ଷରୁ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର, ୨।୬ (ସମିସ): ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷକ ସଂଘ ଅଲଓଷ୍ଟା ଜଳେଶ୍ୱର ଶାଖା ପକ୍ଷରୁ ବେଲବାରିଆ ଉପେନ୍ଦ୍ର ନାଥ ଉ.ପ୍ରା. ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଣବ କୁମାର ବ୍ରହ୍ମଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜଳେଶ୍ୱର ଶିକ୍ଷକ ଭବନ ସମ୍ମିଳନୀ କକ୍ଷରେ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପୂର୍ବତନ ଉପ ସଭାପତି ଖଗେନ୍ଦ୍ର ନାଥ ସାହୁ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ଏବିଇଓ ବନମାଳୀ ଧଳ, କପିଳେଶ୍ୱର ମହାନ୍ତି, ପ୍ରଫୁଲ୍ଲ କୁମାର ମହାନ୍ତି ତଥା ପୂର୍ବତନ ଶିକ୍ଷକ ଉମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ବ୍ରହ୍ମଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ଦୀର୍ଘ ଜୀବନ କାମନା କରି ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଜଳେଶ୍ୱର ଶାଖା ସମ୍ପାଦକ କୁମୁଦ ରଂଜନ ଜେନା ଅତିଥି ଆମନ୍ତ୍ରଣ ତଥା ପରିଚୟ ପ୍ରଦାନ କରିବା ସହିତ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ନାଥ ନାୟକ, ସୁରଂଜନ ପଟ୍ଟନାୟକ, ବ୍ରଜମୋହନ ପରିଡା ପ୍ରମୁଖ ବିଦାୟୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ଆଶୀର୍ବଚନ ଦେଇଥିଲେ। ବିଦାୟୀ ଶିକ୍ଷକ ଜଣେ ଅଦର୍ଶ ଶିକ୍ଷକ ଭାବେ ଜିଲ୍ଲା ସଂଘ ଦ୍ୱାରା ସମ୍ମାନିତ ହୋଇଥିଲେ। ଶିକ୍ଷକ ପରମାନନ୍ଦ ସେନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କାଶିନାଥ ପରିଡା, ସଂଜୟ ସାମଲ, ରାଧାରାଣୀ ଭୂୟାଁ, ଗୌରୀବାଳା ଦତ, କନ୍ୟାକୁମାରୀ ପାଳ, ଚନ୍ଦ୍ରଶେଖର ପରିଡା, ଜୟପ୍ରକାଶ ଅଣ୍ଡିଆ ପ୍ରମୁଖ ବହୁ ଶିକ୍ଷକ ଯୋଗଦେଇ ଦୀର୍ଘଜୀବନ କାମନା କରିଥିଲେ।

## ଉତ୍କଳ ସର୍ବୋଦୟ ମଣ୍ଡଳର ପ୍ରତିବାଦ




ରେମୁଣା, ୨।୬ (ସମିସ): ରାଜ୍ୟ ବିଜେପି ଯୁବ ମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ବ୍ୟାସକବି ଫକୀର ମୋହନ ସେନାପତିଙ୍କୁ "ଇଂରେଜ ମାନଙ୍କର ଦଲାଲ' ବୋଲି କହି ଅପମାନ କରିଥିବାରୁ ତାହାର ପ୍ରତିବାଦ ସ୍ୱରୂପ ବାଲେଶ୍ୱର ଜିଲ୍ଲା ରେମୁଣା ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ସଭାପତି ବିଧାନ ଚନ୍ଦ୍ର ରାୟଙ୍କ ନେତୃତ୍ୱରେ ପ୍ରଜ୍ଞା ପାରମିତା ବିଶ୍ୱାଳ, ଉର୍ମିଳା ମାଝୀ, ଚକ୍ରଧର ମହାନ୍ତି, ମହଫୁଜ ଆଲାମ, ବିଦ୍ୟୁତ ଲତା ସାହୁ, ରାଜେନ୍ଦ୍ର ଜେନା, ସରୋଜ ସାହୁ, ଡ଼. ରଜନୀ କାନ୍ତ ନାୟକ, ପ୍ରଶାନ୍ତ ଗିରି, ସୁରଜିତ ପୋଥାଳ, ପ୍ରମୁଖ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଅଭିଳାଷ ପଣ୍ଡାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ।

## କ୍ଷତାକ୍ତ ଗୋରୁର ଚିକିତ୍ସା କଲେ ସମାଜସେବୀ



ଜଳେଶ୍ୱର ବ୍ଲକ, ୨।୬ (ସମିସ) : ଆଜି ଏକ ଅଜଣା ବାଇକ ଆରୋହୀ ଜଳେଶ୍ୱର ଗଣେଶ ଟକିଜ ସାମ୍ନାରେ ଏକ ଗାଈକୁ ଧକ୍କା ଦେଇ ଫେରାର ହୋଇଯାଇଛି। ଧକ୍କା ହେବା ଫଳରେ ଗାଈଟିର ଗୋଟିଏ ଗୋଡ଼ ଭାଙ୍ଗି ଯାଇଛି। ଖବର ପାଇ ଭୋଳା ଭଣ୍ଡାରୀ ଅନ୍ନଦାତା ପରିବାରର ହରିଶଙ୍କର ପଣ୍ଡା ଏବଂ ଅମର କୁମାର ବେହେରା ପହଞ୍ଚିଥିଲେ। ହରିଶଙ୍କର ପଣ୍ଡା ତୁରନ୍ତ ପଶୁ ଚିକିତ୍ସକଙ୍କୁ ଡାକିଆଣି, ଗାଈଟିର ଚିକିତ୍ସା କରିବା ସହିତ ଗାଈର ମାଲିକଙ୍କୁ ଖୋଜି ଆଣି, ଗାଈଟି ମାଲିକଙ୍କୁ ହସ୍ତାନ୍ତର କରିବା ସହିତ ପ୍ରତ୍ୟେକ ଗୃହପାଳିତ ପଶୁ ପ୍ରତି ଧ୍ୟାନ ଦେବାପାଇଁ ବୁଝେଇଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ଚେଙ୍ଗଦା ଗାଁ

ଜଳେଶ୍ୱର,୨।୬ (ସମିସ)

ଗ୍ରାମାଞ୍ଚଳରେ ମୌଳିକ ସୁବିଧା ଉପଲବ୍ଧ ସମ୍ପର୍କରେ ସରକାର ଡିଣ୍ଡିମ ପିଟୁଥିବା ବେଳେ ବିସ୍ତବ ଚିତ୍ର କିନ୍ତୁ ଅଲଗା। ଆଧୁନିକତାର ଚାକଚକ୍ୟ ମଧ୍ୟରେ ଚାମରଗାଁ ପଞ୍ଚାୟତର ଚେଙ୍ଗଦା ଗାଁ କିନ୍ତୁ ମୌଳିକ ସୁବିଧାରୁ ବଞ୍ଚିତ ରହିଛି। ଗ୍ରାମକୁ ଖଣ୍ଡିଏ ସ୍ଥାୟୀ ପକ୍କା ସଡ଼କ ନଥିବା ବେଳେ ଶିଶୁ ମାନଙ୍କ ପୋଷଣ ଓ ପ୍ରାଥମିକ ଶିକ୍ଷା ଲାଗି ଅଙ୍ଗନବାଡ଼ି କେନ୍ଦ୍ର କିମ୍ବା ସ୍କୁଲ ଟିଏ ମଧ୍ୟ ନାହିଁ। ମୁଖ୍ୟ ରାସ୍ତାରୁ ମାତ୍ର ୨ କିଲୋମିଟର ଦୂରରେ ଥିବା ଏହି ଗ୍ରାମର ପ୍ରାୟ ସତୁରୀ ପରିବାରର ୬୦୦ରୁ ଅଧିକ ଗ୍ରାମବାସୀ କାଦୁଅ ଓ ଖାଲ ଢ଼ିପ ରାସ୍ତାରେ ଯାତାୟତରେ ଦୁରାବସ୍ଥା ଭୋଗୁଛନ୍ତି। ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ସ୍ଥାନୀୟ ନେତା ଓ ପ୍ରଶାସନିକ ଅଧିକାରୀଙ୍କୁ ବିଭିନ୍ନ ଫୋରମ୍ ରେ ଗୁହାରି କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ପ୍ରଶାସନର ଅବହେଳା ଓ ଜନ ପ୍ରତିନିଧିଙ୍କ ଦାୟିତ୍ୱହୀନତା ଯୋଗୁଁ ଏବେ



ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନେତା ଓ ଅଫିସରଙ୍କ ମିଥ୍ୟା ପ୍ରତିଶ୍ରୁତିରେ ଅତିଷ୍ଠ ହୋଇ ଚେଙ୍ଗଦା ଗ୍ରାମବାସୀ ଆସନ୍ତା ପଞ୍ଚାୟତ ନିର୍ବାଚନରେ ଭୋଟ ଦାନରୁ ବିରତ ରହିବେ ବୋଲି କୋଠର ଚେତାବନୀ ଦେଇଛନ୍ତି। ସେମାନଙ୍କ କହିବା ଅନୁସାରେ "ରାସ୍ତା ନାହିଁ ତ ଭୋଟ ନାହିଁ" ନ୍ୟାୟରେ ଜିଦ୍ ରେ ଅଟଳ ରହିବେ ବୋଲି ସୂଚନା ଦେଇଛନ୍ତି। ଗ୍ରାମ୍ୟ କମିଟି ସଭାପତି ଗିରିଜା ଶଙ୍କର ଗିରିଙ୍କ ନେତୃତ୍ୱରେ ସଞ୍ଜୟ କୁମାର ଜେନା, ମାନସ ଆଚାର୍ଯ୍ୟ, କୁଞ୍ଜବିହାରୀ ଜେନା,ରାସ ବିହାରି ଗିରି, ହୃଷୀକେଶ ଗିରି, ବଳରାମ ଗିରି, ଗୋପି ବଲ୍ଲଭ ଦାସଙ୍କ ପ୍ରମୁଖ ସମସ୍ତ ଗ୍ରାମବାସୀ ଦୃଢ଼ ନିଷ୍ପତ୍ତି ସମ୍ପର୍କରେ ପ୍ରଶାସନକୁ ଅବଗତ କରିଛନ୍ତି। ନିର୍ବାଚନ ପୂର୍ବରୁ ବିହିତ ପଦକ୍ଷେପ ନନେଲେ ଭୋଟ କେନ୍ଦ୍ରକୁ ଯିବେ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

**ଭୋଟ ବର୍ଜନ ଚେତାବନୀ**



## ■ ଆଖଣ୍ଡଳମଣି କଲେଜ

# ଗଛକଟା ବିବାଦର ତଦନ୍ତ ଦାବି

ଧୂଷୁରୀ,୨।୬(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ନେଇ ଏକ ବିବାଦୀୟ ଘଟଣା ସାମ୍ନାକୁ ଆସିଛି। ବିଦ୍ୟାଳୟ ପରିସରରେ ଥିବା ମୂଲ୍ୟବାନ ଗଛଗୁଡ଼ିକୁ କାଟି ବିକ୍ରି କରାଯାଇଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବିଦ୍ୟାଳୟ ପରିସରର ଅନେକ ଗଛକୁ କୌଣସି ସାଧାରଣ ସୂଚନା କିମ୍ବା ଅନୁମତି ବିନା କାଟି ବିକ୍ରି କରାଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଙ୍କ ଭୂମିକା ଥିବା ନେଇ ସେମାନେ ସିଧାସଳଖ ଅଭିଯୋଗ କରିଛନ୍ତି। କେବଳ ଗଛ ନୁହେଁ, ବିଦ୍ୟାଳୟର ଅନ୍ୟାନ୍ୟ ସମ୍ପତ୍ତିର ପରିଚାଳନାକୁ ନେଇ ମଧ୍ୟ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଥିବା କୁହାଯାଉଛି। ଅନ୍ୟପଟେ, ଏହି ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକଙ୍କ ପ୍ରତିକ୍ରିୟା ନିଆଯାଇଥିବା ବେଳେ ସେ କହିଛନ୍ତି କି, ମୁଁ ସେଭଳି କିଛି କରିନାହିଁ ମୋତେ ବେଶୀ ପଚାରିଲେ ତୁମମାନଙ୍କ ବିରୋଧରେ ଥାନାରେ ମାନହାନୀ ମୋକଦ୍ଦମା କରିବି। ତେବେ ଗ୍ରାମବାସୀମାନେ ଏହି ଉତ୍ତରକୁ ଗ୍ରହଣ କରିନାହାନ୍ତି ଏବଂ ସମ୍ପୂର୍ଣ୍ଣ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ବିଦ୍ୟାଳୟ ପରିସରର ଗଛ ଏବଂ ଅନ୍ୟାନ୍ୟ ସମ୍ପତ୍ତି ସରକାରୀ ସମ୍ପତ୍ତି ହୋଇଥିବାରୁ ଏହାର ସୁରକ୍ଷା ଓ ସଠିକ୍ ପରିଚାଳନା ଅତ୍ୟନ୍ତ ଜରୁରୀ। ତେଣୁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ଘଟଣାର ତଦନ୍ତ କରି ସତ୍ୟାସତ୍ୟ ଲୋକଙ୍କ ସମ୍ମୁଖରେ ଆଣିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

# ବିପୁଳ ପରିମାଣର ମଦ ଜବତ; ୨ ଗିରଫ

ଧାମନଗର,୨।୬(ସମିସ): ଧାମନଗର ପୁଲିସ ଏକ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲା ଯେ, ବାରିକପୁର ବଜାରର ଏକ ଦୋକାନରେ ଦୀର୍ଘ ଦିନ ଧରି ବେଆଇନ ଭାବେ ମଦ ମହଜୁଦ ରଖାଯାଇ ବିକ୍ରି କରାଯାଉଛି। ଧାମନଗର ଥାନା ଆଇଆଇସି ସୁଭ୍ରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ନାରାୟଣ ନାୟକଙ୍କ ନେତୃତ୍ୱରେ କନେଷ୍ଟବଳ ନୀଳମଣି ବିଳାସ ଓ ଶିବ ପ୍ରସାଦ ଦାସ ସଦଳବଳେ ରବିବାର ସନ୍ଧ୍ୟାରେ ମଦ ଦୋକାନ ଉପରେ ଚଢ଼ଉ କରିଥିଲେ। ଚଢ଼ଉବେଳେ ଦୋକାନରୁ ୧୭ ପେଟି ବିଦେଶୀ ମଦ ଓ ୫୦ ପେଟି ଆସ୍କା ଫର୍ଟି ସମେତ ମୋଟ୍ ୨୬୮ ଲିଟର ଚୋରା ମଦ ଜବତ କରାଯାଇଥିଲା। ଏହି ଘଟଣାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ଧୂଳିଗଡ଼ିଆ ଗାଁର ଉତମ ଜେନା ଏବଂ ଧାମନଗର ଥାନା ଅଧୀନ ମଞ୍ଜୁରୀଗଡ଼ିଆ ଅଞ୍ଚଳର ବଳରାମ ଜେନାଙ୍କୁ ଗିରଫ କରାଯାଇଥିଲା। ଧାମନଗର ଥାନାରେ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଏସ୍‌ଆଇ ନରେନ୍ଦ୍ର ରାଉତଙ୍କୁ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି ବୋଲି ଥାନା ଅଧିକାରୀ ଶ୍ରୀ ଦାଶ ସୂଚନା ଦେଇଛନ୍ତି। ତେବେ ଅବକାରୀ ବିଭାଗ ଚୁପ୍ ବସିଥିବାବେଳେ ଧାମନଗର ପୁଲିସର ଅଞ୍ଚଳରେ ବଢୁଥିବା ଚୋରା ମଦ କାରବାର ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନକୁ ସାଧାରଣ ଲୋକେ ସ୍ୱାଗତ କରିବା ସହ ଆଗାମୀ ଦିନରେ ଏଭଳି ଚଢ଼ଉ ଜାରି ରଖିବାକୁ ଦାବି କରାଯାଇଛି।

# ପ୍ରଧାନଶିକ୍ଷକଙ୍କ ନାମରେ ଏକାଧିକ ମାମଲା; କାର୍ଯ୍ୟାନୁଷ୍ଠାନ ଦାବି

ଧାମନଗର,୨।୬(ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ୮ ନମ୍ବର ୱାର୍ଡ ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟ ଜଗତି ଶାମପୁରର ପ୍ରଧାନଶିକ୍ଷକ ସେକ୍ ସାମସୁଦ୍ଦିନଙ୍କ ନାମରେ କିଛି ମାସ ପୂର୍ବରୁ ୨ଟି ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ପୁଣି ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ଧାମନଗର ବଜାରସାହିର ସିକନ୍ଦର ଖାଁଙ୍କ ପୁଅ ମୁନତାଜ ଖାଁ ଅଭିଯୋଗ ଅନୁସାରେ, ପ୍ରଧାନଶିକ୍ଷକ ସେକ୍ ସାମ୍‌ସୁଦ୍ଦିନ ଏବଂ ତାଙ୍କ ୫ଜଣ ସହଯୋଗୀ ସଂଘବଦ୍ଧ ଭାବେ ମୋତେ ରାସ୍ତାରୁ ଟାଣିନେଇ ବେକକୁ ଚାପି ବିଧା ଗୋଇଠା ମାରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଥାନାରେ ଅଭିଯୋଗ କରିଛନ୍ତି। ଏହି ଲିଖିତ ଅଭିଯୋଗ କ୍ରମେ ଥାନା କେସ୍ ନଂ ୨୩୯/୩୧.୫.୨୦୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଅଧିକାରୀ ଭାବେ ସୁଜିତ୍ ରାଉତଙ୍କୁ ଦାୟିତ୍ୱ ଦିଆଯାଇଛି। ପୁଲିସ ପକ୍ଷରୁ ଜିଲ୍ଲା ଏବଂ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି କରାଯିବ ବୋଲି ଆଇଆଇସି ସୁଭ୍ରଜିତ ଦାଶଙ୍କଠାରୁ ସୂଚନା ମିଳିଛି। ପ୍ରକାଶ ଥାଉକି, ଉକ୍ତ ଶିକ୍ଷକ କିଛି ଦିନ ପୂର୍ବେ ଜଣେ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ ଘଟଣାରେ ଥାନା କେସ୍ ନଂ ୧୭୪/୨୬ରେ ମାମଲା ରୁଜୁ ହୋଇ କୋର୍ଟରେ ବିଚାରାଧୀନ ରହିଥିବାବେଳେ ତଦନ୍ତ ଜାରି ରହିଛି। ସାଧାରଣରେ ପ୍ରଶ୍ନ ଯେ, ଜଣେ ସରକାରୀ ଶିକ୍ଷକ ବାରମ୍ବାର ଗଣ୍ଡଗୋଳ କରିବା ସହ ଗୁଣ୍ଡା ଲଗାଇ ଏବଂ ନିଜେ ମାରପିଟ୍ କରି କେସ୍ ଉପରେ କେସ୍ ଖାଉଛନ୍ତି ଯାହାକୁ ନେଇ ଶିକ୍ଷକ ମହଲ ଓ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ଦିଗରେ ଜିଲ୍ଲା ଓ ବ୍ଲକ୍ ଶିକ୍ଷା ବିଭାଗ ନିରପେକ୍ଷ ତଦନ୍ତ ସହିତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

**ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିକ୍ରମା ମାର୍ଗ ପାଇଁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ**

# ଥଇଥାନ ପାଇଁ ଜାଗା ମିଳି ନ ଥିବାରୁ ତୀବ୍ର ବିରୋଧ

ଭଦ୍ରକ/ଆରଡ଼ି,୨।୬(ସମିସ)

ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିକ୍ରମା ମାର୍ଗ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟ ଆସନ୍ତା ରବିବାର ଯାଏଁ ଜାରି ରହିବ ବୋଲି ମନ୍ଦିର ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ କହିଛନ୍ତି। ଉଚ୍ଛେଦ ପ୍ରାରମ୍ଭରୁ ବିସ୍ଥାପିତମାନେ ଥଇଥାନ ପାଇଁ

**ଘଟଣାସ୍ଥଳରେ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ବ୍ୟାପକ ପୁଲିସ ମୁତୟନ**

ଜମି ବଦଳରେ ଜମି ଦେବା ପାଇଁ ଦାବି କରିବା ସହ ଉଚ୍ଛେଦ ପ୍ରକ୍ରିୟା ପାଇଁ ସମୟ ଦେବାକୁ ଦାବି କରିଥିଲେ। ଏପରିକି କିଛି ସମୟ ପାଇଁ ଉଚ୍ଛେଦ କାର୍ଯ୍ୟରେ ବିଳମ୍ବ ଦେଖାଦେଇଥିଲା।

ବିଗତ ୩ ବର୍ଷ ତଳେ ପୂର୍ବ ସରକାରଙ୍କ ପକ୍ଷରୁ ବାବା ଆଖଣ୍ଡଳମଣିଙ୍କ ପୀଠର ଉନ୍ନତୀକରଣ କାର୍ଯ୍ୟ ସହ ପୀଠର



ପରିକ୍ରମା ମାର୍ଗ ନିମନ୍ତେ ୪୨ କୋଟି ଟଙ୍କା ଯୋଗାଇ ଦିଆଯାଇଥିଲା। ଉକ୍ତ ଟଙ୍କାରୁ ୧୪ କୋଟି ଟଙ୍କାରେ ସୁଉଚ୍ଚ ୪୨ ଫୁଟ୍‌ର ଶିବ ମୂର୍ତ୍ତି ସହ ଗାଡ଼ି ପାର୍କିଂ, ଶିବଗଙ୍ଗା ପୁଷ୍କରିଣୀର ଉନ୍ନତୀକରଣ କରାଯାଇଥିବା ବେଳେ ପରିକ୍ରମା ମାର୍ଗ ପାଇଁ ମନ୍ଦିର ଚତୁଃପାର୍ଶ୍ୱ ଓ ଶିବଗଙ୍ଗା ପୁଷ୍କରିଣୀ ଚତୁଃପାର୍ଶ୍ୱରୁ ୯୮ ପରିବାରଙ୍କୁ ବିସ୍ଥାପିତ ପାଇଁ ୨୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ହେଲେ ୨୦୨୪ରେ ସରକାର ବଦଳିବା ପରେ ପରିକ୍ରମା ମାର୍ଗ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ସ୍ଥାନୀୟ ଲୋକ ଓ ସେବାୟତଙ୍କ ଦାବି ପରେ ଏବେ ପରିକ୍ରମା ମାର୍ଗ ନିମନ୍ତେ ବିସ୍ଥାପିତ ପରିବାରଙ୍କ ଘର ଉଚ୍ଛେଦ ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସହ ଆସନ୍ତା ୫ ଦିନ ମଧ୍ୟରେ ସାରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ବିସ୍ଥାପିତଙ୍କୁ ସରକାରୀ ଆଇନ ଅନୁଯାୟୀ ସମସ୍ତ ପ୍ରକାର ବ୍ୟବସ୍ଥା ସହ ଥଇଥାନ ପାଇଁ ଜମି ଓ ସମୟ ଦିଆଯାଇ ନ ଥିବାରୁ ଉଚ୍ଛେଦ ଆରମ୍ଭରୁ ବିସ୍ଥାପିତଙ୍କ ବିରୋଧ ଦେଖାଦେବା ସହ ଆଉ କିଛିଦିନ ସମୟ ଦେବା ପାଇଁ ଦାବି କରିଥିଲେ ବିସ୍ଥାପିତ। ମଙ୍ଗଳବାର ଉଚ୍ଛେଦ ସମୟରେ ଜିଲ୍ଲା ପ୍ରଶାସନିକ ଅଧିକାରୀ ଉପଜିଲ୍ଲାପାଳ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଚାନ୍ଦବାଲି ତହସିଲ୍‌ଦାର ଭବତୋଷ ମଲ୍ଲିକ, ଧାମନଗର ଏସ୍‌ଡିପିଓ ଅନିରୁଦ୍ଧଙ୍କ ସହ ବ୍ୟାପକ ପୁଲିସ ମୁତୟନ ରହିଥିଲେ।

# କଟ୍‌ନୀ ଛଟ୍‌ନୀକୁ ବିରୋଧ କରି ସୋସାଇଟି ଆଗରେ ଚାଷୀଙ୍କ ବିକ୍ଷୋଭ



ବାସୁଦେବପୁର,୨।୬(ସମିସ): ଅଭାବୀ ଧାନ ବିକ୍ରି ବିବାଦ ସମାଧାନର ନାଁ ଧରୁନି। ଖରିଫ୍ ପରେ ଏବେ ରବି ଚାଷରେ କଟ୍‌ନୀ ଛଟ୍‌ନୀକୁ ବିରୋଧ କରୁଛନ୍ତି ଚାଷୀ। ମିଳିତ ଭାବେ ସୋସାଇଟି ଆଗରେ ବିକ୍ଷୋଭ କରିଛନ୍ତି। ବାସୁଦେବପୁର ବ୍ଲକ୍ ବରଣ୍ଡୁଆ ସୋସାଇଟିରେ ୪ଟି ପଞ୍ଚାୟତ ଓ ପୌରପାଳିକାର ୬ ୱାର୍ଡର ଧାନ କ୍ରୟ କରିବାକୁ ମଣ୍ଡି ଖୋଲାଯାଇଛି। ୨୯୯ ଜଣଙ୍କର ପଞ୍ଜୀକରଣ ହୋଇଥିବାବେଳେ ୨୬୭ ଜଣଙ୍କର ଯାଞ୍ଚ ହୋଇଛି। ମଣ୍ଡିରେ ଧାନ ରଖିବାକୁ ପର୍ଯ୍ୟାପ୍ତ ଗୋଦାମ ଘରର ସୁବିଧା ନ ଥିବାରୁ ଧାନ ମଣ୍ଡି ପଠାଇ ଦେଉଛନ୍ତି। ମିଲର୍ସଙ୍କ ମନମାନୀ ଯୋଗୁଁ ଇଚ୍ଛା ଅନୁସାରେ କଟ୍‌ନୀ ଛଟ୍‌ନୀ କରୁଛନ୍ତି। ଖରଫ୍ ଚାଷରେ ୧୩ ପ୍ରତିଶତ କଟ୍‌ନୀ ଛଟ୍‌ନୀ ପରେ ଏବେ ରବି ଋତୁର ୨୩ ପ୍ରତିଶତ କଟ୍‌ନୀ ଛଟ୍‌ନୀ କରୁଛନ୍ତି। ଯାହାକୁ ଚାଷୀମାନେ ତୀବ୍ର ବିରୋଧ କରୁଛନ୍ତି। ମଙ୍ଗଳବାର ବରଣ୍ଡୁଆ ସୋସାଇଟି ଆଗରେ ଚାଷୀ ବିକ୍ଷୋଭ କରିଥିଲେ। ସରକାର ମିଲର୍ସଙ୍କ ପ୍ରତି କୋହଳ ମନୋଭାବ ଓ ଉଦାସିନତା ଯୋଗୁଁ ମିଲର୍ସଙ୍କ ମନମାନୀ ଚାଲିଛି। କଟ୍‌ନୀ ଛଟ୍‌ନୀରେ ତଳୁ ଉପର ପର୍ଯ୍ୟନ୍ତ ଭାଗ ବଣ୍ଟା ଯୋଗୁଁ ଏଫ୍‌ଏକ୍ୟୁ ମାନ ଆଳରେ କଟ୍‌ନୀ ଛଟ୍‌ନୀ ଚାଲିଛି। ଦିନକୁ ଦିନ କଟ୍‌ନୀ ଛଟ୍‌ନୀ ଚାଷୀଙ୍କୁ ଅତିଷ୍ଠ କଲାଣି। ଚାଷୀ ଧାନ ଚାଷ କରିବାକୁ ମୁହଁ ଫେରାଇଲେଣି। ଆମକୁ ଆଉ ସବ୍‌ସିଡ୍ ଦରକାର ନାହିଁ। ପୁରୁଣା ମୂଲ୍ୟରେ ଧାନ କିଣି କଟ୍‌ନୀ ଛଟ୍‌ନୀ ବନ୍ଦ କର ବୋଲି କହିଥିଲେ। ପ୍ରଶାସନ ହସ୍ତକ୍ଷେପ ନ କଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବରଣ୍ଡୁଆ ସୋସାଇଟିର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ କହିଛନ୍ତି ଚାଷୀ ଓ କମିଟି ମିଲର୍ସଙ୍କ ଉପସ୍ଥିତିରେ ଏଫ୍‌ଏକ୍ୟୁର ମାନ ଚୂଡ଼ାନ୍ତ ହୋଇ ଧାନ କ୍ରୟ କରାଯାଉଛି। ମିଲର୍ କ'ଣ କରୁଛନ୍ତି ମୁଁ ଜାଣିନାହିଁ। ମୋ ପାଖକୁ ଅଭିଯୋଗ ଆସିବା ପରେ ଏଆର୍‌ସିଏସ୍‌ଙ୍କୁ ଅବଗତ କରାଇଛି।

# ୧୨ ଶିକ୍ଷକଶିକ୍ଷୟିତ୍ରୀଙ୍କ ଅବସର ଗ୍ରହଣ

ଦୋଳସାହି,୨।୬(ସମିସ): ତିହିଡ଼ି ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରୁ ୧୨ ଜଣ ଶିକ୍ଷକଶିକ୍ଷୟିତ୍ରୀ ଅବସର ଗ୍ରହଣ କରିଛନ୍ତି। ସୂଚନାନୁଯାୟୀ, ତିହିଡ଼ି ପ୍ରାଥମିକ ଶିକ୍ଷକ ସଂଗଠନ ସଭାପତି ମାୟାଧର ସାହୁ ବାମନବିନ୍ଧା ଉଚ୍ଚ ପ୍ରାଥମିକ ସ୍କୁଲରୁ, ଆଦର୍ଶ ଶିକ୍ଷକ ତଥା ସାହିତ୍ୟିକ ଦୀନରଞ୍ଜନ ପାଢ଼ୀ ବିରଞ୍ଚି ନାରାୟଣ ମଧ୍ୟ ଇଂରାଜୀ ସ୍କୁଲରୁ, ଊର୍ମିଳା ମହାନ୍ତି ଆରସା ନୋଡାଲ ହାଇସ୍କୁଲରୁ, ସବିତା ବେହୁରିଆ ବାଞ୍ଛାନିଧି ନୋଡାଲ ହାଇସ୍କୁଲ ଜୟପୁରରୁ, ରତ୍ନାକର ମଲ୍ଲିକ ଜେଡି ନୋଡାଲ ଉପରଦୁଭୁକା ସ୍କୁଲରୁ, ରାଜକିଶୋର ପଣ୍ଡା ଖରଦା ପାଟଣା ପ୍ରାଥମିକ ସ୍କୁଲରୁ, କରୁଣାକର ମଲ୍ଲିକ ଶତପଥୀସାହି ପ୍ରାଥମିକ ସ୍କୁଲରୁ, ସବିତା ପାଣି ନାୟକସାହି ପ୍ରାଥମିକ ସ୍କୁଲରୁ, ବୈଦ୍ୟନାଥ ରାଉତ ଉତରବାହା ଉଚ୍ଚ ପ୍ରାଥମିକ ସ୍କୁଲରୁ, କନକଲତା ପାଢ଼ୀ କୁମାରପୁର ପ୍ରାଥମିକ ସ୍କୁଲରୁ, ଚମ୍ପାବତି ଭୋଇ ଦୋଳସାହି ହରିଜନ ପ୍ରାଥମିକ ସ୍କୁଲରୁ ଅବସର ଗ୍ରହଣ କରିଥିବା ଜଣାଯାଇଛି। ତେବେ ଗ୍ରୀଷ୍ମ ଅବକାଶ ପରେ ଶିକ୍ଷକଶିକ୍ଷୟିତ୍ରୀ ଅଭାବ ପୂରଣ ହୋଇପାରିଲେ ଶିକ୍ଷାଦାନ କ୍ଷେତ୍ରରେ ନିଶ୍ଚିତ ସମସ୍ୟା ଦେଖାଯିବ ବୋଲି ଶିକ୍ଷାବିତ୍ ମହଲରେ ମତପ୍ରକାଶ ପାଇଛି।




# ଗଛରେ ପିଟି ହୋଇ ବାଇକ୍ ଚାଳକ ମୃତ

ଧାମନଗର,୨।୬(ସମିସ): ଧାମନଗର ଥାନା ଅଧୀନ ଦଇପୁର କେନାଲ ନିକଟରେ ସୋମବାର ଅପରାହ୍ଣରେ ଜଣେ ବାଇକ୍ ଚାଳକ ଗଛରେ ପିଟି ହୋଇ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଧାମନଗର ଏନ୍‌ଏସି ଅଧୀନ ଶାମପୁର ଗାଁର ସେକ୍ ମଞ୍ଜୁଙ୍କ ବଡ଼ ପୁଅ ସେକ୍ କାଲା(୪୫)। ସେ ହବିବ୍‌ନଗର ଗ୍ରାମରେ ରହୁଥିଲେ। ସେକ୍ କାଲା ଭଦ୍ରକରୁ ସାତଭଉଣୀ-ଚୁଡ଼ାକୁଟି ରାସ୍ତା ଦେଇ ବାଇକ୍‌ରେ ଧାମନଗର ଫେରୁଥିବାବେଳେ ଦଇପୁର କେନାଲ ନିକଟ ରାସ୍ତାକଡ଼ରେ ଥିବା ଏକ ଅର୍ଜୁନ ଗଛକୁ ଧକ୍କା ଦେଇଥିଲେ। ଫଳରେ ସେ ବାଇକ୍‌ରୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପରିବାର ଲୋକଙ୍କ ସହ ସମ୍ପର୍କୀୟମାନେ ଭଦ୍ରକ ମେଡିକାଲରେ ପହଞ୍ଚିଥିଲେ। ଧାମନଗର ପୁଲିସ ଘଟଣାର ତଦନ୍ତ କରୁଛି। ମଙ୍ଗଳବାର ଗ୍ରାମରେ ଏକ କବରସ୍ଥାନ ପରିସରରେ କବର ଦିଆଯାଇଛି। ସୋମବାର ସନ୍ଧ୍ୟାରେ ପୀରବାବାଙ୍କ ସାନ ନାତି ସୟଦ ଗୋଲାମ ଅହେମ୍ମଦ ହବିବି (ମସ୍ତାନ-ଏ ମଲ୍ଲତ) ସେକ୍ କାଲାଙ୍କ ଦୁର୍ଘଟଣା ଖବର ପାଇ ସଦଳବଳେ ତାଙ୍କ ବାସଭବନରେ ପହଞ୍ଚି ଗଭୀର ଦୁଃଖ ପ୍ରକାଶ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଓସିଏସ୍‌ରେ କୃତୀ ଅନୀତାଙ୍କୁ ସମ୍ବର୍ଦ୍ଧନା

ବାରିକପୁର,୨।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରାମଚନ୍ଦ୍ରପୁର ପଞ୍ଚାୟତ ନାରାୟଣପୁର ଗାଁର କୀର୍ତ୍ତନ ଜେନାଙ୍କ ଝିଅ ଅନୀତା ଚଳିତ ବର୍ଷ ଓସିଏସ୍ ପରୀକ୍ଷାରେ ସଫଳ ହୋଇଛନ୍ତି। ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବ୍ଲକ୍‌ର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ସମାଜସେବୀ ବଦ୍ରିନାରାୟଣ ଧଳ ଅନୀତାଙ୍କ ବାସଭବନରେ ପହଞ୍ଚି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହାଛଡ଼ା ତାଙ୍କର ପ୍ରଶାସନିକ ସେବାରେ ଉଜ୍ଜ୍ୱଳମୟ ଭବିଷ୍ୟତ ମଧ୍ୟ କାମନା କରିଛନ୍ତି। ଶ୍ରୀ ଧଳଙ୍କ ସହିତ ରାମଚନ୍ଦ୍ର ସାହୁ, ପ୍ରଦ୍ୟୁମ୍ନ ସେନାପତି, ଶିବଶଙ୍କର ମହାପାତ୍ର, ପଦ୍ମନାଭ ସାହୁ ମଧ୍ୟ ଅନୀତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।



# ୧୧୭ ମୋବାଇଲ୍ ଫେରସ୍ତ କଲା ପୁଲିସ

ଭଦ୍ରକ,୨।୬(ସମିସ): ଲୋକଙ୍କୁ ଡାକି ସେମାନଙ୍କଠାରୁ ଛିନ୍‌ତାଇ ଓ ହଜି ଯାଇଥିବା ମୋବାଇଲ୍ ଫେରାଇଲା ଭଦ୍ରକ ପୁଲିସ। ସୂଚନାଯୋଗ୍ୟ, ଭଦ୍ରକ ପୁଲିସ ପକ୍ଷରୁ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ହୋଇଯାଇଛି ମୋବାଇଲ୍ ଫେରସ୍ତ ମେଳା। ଏଥିରେ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରାଙ୍କ ସହ ପୁଲିସ୍ ପଦାଧିକାରୀମାନେ ଉପସ୍ଥିତ ରହି ଲୋକଙ୍କୁ ସେମାନଙ୍କ ଚୋରି ଓ ହଜିଯାଇଥିବା ମୋବାଇଲ୍‌କୁ ଫେରସ୍ତ କରିଛନ୍ତି। ଲୋକଙ୍କ ଅଭିଯୋଗ ଆଧାରରେ ସାଇବର ଥାନା ପୁଲିସ ଜିଲ୍ଲା ତଥା ଜିଲ୍ଲା ବାହାରେ ଚଢ଼ଉ କରି ପ୍ରାୟ ୧୧୭ଟି ମୋବାଇଲ୍ ଜବତ କରିଥିବା ଏସ୍‌ପି ଶ୍ରୀ ରାଉତ ସୂଚନା ଦେଇଛନ୍ତି। ସେହିସବୁ ମୋବାଇଲ୍‌କୁ ମଙ୍ଗଳବାର ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଫେରସ୍ତ କରାଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଛିନ୍‌ତାଇ ଓ ହଜି ଯାଇଥିବା ମୋବାଇଲ୍ ଫେରିପାଇବା ପରେ ଶୁଭସ୍ମିତା ଧଳ ଓ ଭଗବାନ ବେହେରା ପ୍ରମୁଖ ଭଦ୍ରକ ପୁଲିସକୁ ଧନ୍ୟବାଦ ଜଣାଇବା ସହିତ ଖୁସି ଜାହିର୍ କରିଛନ୍ତି। ଆଗକୁ ଏହି ଅଭିଯାନ ଭଦ୍ରକ ପୁଲିସ ଜାରି ରଖିବ ବୋଲି ଭଦ୍ରକ ଏସ୍‌ପି ଶ୍ରୀ ରାଉତ ସୂଚନା ଦେଇଛନ୍ତି।

**ଆଜି ବିଶ୍ୱ ସାଇକଲ ଦିବସ**

# ହଜିବାକୁ ବସିଥିବା ଶୂନଗାଡ଼ିର ଏବେ ଲୋଡ଼ା ପଡୁଛି

ବନ୍ତ/ଆଗରପଡ଼ା,୨।୬(ସମିସ)

- ■ ଚଳିତ ବର୍ଷର ପ୍ରସଙ୍ଗ: ସବୁଜ ଭବିଷ୍ୟତ ପାଇଁ ସାଇକଲ ଚାଳନା
- ■ ଆଉ କାଗଜ କଲମରେ ସୀମିତ ରହିବନି ବିଶ୍ୱ ସାଇକଲ ଦିବସ

ଆଧୁନିକ ଯୁଗରେ ଅନେକ ଯାନବାହନ ସୃଷ୍ଟି ହେଲାଣି ଓ ଲୋକଙ୍କ ରୁଚିରେ ମଧ୍ୟ ପରିବର୍ତ୍ତନ ଆସିଲାଣି। ସେହିସବୁ ଭିତରେ ହଜିବାକୁ ବସିଥିଲା ବିନା ପେଟ୍ରୋଲରେ ଦିଲ୍ଲୀଠାରୁ ପଲ୍ଲୀ ଯାଏଁ ବୁଲି ଆସୁଥିବା ଏକମାତ୍ର ଯାନ ସାଇକଲ। ଯାହାକୁ ଓଡ଼ିଆରେ ଶୂନ ଗାଡ଼ି ବୋଲି କୁହାଯାଇଥାଏ। ବର୍ତ୍ତମାନ ବିଶ୍ୱର ପରିସ୍ଥିତି ଓ ପରିବେଶ ସୁରକ୍ଷା ଦୃଷ୍ଟିରୁ ହଜିବାକୁ ବସିଥିବା ସାଇକଲର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ସାଇକଲ ଚଲାଇବା ଦ୍ୱାରା ଗାଡ଼ିମୋଟରରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଆଁ କମିଥାଏ, ଯାହା ବାୟୁ ପ୍ରଦୂଷଣ ରୋକିବାରେ ସାହାଯ୍ୟ କରିଥାଏ। ପ୍ରତିଦିନ ସାଇକଲ ଚଲାଇବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହେ, ହୃଦ୍‌ଘାତ ଓ ମଧୁମେହ ଭଳି ରୋଗର ଆଶଙ୍କା କମିଥାଏ। ତତ୍‌ସହିତ ସାଇକଲ ଏକ ଶସ୍ତା ଓ ସହଜ ପରିବହନର ମାଧ୍ୟମ ହୋଇଥିବାରୁ ଏହା ପେଟ୍ରୋଲ ଓ ଡିଜେଲ ଖର୍ଚ୍ଚ ବଞ୍ଚାଇଥାଏ। ଏହି ସବୁକୁ ଆଖି ଆଗରେ ରଖି ଏହି ଶୂନ ଗାଡ଼ି ବାବଦରେ ସଚେତନତା ସୃଷ୍ଟି କରିବା ଓ ସାଇକଲ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ପରିବେଶର ସୁରକ୍ଷା ନିମନ୍ତେ ୨୦୧୮ରେ ମିଳିତ ଜାତିସଂଘ ଦ୍ୱାରା ଏହି ଦିବସର ଆରମ୍ଭ ହୋଇଥିଲା ଓ ପ୍ରତିବର୍ଷ ଜୁନ୍ ୩ ତାରିଖକୁ ବିଶ୍ୱ ସାଇକଲ ଦିବସ ଭାବରେ ପାଳନ କରାଯାଉଛି।

ଚଳିତ ବିଶ୍ୱ ସାଇକଲ ଦିବସର ପ୍ରସଙ୍ଗ ହେଉଛି 'ସବୁଜ ଭବିଷ୍ୟତ ପାଇଁ ସାଇକେଲ ଚାଳନା'। ପୂର୍ବରୁ ପ୍ରତ୍ୟେକ ଘରେ ଯାତାୟାତ ପାଇଁ ଲୋକମାନେ ସାଇକଲ ଉପରେ ନିର୍ଭରଶୀଳ ଥିଲେ। କିନ୍ତୁ ସମୟ ଅନୁସାରେ ଲୋକମାନେ ଯାତାୟାତ କରିବା ପାଇଁ ସାଇକଲ ଉପରେ ଆଉ ନିର୍ଭର କରୁନାହାନ୍ତି। କେଉଁଠି କାଁ ଭାଁ ଲୋକେ ସାଇକଲ ନେଇ ବଜାରକୁ ଆସୁଥିବା ଦେଖାଯାଉଛି। ଅଧ୍ୟୟନ ପାଇଁ ସ୍କୁଲ ଓ କଲେଜକୁ ଯିବା ପାଇଁ ଏହା ପିଲାଙ୍କ ମୁଖ୍ୟ ଅଙ୍ଗ ସାଜୁଥିବାବେଳେ ବର୍ତ୍ତମାନ ସେମାନଙ୍କ ରୁଚିରେ ପରିବର୍ତ୍ତନ ଆସିଛି। ଯଦ୍ୱାରା ଏହା ପିଲାଙ୍କ ପାଇଁ ଅଲୋଡ଼ା ହୋଇପଡ଼ିଛି। ଆମ ଜେଜେବାପା ଅମଳରେ ବାହାଘର ବେଳେ ପୁଅମାନଙ୍କୁ ଯୌତୁକରେ ସାଇକଲ ଦିଆଯାଉଥିଲା। କିନ୍ତୁ ସେ ସମୟ ଚାଲିଯାଇଥିଲା ଓ ଅଲୋଡ଼ା ହୋଇପଡ଼ିଥିଲା ସାଇକଲ। ଆଧୁନିକତ୍ୱର ପରିଭାଷା ମଧ୍ୟରେ ହଜିବାକୁ ବସିଥିଲା ଏହି ସାଇକଲ। ସମୟଚକ୍ରରେ ସାଇକଲର ବ୍ୟବହାର ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଥିଲା। କିନ୍ତୁ ବର୍ତ୍ତମାନ ବିଶ୍ୱରେ ଯେଉଁ ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି ଓ ତୈଳର ଯେଉଁ ଅଭାବ ଦେଖାଦେଇଛି ସେଥିରୁ ବର୍ତ୍ତିବାର ଏକ ମାତ୍ର ଉପାୟ ବର୍ତ୍ତମାନ ପାଲଟିଛି ସାଇକଲରେ ଯାତାୟାତ କରିବା। ସେହିପରି ବିଶ୍ୱର ୫ଟି ମୁଖ୍ୟ ବ୍ୟାୟାମ ମଧ୍ୟରୁ ସାଇକଲ ଚାଳନା ଅନ୍ୟତମ ହୋଇଥିବାରୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ କିଛି ଲୋକ ସାଇକଲ ଚଲାଇଥିବା ଜଣାପଡ଼ିଛି। ସାମ୍ବାଦିକ ବିନୋଦ ଧଳସାମନ୍ତଙ୍କ କହିବା ଅନୁଯାୟୀ, ତାଙ୍କ ପାଖରେ କାର୍, ବାଇକ୍ ଆଦି ଥିବା ସତ୍ତ୍ୱେ ତାଙ୍କ ବାପା ବିଜୟ ଧଳସାମନ୍ତ ୭୫ ବର୍ଷ ବୟସରେ ମଧ୍ୟ ସାଇକଲଙ୍କୁ ତାଙ୍କ ଗମନାଗମନର ମୁଖ୍ୟ ଅଙ୍ଗ ରୂପେ ବିବେଚନା କରିଥା'ନ୍ତି।



ପ୍ରତିଦିନ ପାଖାପାଖି ୧୦ କିଲୋମିଟର ସାଇକଲ ଚଳାଇଥା'ନ୍ତି ଏବଂ ଏହି ବୟସରେ ମଧ୍ୟ ସେ ନିଜକୁ ସୁସ୍ଥ କରି ଗଢ଼ି ତୋଳିଛନ୍ତି। ତେଣୁ ଏକ ସବୁଜ ଏବଂ ସୁନ୍ଦର ଭବିଷ୍ୟତ ପାଇଁ ସମସ୍ତେ ସାଇକଲକୁ ପୁଣି ବହୁଳ ଭାବରେ ବ୍ୟବହାର କରିବାକୁ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାଇକେଲିଂ ଆସୋସିଏସନ ପକ୍ଷରୁ ଜୁନ୍ ୩ରୁ ୧୩ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ୧୨ଟି ସହରରେ ବିଶାଳ ସାଇକେଲିଂ ପ୍ରତିଯୋଗିତା ଆୟୋଜିତ ହେଉଥିବାବେଳେ ଆସନ୍ତା ୭ ତାରିଖ ଦିନ 'ସଣ୍ଡେଜ୍ ଅନ୍ ସାଇକଲ' କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ସାଧାରଣ ଲୋକଙ୍କୁ ନେଇ ସାଇକଲ ରାଇଡିଂ କାରଯିବାର ଯୋଜନା ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି।

# ସଇଜାଫର-ପାଟୁଳି ରାସ୍ତାର କଲ୍‌ଭର୍ଟ କାମ ନିମ୍ନମାନର



କୋଠାର,୨।୬(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ସଇଜାଫର୍‌ଠାରୁ ପାଟୁଳି ପର୍ଯ୍ୟନ୍ତ ଚାଲିଥିବା ରାସ୍ତାରେ କଲ୍‌ଭର୍ଟ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କଲ୍‌ଭର୍ଟ ନିର୍ମାଣରେ ନିର୍ଦ୍ଧାରିତ ମାନକ ଅନୁସରଣ କରାଯାଉ ନ ଥିବା ସହ ନିମ୍ନମାନର ବାଲି ଓ ଚିପ୍ସ ବ୍ୟବହାର ହେଉଥିବା ଅଭିଯୋଗ ଉଠିଛି। ହେଉଥିବା କଲ୍‌ଭର୍ଟ ତଳେ ୨ ଫୁଟ୍‌ର ପାଣି ଜମି ରହିଛି। ପାଣିକୁ ନିଷ୍କାସନ ନ କରି ସେହି ପାଣିରେ ଢଳେଇ କାମ ଚାଲୁଥିବା ଦେଖିବାକୁ ମିଳିଛି। ଆହୁରି ମଧ୍ୟ ସେହି ରାସ୍ତାରେ ଯିବାଆସିବା କରିବା ପାଇଁ ଏକ ବାଇପାସ୍ ରାସ୍ତା ବନାଯାଇଛି। ସେଥିରେ ଡଷ୍ଟ କି ନାଲିଗୋଡ଼ି ପଡ଼ି ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଲୋକମାନେ ଯିବାଆସିବା କରିବା ମୁସ୍କିଲ ହୋଇପଡୁଛି ବୋଲି ସେଠାକାର ବାସିନ୍ଦା ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ପୋଲ କାମ ଆରମ୍ଭ ହେଉ ହେଉ ହିଁ କେତେକ ସ୍ଥାନରେ ପଥର ଉଖୁଡ଼ି ପଡୁଥିବା ଏବଂ ପୋଲର ଗୁଣବତ୍ତା ନେଇ ପ୍ରଶ୍ନ ଉଠୁଛି। ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଉଚ୍ଚମାନର କାମ ସୁନିଶ୍ଚିତ କରିବାକୁ ସେମାନେ ଦାବି କରିଛନ୍ତି। ଏନେଇ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ନ ଥିବାବେଳେ, ଅଭିଯୋଗର ସତ୍ୟତା ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି।

**ଆଉ ୮ ଦିନ**

# ପ୍ରଥମଥର ୩ଟି ଦେଶରେ ଫିଫା ବିଶ୍ୱକପ୍



**ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ବିଶ୍ୱ ଫୁଟବଲ୍‌ର ସର୍ବଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଜୁନ ୧୧ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ମାସାଧିକ ସମୟ ଚାଲିବାକୁ ଥିବା ଏହି ଫୁଟବଲ୍ ମହାକୁମ୍ଭକୁ ଏଥର ୩ଟି ଦେଶ ଆମେରିକା, ମେକ୍ସିକୋ ଓ କାନାଡା ମିଳିତ ଭାବେ ଆୟୋଜିତ କରିବେ। ଏହି ୩ଟି ଦେଶର ୧୬ଟି ସହରରେ ବିଶ୍ୱକପ୍‌ର ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଅଂଶଗ୍ରହଣକାରୀ ୪୮ ଟି ଦେଶକୁ ୧୨ଟି ପୁଲ୍‌ରେ ବିଭକ୍ତ କରାଯାଇଛି।**

କିଂବଦନ୍ତୀ ଖେଳାଳି ଲିଓନେଲ ମେସିଙ୍କ ଆର୍ଜେଣ୍ଟିନା ଦଳ ଏଥର ଡିଫେଣ୍ଡିଂ ଚାମ୍ପିଅନ ଭାବେ ବିଶ୍ୱକପ୍‌ରେ ପ୍ରବେଶ କରିଛି। ୨୦୨୨ ସଂସ୍କରଣ ଫାଇନାଲରେ ଫ୍ରାନ୍ସକୁ ପରାସ୍ତ କରି ଆର୍ଜେଣ୍ଟିନା ଦ୍ୱିତୀୟଥର ଲାଗି ବିଶ୍ୱମୁକୁଟ ପିନ୍ଧିଥିଲା। ସେହିଭଳି ନେମାରଙ୍କ ବ୍ରାଜିଲ ରେକର୍ଡ ୬ଷ୍ଠଥର ଲାଗି ଟାଇଟଲ୍ ଜିତିବା ଲକ୍ଷ୍ୟରେ ବିଶ୍ୱକପ୍‌ରେ ପାଦ ଥାପିଛି। ଅପରପକ୍ଷରେ ଅନ୍ୟତମ ପାୱାରହାଉସ ଜର୍ମାନୀ ପଞ୍ଚମଥର ଚାମ୍ପିଅନ ହୋଇ ବ୍ରାଜିଲ ସହ ସମକକ୍ଷ ହେବାକୁ ଲକ୍ଷ୍ୟ ରଖିଛି। ତେବେ ବିଶ୍ୱକପ୍‌ର ଏହି ସଂସ୍କରଣରେ ଏକାଧିକ ଘଟଣା ପ୍ରଥମଥର ଘଟିବାକୁ ଯାଉଛି।

### ପ୍ରଥମଥର ୩ଟି ଆୟୋଜକ ଦେଶ:

ଇତିହାସରେ ପ୍ରଥମଥର ଲାଗି ଫିଫା ବିଶ୍ୱକପ୍ ଏକାଥରକେ ମିଳିତ ଭାବେ ୩ଟି ଦେଶରେ ଖେଳାଯିବ। ୧୯୩୦ରେ ଆୟୋଜିତ ପ୍ରଥମ ସଂସ୍କରଣ ଗୋଟିଏ ଦେଶ ଉରୁଗୁଏରେ ଆୟୋଜିତ ହୋଇଥିଲା। ଏହାର ୭୨ ବର୍ଷ ପରେ ଆୟୋଜିତ ୨୦୦୨ ସଂସ୍କରଣକୁ ଦୁଇଟି ଦେଶ ଜାପାନ ଓ ଦକ୍ଷିଣ କୋରିଆ ମିଳିତ ଭାବେ ଆୟୋଜନ କରିଥିଲେ। କିନ୍ତୁ ଫିଫା ବିଶ୍ୱକପ୍ ଇତିହାସରେ ପ୍ରଥମଥର ୩ଟି ଦେଶକୁ ଏଥର ଆୟୋଜନ ଅଧିକାର ମିଳିଛି। ଯଦିଓ ୧୯୯୪ ମସିହା ପରି ଏକାକୀ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ଲାଗି ଆମେରିକା ନିକଟରେ ପ୍ରଚୁର ଭିତ୍ତିଭୂମି ରହିଥିଲା, କିନ୍ତୁ କନ୍‌କାଫାଫ (କନଫେଡେରେସନ ଅଫ୍ ନର୍ଥ, ସେଣ୍ଟ୍ରାଲ ଆମେରିକା ଓ କାରବିୟାନ ଫୁଟବଲ ସଂଘ) ୨୦୧୬ରେ କାନାଡା ଓ ମେକ୍ସିକୋ ସହିତ ଏକ ମିଳିତ ବିଡ୍ ଦାଖଲ କରିଥିଲା। ୨୦୧୮ ଫିଫା କଂଗ୍ରେସରେ ମରକ୍କୋକୁ ପଛରେ ପକାଇ ଏହି ୩ଟି ଦେଶର ମିଳିତ ବିଡ୍ ବାଜିମାତ୍ କରିନେଇଥିଲା। ମେକ୍ସିକୋରେ ତୃତୀୟଥର ଲାଗି ଫିଫା ବିଶ୍ୱକପ୍ ଖେଳାଯିବ। ୧୯୭୦ ଓ ୧୯୮୬ରେ ଏହି ଦେଶ ଫିଫା ବିଶ୍ୱକପ୍ ଆୟୋଜନ କରିଥିଲା। କିନ୍ତୁ କାନାଡା ପ୍ରଥମଥର ଲାଗି ଫୁଟବଲର ଏହି ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ଆୟୋଜନ ଅଧିକାର ହାସଲ କରିଛି।

### ଭାଗନେବେ ସର୍ବାଧିକ ୪୮ ଦଳ:

ଆଗାମୀ ଫିଫା ବିଶ୍ୱକପ୍ ମଧ୍ୟ ସର୍ବାଧିକ ଅଂଶଗ୍ରହଣକାରୀ ଦଳ ଭାବେ ଆଉ ଏକ ରେକର୍ଡ କରିବାକୁ ଯାଉଛି। ଫିଫା ବିଶ୍ୱକପ୍‌ର ୯୬ ବର୍ଷ ଇତିହାସରେ ପ୍ରଥମଥର ଲାଗି ବିଶ୍ୱର ୪୮ଟି ଦେଶକୁ ନେଇ ଏହି ମହାକୁମ୍ଭ ଆୟୋଜିତ ହେବ। ୨୦୨୨ରେ କତାରରେ ଖେଳାଯାଇଥିବା ଅନ୍ତିମ ସଂସ୍କରଣରେ ୩୨ଟି ଦଳ ଭାଗନେଇଥିଲେ। ସେହିଭଳି ୧୯୯୪ରେ ଆମେରିକାରେ ଅନୁଷ୍ଠିତ ସଂସ୍କରଣଠାରୁ ଏଥର ଦୁଇଗୁଣା ଅଧିକ ଦଳ ଅଂଶଗ୍ରହଣ କରିବାର ସୁଯୋଗ ପାଇଛନ୍ତି। ୧୯୩୦ରେ ମାତ୍ର ୧୩ଟି ଦେଶକୁ ନେଇ ପ୍ରଥମ ବିଶ୍ୱକପ୍ ଖେଳାଯାଇଥିଲା। ପରବର୍ତ୍ତୀ ସମୟରେ ଏହା ବଢ଼ି ବଢ଼ି ୧୯୮୨ରେ ୨୪ ଦଳକୁ ପହଞ୍ଚିଥିଲା। ଏଥର ଅଂଶଗ୍ରହଣକାରୀ ଦେଶଙ୍କ ମଧ୍ୟରେ ଜୋର୍ଡାନ, ଉଜବେକିସ୍ତାନ, କ୍ୟୁରସାଓ ଓ କେପ୍ ଭର୍ଡ ପ୍ରଥମଥର ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। କାରିବୀୟାନ ଦେଶ ହାଇତି ୧୯୭୪ ପରେ ପ୍ରଥମଥର ଯୋଗ୍ୟତା ଅର୍ଜନ କରିଛି। ଅଧିକ ଦଳ ହେଲେ ଫିଫା ପାଇଁ ଅଧିକ ଖେଳ ଏବଂ ଟଙ୍କା ମିଳିବ। ତେଣୁ ୪୮ ଦଳର ବିଶ୍ୱକପ୍ ଆୟୋଜନ ଲାଗି ସର୍ବୋଚ୍ଚ ସଂସ୍ଥା ଫିଫା ନିଷ୍ପତ୍ତି ନେଇଥିଲା।

### ଅଧିକ ନକ୍‌ଆଉଟ୍ ରାଉଣ୍ଡ:

୩୨ ଦଳ ଫର୍ମାଟ୍‌ରେ ନକ୍‌ଆଉଟ ରାଉଣ୍ଡରେ ପ୍ରବେଶ କରିବା ପ୍ରକ୍ରିୟା ବହୁତ ସହଜ ଓ ସରଳ ଥିଲା। ଏଥିରେ ୪ଟି ଦଳକୁ ନେଇ ଗୋଟିଏ ଗ୍ରୁପ୍ କରାଯାଉଥିଲା। ମୋଟ୍ ଆଠଟି ଗ୍ରୁପ୍ ହୋଇ ମ୍ୟାଚ୍ ଖେଳାଯାଉଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଦୁଇଟି ଶ୍ରେଷ୍ଠ ଦଳ ଅର୍ଥାତ ମୋଟ୍ ୧୬ଟି ଦଳ ନକ୍‌ଆଉଟ୍ (ପ୍ରି-କ୍ୱାର୍ଟର)କୁ ଯୋଗ୍ୟତା ଅର୍ଜନ କରୁଥିଲେ। ଏଥର ବିଶ୍ୱକପ୍‌ରେ ଅଧିକ ୧୬ଟି ଦଳ ଯୋଡ଼ି ହେବା ଫଳରେ ନକଆଉଟ୍‌ର ଆକାର ଦ୍ୱିଗୁଣିତ ହୋଇ ୩୨ ହୋଇଛି। ଅର୍ଥାତ୍ ୩୨ଟି ଦଳ ନକଆଉଟକୁ ଯୋଗ୍ୟତା ଅର୍ଜନ କରିବେ। ଆଗାମୀ ବିଶ୍ୱକପ୍‌ରେ ମୋଟ୍ ୧୦୪ଟି ମ୍ୟାଚ୍ ଖେଳାଯିବ। ଯାହା ୨୦୨୨ ସଂସ୍କରଣଠାରୁ ୩୮ ଅଧିକ।

### ଅଧିକ ବିରତି: ପ୍ରତି ହାଫ୍‌ର ୨୨ ମିନିଟ୍‌ରେ ୧୮୦ ସେକେଣ୍ଡର ବ୍ରେକ୍

ଏଥର ବିଶ୍ୱକପ୍ ମଧ୍ୟ ବିରତି ଦୃଷ୍ଟିରୁ ଭିନ୍ନ ହେବାକୁ ଯାଉଛି। ସାଧାରଣତଃ ୯୦ ମିନିଟ୍ ଅବଧିର ଫୁଟ୍‌ବଲ ମ୍ୟାଚ ଦୁଇଟି ହାଫ୍‌ରେ ଖେଳାଯାଇଥାଏ। ପ୍ରଥମାର୍ଦ୍ଧ ଅର୍ଥାତ୍ ୪୫ ମିନିଟ୍ ପରେ ଖେଳାଳିଙ୍କୁ ୧୫ ମିନିଟ୍‌ର ବ୍ରେକ୍ ମିଳିଥାଏ। ଏଥର ବିଶ୍ୱକପ୍‌ରେ କିନ୍ତୁ ଏକ ନୂଆ ନିୟମ ହୋଇଛି। "ଖେଳାଳି କଲ୍ୟାଣକୁ ପ୍ରାଥମିକତା ଦେବା' ପାଇଁ ପ୍ରତି ହାଫ୍‌ର ୨୨ ମିନିଟ୍‌ରେ ଏକ ୩ ମିନିଟ୍ (୧୮୦ ସେକେଣ୍ଡ)ର ବିରତି ରହିବ। ଯେହେତୁ ଆଗାମୀ ବିଶ୍ୱକପ୍ ଗ୍ରୀଷ୍ମଋତୁରେ ଖେଳାଯାଉଛି ତେଣୁ ଫିଫା ଗତ ଡିସେମ୍ବରରେ ଏହି ୩ ମିନିଟ୍ ଅବଧି ବିଶିଷ୍ଟ 'ହାଇଡ୍ରେସନ ବ୍ରେକ' ଘୋଷଣା କରିଥିଲା।




ଫଳରେ ଖେଳାଳିମାନେ ଏହି ବିଶ୍ୱକପ୍‌ର ପ୍ରତି ହାଫ୍‌ର ୨୨ ମିନିଟ୍‌ରେ ଏକ ବ୍ରେକ୍ ପାଇବେ। ଫିଫାର ଏହି ନିଷ୍ପତ୍ତି ପ୍ରସାରଣକାରୀ ଅଂଶୀଦାରମାନଙ୍କୁ ଅଧିକ ବିଜ୍ଞାପନ ଚଲାଇବାର ସୁଯୋଗ ମଧ୍ୟ ଦେଇଛି।

### ଅଧିକ ଭିଏଆର:

ଏଥର ଫିଫା ବିଶ୍ୱକପ୍‌ରେ ଅଧିକ ଭିଡିଓ ଆସିଷ୍ଟ ରିପ୍ଲେ (ଭିଏଆର)ର ମଧ୍ୟ ବ୍ୟବସ୍ଥା ହୋଇଛି। ଚାରିବର୍ଷ ପୂର୍ବେ ସମ୍ଭାବ୍ୟ ହ୍ୟାଣ୍ଡବଲ, ପେନାଲ୍ଟି କିକ୍ ଆଦିକୁ ନେଇ ରେଫରୀ ଭିଏଆର୍ ଆବେଦନ କରୁଥିଲେ। ୨୦୨୬ ବିଶ୍ୱକପରେ ଖେଳର ସମୀକ୍ଷାକୁ ଆହୁରି ଅଧିକଥର ପୁନଃପ୍ଲେ କରିବାର କ୍ଷମତା ରେଫରିଙ୍କୁ ଦିଆଯାଇଛି। ଅର୍ଥାତ୍ ଏଥର ହ୍ୟାଣ୍ଡବଲ୍ ଓ ପେନାଲ୍ଟି କିକ୍ ବ୍ୟତୀତ ରିପ୍ଲେ ଅଧିକାରୀମାନେ କର୍ଣ୍ଣର କିମ୍ବା ଗୋଲ କିକ୍ ପାଇଁ ଡାକ ସଠିକ୍ ଅଛି କି ନାହିଁ ତାହା ଯାଞ୍ଚ କରିପାରିବେ।

## ବାହୁତୁଲେ ଭାରତର ସ୍ପିନ୍ ବୋଲିଂ କୋଚ୍



ଚଣ୍ଡିଗଡ,୨।୬(ଏଜେନ୍ସି): ଲେଗ୍ ସ୍ପିନର ସାଇରାଜ ବାହୁତୁଲେଙ୍କୁ ଦ୍ୱିତୀୟଥର ଲାଗି ଭାରତୀୟ କ୍ରିକେଟ ଦଳର ସ୍ପିନ୍ ବୋଲିଂ କୋଚ୍ ନିଯୁକ୍ତ କରାଯାଇଛି। ମୁଲାନପୁରରେ ଆଫଗାନିସ୍ତାନ ସହ ଜୁନ୍ ୬ରୁ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ପୂର୍ବରୁ ସେ ଭାରତୀୟ ଦଳ ସହ ଯୋଗଦେବେ। ପୂର୍ବରୁ ରାହୁଲ ଦ୍ରାବିଡ୍ ହେଡ୍ କୋଚ୍ ଥିଲାବେଳେ ବାହୁତୁଲେଙ୍କୁ ସ୍ପିନ୍ ବୋଲିଂ କୋଚ୍ ଦାୟିତ୍ୱ ମିଳିଥିଲା। ପୂର୍ବରୁ ସେ ଏକାଧିକ ରାଜ୍ୟ ଦଳର ହେଡ୍ କୋଚ୍, ଭାରତ-ଏ' ଦଳର କୋଚ୍ ଦାୟିତ୍ୱ ତୁଲାଇବା ପରେ ନିକଟରେ ପଞ୍ଜାବ କିଙ୍ଗସରେ ସ୍ପିନ୍ ବୋଲିଂ କୋଚ୍ ଭାବେ କାମ କରିଥିଲେ। ୫୩ବର୍ଷୀୟ ବାହୁତୁଲେଙ୍କର କ୍ରିକେଟ ଖେଳ ଉପରେ ୨୦ ବର୍ଷର ଅଭିଜ୍ଞତା ରହିଛି।

## ବେଙ୍ଗାଲୁରୁରେ ହାର୍ଦ୍ଦିକ ପାଣ୍ଡ୍ୟା

ଚଣ୍ଡିଗଡ,୨।୬(ଏଜେନ୍ସି): ଆଫଗାନିସ୍ତାନ ସହ ଭାରତ ଜୁନ ୧୩, ୧୭ ଓ ୨୦ରେ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ଲାଗି ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଘୋଷିତ ଭାରତୀୟ ଦଳରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଓପନର ରୋହିତ ଶର୍ମାଙ୍କୁ ସ୍ଥାନ ଦିଆଯାଇଛି। ମନୋନୟନକାରୀଙ୍କ ଅନୁଯାୟୀ ଏମାନେ ମ୍ୟାଚ୍ ଫିଟ୍ ନାହାନ୍ତି। ଏଥିଲାଗି ସେମାନଙ୍କୁ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଚିକିତ୍ସା ହେବା ଲାଗି ପରାମର୍ଶ ଦିଆଯାଇଛି। ହାର୍ଦ୍ଦିକ ପାଣ୍ଡ୍ୟା ଆଜି ଏଠାରେ ଯୋଗଦେଇଛନ୍ତି। କିନ୍ତୁ ରୋହିତ ଶର୍ମା କେବେ ଆସିବେ ତାହା ଜଣାପଡ଼ିନାହିଁ। ଏମାନେ ଫିଟ୍ ଘୋଷିତ ହେଲେ ଦିନିକିଆ ମ୍ୟାଚ୍‌ରେ ଖେଳିବେ।

**ଦିନିକିଆ ଦଳ:** ଶୁବମନ ଗିଲ୍ (ଅଧିନାୟକ), ଶ୍ରେୟସ ଆୟର (ଉପଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଲୋକେଶ ରାହୁଲ (ୱିକେଟକିପର), ଇଶାନ କିଶାନ (ୱିକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ପ୍ରିନ୍ସ ଯାଦବ, ଗୁରନୁର ବ୍ରାର ଓ ହର୍ଷ ଦୁବେ।

## ଆଇପିଏଲ୍-୨୦ର ପ୍ରଥମ ମ୍ୟାଚରୁ ଟିମ୍ ଡେଭିଡ୍ ବାସନ୍ଦ

ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ଆଇପିଏଲ୍ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ବ୍ୟାଟର ଟିମ୍ ଡେଭିଡଙ୍କୁ ବଡ଼ ଝଟକା ଲାଗିଛି। ଆଇପିଏଲ୍‌ର ଆଗାମୀ ସିଜନ ଅର୍ଥାତ୍ ୨୦ତମ ସଂସ୍କରଣରେ ଏହି ଅଷ୍ଟ୍ରେଲୀୟ କ୍ରିକେଟର୍‌ଙ୍କୁ ପ୍ରଥମ ମ୍ୟାଚରୁ ବାସନ୍ଦ କରାଯାଇଛି। ଗତ ରବିବାର ଅହମ୍ମଦାବାଦରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଡେଭିଡ୍ ଅମ୍ପାୟରଙ୍କ ପ୍ରତି ଖରାପ ଆଚରଣ ପ୍ରଦର୍ଶନ କରିଥିଲେ। ଯେଉଁଥି ପାଇଁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ଫାଇନାଲ ମ୍ୟାଚରେ ଗୁଜରାଟ ଇନିଂସର ୧୦ମ ଓଭରରେ ଏକ ଅଘଟଣ ଘଟିଥିଲା। ଯେଉଁଥିରେ ଡେଭିଡ୍ ଆକ୍ରମଣାତ୍ମକ ଭାବରେ ଏକ ବରଫ ବ୍ୟାଗ୍ ଅମ୍ପାୟର ନୀତିନ ମେନନଙ୍କ ଆଡ଼କୁ ଫିଙ୍ଗିଥିଲେ। ଏଥିଲାଗି ଆଇପିଏଲ୍ ପକ୍ଷରୁ ତାଙ୍କୁ ମ୍ୟାଚ୍ ପାଉଣାର ୫୦ ପ୍ରତିଶତ ଜରିମାନା ହୋଇଛି। ଏଥିସହ ଦୁଇଟି ଡିମେରିଟ୍ ପଏଣ୍ଟ ମଧ୍ୟ ମିଳିଛି। ଯେଉଁଠାରେ ସେ "ଅମ୍ପାୟର ନୀତିନ ମେନନଙ୍କ ଆଡ଼କୁ ଆକ୍ରମଣାତ୍ମକ ଭାବରେ ଏକ ବରଫ ବ୍ୟାଗ୍ ଫିଙ୍ଗିଥିଲେ। ଗତ ଆଇପିଏଲ୍‌ରେ ଏହା ଡେଭିଡଙ୍କ ତୃତୀୟ ଲେଭଲ୍-୧ ଅପରାଧ ଥିଲା। ପୂର୍ବରୁ କରିଥିବା ଭୁଲ ଲାଗି ତାଙ୍କୁ ୩ଟି ଡିମେରିଟ୍ ପଏଣ୍ଟ ମିଳିଥିଲା। ଫଳରେ ଆଇପିଏଲ୍‌ରେ ଏଥର ଡେଭିଡ୍‌ଙ୍କ ମୋଟ୍ ଡିମେରିଟ୍ ପଏଣ୍ଟ ୫ରେ ପହଞ୍ଚିଛି। ଯାହା ଫଳରେ ନିୟମ ଅନୁଯାୟୀ ସେ ସ୍ୱତଃ ଗୋଟିଏ ମ୍ୟାଚରୁ ବାସନ୍ଦ ହୋଇଛନ୍ତି। ଏଥର ଆଇପିଏଲ୍ ଶେଷ ହୋଇଯାଇଥିବାରୁ ପରବର୍ତ୍ତୀ ସଂସ୍କରଣରେ ଡେଭିଡ ଖେଳିବାକୁ ଥିବା ପ୍ରଥମ ମ୍ୟାଚରୁ ବାସନ୍ଦ ହୋଇଛନ୍ତି।




● ଇଣ୍ଡୋନେସିଆ ଓପନ୍

## ସିନ୍ଧୁ ଆଗେଇଲେ; ଶ୍ରୀକାନ୍ତ ଓ ମାଳବିକା ବିଦା

ଜାକର୍ତ୍ତା, ୨।୬ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଏଠାରେ ଚାଲିଥିବା ୧୩ କୋଟି ୮୦ ଲକ୍ଷ ପୁରସ୍କାର ବିଶିଷ୍ଟ ଇଣ୍ଡୋନେସିଆ ଓପନ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ସିନ୍ଧୁ ୨୫-୨୩, ୨୧-୧୬ ଗେମରେ ଥାଇଲାଣ୍ଡର ବୁସାନାନ ଓଙ୍ଗବାମରୁଙ୍ଗଫାନଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ସିନ୍ଧୁଙ୍କୁ ମାତ୍ର ୫୧ ମିନିଟ୍ ସମୟ ଲାଗିଥିଲା। ତେବେ ମହିଳା ବିଭାଗରେ ଅନ୍ୟ ଏକ ମ୍ୟାଚରେ ମାଳବିକା ବଂଶୋଦଙ୍କୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ଥାଇଲାଣ୍ଡର ପ୍ରୋନପାୱି ଚୋଚୁୱଙ୍ଗଙ୍କଠାରୁ ୨୧-୧୨, ୨୧-୧୦ ଗେମରେ ହାରି ମାଳବିକା ବିଦାୟ ନେଇଛନ୍ତି। ପୁରୁଷ ବିଭାଗରେ ମଧ୍ୟ ବିଶ୍ୱର ପୂର୍ବତନ ଏକ ନମ୍ବର ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ପରାଜୟ ସହ ଅଭିଯାନ ଶେଷ କରିଛନ୍ତି। ଶ୍ରୀକାନ୍ତ ୧୯-୨୧, ୧୫-୨୧ ସିଧାସଳଖ ଗେମରେ ଜାପାନର ୟୁଶି ତାନାକାଙ୍କ ନିକଟରୁ ହାରିଯାଇଛନ୍ତି।

**ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ୬ରୁ**

## ଭାରତୀୟ ଦଳର ଅଭ୍ୟାସ

ଚଣ୍ଡିଗଡ,୨।୬(ଏଜେନ୍ସି)

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏକମାତ୍ର ଟେଷ୍ଟ ମୁକାବିଲା ମୁଲାନପୁରର ହାଇସ୍କୋରିଂ ପିଚ୍‌ରେ ଆସନ୍ତା ୬ ତାରିଖରୁ ଆରମ୍ଭ ହେବ। ଏହି ଟେଷ୍ଟ ଲାଗି ଉଭୟ ଭାରତ ଓ ଆଫଗାନିସ୍ତାନ ଦଳର କିଛି ଖେଳାଳି ମୁଲାନପୁରରେ ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ସେମାନଙ୍କ ମଧ୍ୟରେ ଋଷଭ ପନ୍ତ ଅନ୍ୟତମ। ଏଠାରେ ସେ ଅନ୍ୟ ଖେଳାଳିମାନେ ଅଭ୍ୟାସ କରିଥିଲେ। ଆସନ୍ତାକାଲି ସକାଳ ୯ଟା ୩୦ରୁ ୧୨ଟା ୩୦ ଯାଏ ଆଫଗାନିସ୍ତାନ ଓ ଅପରାହ୍ନ ୧ଟା୩୦ରୁ ୪ଟା ୩୦ ଯାଏ ଭାରତୀୟ ଦଳ ଅଭ୍ୟାସ କରିବ। ଆସନ୍ତାକାଲି ସୁଦ୍ଧା ଏହି ଟେଷ୍ଟ ଲାଗି ମନୋନୀତ ସମସ୍ତ ଭାରତୀୟ ଖେଳାଳି ପହଞ୍ଚିବେ। ଆଫଗାନିସ୍ତାନ ଦଳର ସମସ୍ତ ଖେଳାଳି ପହଞ୍ଚିସାରିଛନ୍ତି।



### ନବି, ପ୍ରିନ୍ସ ନେଟ ବୋଲର

ଏହି ଟେଷ୍ଟ ଲାଗି ଅଭ୍ୟାସ କରିବା ଲାଗି ୬ଜଣ ଖେଳାଳିଙ୍କୁ ବିସିସିଆଇ ନେଟ୍ ବୋଲର ଭାବେ ନିଯୁକ୍ତ କରିଛି। ସେମାନେ ହେଲେ ଗୁରଜାନପ୍ରୀତ୍ ସିଂହ, ଆକ୍ୱିବ୍ ନବି, ପ୍ରିନ୍ସ ଯାଦବ, ସାଂରାଂଶ ଜୈନ, ଜୀଶାନ ଆନସାରୀ ଓ ଶିବାଙ୍ଗ କୁମାର। ଭାରତୀୟ ବ୍ୟାଟରଙ୍କୁ ଟେଷ୍ଟ ପ୍ରସ୍ତୁତିରେ ଏମାନେ ସହାୟତା କରିବେ।

**ଟେଷ୍ଟ ଦଳ:** ଶୁବମନ ଗିଲ୍ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ୍, ଲୋକେଶ ରାହୁଲ (ଉପଅଧିନାୟକ), ସାଇ ସୁଦର୍ଶନ, ଋଷଭ ପନ୍ତ (ୱିକେଟକିପର), ଦେବଦତ୍ତ ପାଡିକଲ, ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ମାନବ ସୂତାର, ଗୁରନୁର ବ୍ରାର, ହର୍ଷ ଦୁବେ, ଧ୍ରୁବ ଜୁରେଲ।

**ଓଡ଼ିଶା ମହିଳା ଲିଗ୍ ଫୁଟବଲ**

## ଓଡ଼ିଶା ପୁଲିସ, କିଟ୍/କିସ୍‌ର ବିଜୟ

ଭୁବନେଶ୍ୱର,୨।୬(ସମିସ): ଆଜି ଏଠାରେ ଅନୁଷ୍ଠିତ ଓଡ଼ିଶା ମହିଳା ଲିଗ୍ ଫୁଟବଲ୍‌ରେ ୨ଟି ମ୍ୟାଚ୍ ଆୟୋଜିତ ହୋଇଯାଇଛି। ଏହା ମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପୁଲିସ୍ ୪-୦ ଗୋଲରେ ଯୋଡାର ଟାଟା ଷ୍ଟିଲ୍ ଫାଉଣ୍ଡେସନକୁ ଓ ଦ୍ୱିତୀୟ ମ୍ୟାଚ୍‌ରେ କିଟ୍/କିସ୍ ୨-୧ ଗୋଲରେ ୟଙ୍ଗ୍ ଆସୋସିଏସନ କ୍ଲବ୍‌କୁ ପରାସ୍ତ କରିଛି। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପୁଲିସ୍ ପକ୍ଷରୁ ମାଳତୀ ମୁଣ୍ଡା ୨ଟି, ସସ୍ମିତା ତନ୍ତୀ ଓ ସଙ୍ଗୀତା ଖାଡିଆ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। କ୍ୟାପିଟାଲ ଫୁଟବଲ ଆରେନାରେ ଖେଳାଯାଇଥିବା ଏହି ମୁକାବିଲାର ପ୍ରଥମାର୍ଦ୍ଧ ସୁଦ୍ଧା ପୁଲିସ୍ ଦଳ ୩-୦ ଗୋଲରେ ଆଗୁଆ ରହିଥିଲା। ପରାଜିତ ଦଳ କୌଣସି ଗୋଲ ସ୍କୋର କରିପାରି ନ ଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କିଟ୍/କିସ୍ ପକ୍ଷରୁ ଅଙ୍କିତା ନାୟକ ଓ ଜ୍ୟୋତ୍ସ୍ନା ମୁଣ୍ଡାରୀ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପରାଜିତ ୟଙ୍ଗ୍ ଆସୋସିଏସନ ପକ୍ଷରୁ ପୁଷ୍ପା କିଶାନ ଗୋଟିଏ ଗୋଲ ଶୁଝାଇଥିଲେ।



■ ନେସନ୍ସ କପ୍ ମହିଳା ହକି

## ଓଡ଼ିଶାରୁ ସୁନେଲିତା ସାମିଲ

ନୂଆଦିଲ୍ଲୀ, ୨।୬ (ଏଜେନ୍ସି): ଆଗାମୀ ଏଫ୍ଆଇଏଚ୍ ନେସନ୍ସ କପ୍ ମହିଳା ହକି ଟୁର୍ଣ୍ଣାମେଣ୍ଟ ଲାଗି ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ସାଲିମା ଟେଟେ ଘୋଷିତ ୨୦ ଜଣିଆ ଦଳର ନେତୃତ୍ୱ ଭାର ବଜାୟ ରଖିଛନ୍ତି। ସେହିଭଳି ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ଯୁବ ମଧ୍ୟଭାଗ ଖେଳାଳି ସୁନେଲିତା ଟପ୍ପୋଙ୍କୁ ସ୍ଥାନ ମିଳିଛି। ଦଳରେ



ଦୁଇଜଣ ଗୋଲ୍‌ରକ୍ଷକ ସବିତା ଓ ବିଚ୍ଛୁଦେବୀଙ୍କୁ ନିଆଯାଇଛି। ଜୁନ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡ ସହରରେ ଏଫ୍ଆଇଏଚ୍ ନେସନ୍ସ କପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ପୁଲ୍-ଏ'ରେ ଜାପାନ, ଆମେରିକା ଓ ଉରୁଗୁଏ ସହ ସ୍ଥାନ ପାଇଛି। ସେହିଭଳି ପୁଲ୍-ବି'ରେ ଆୟୋଜକ ନ୍ୟୁଜିଲାଣ୍ଡ ସହ ଚିଲି, କୋରିଆ ଓ ଫ୍ରାନ୍ସ ଦଳ ରହିଛି। ଉଦ୍‌ଘାଟନୀ ଦିବସରେ ଆମେରିକା ସହ ଖେଳି ଭାରତୀୟ ମହିଳା ହକି ଦଳ ଅଭିଯାନ ଆରମ୍ଭ କରିବ। ଏହାପରେ ଜୁନ ୧୬ରେ ଜାପାନ ଓ ୧୮ ରେ ଉରୁଗୁଏକୁ ଭେଟିବ ଭାରତ। ନେସନ୍ସ କପ୍ ପୂର୍ବରୁ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ। ଯେଉଁଠାରେ ଘରୋଇ ଦଳ ସହ ଏକ ୪ ମ୍ୟାଚ୍‌ବିଶିଷ୍ଟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

## ଏସିଆ କପ୍ ହକିରେ ଭାରତୀୟ ପୁରୁଷ ଦଳର ବିଜୟ

ନୂଆଦିଲ୍ଲୀ,୨।୬(ଏଜେନ୍ସି): ଦକ୍ଷିଣ କୋରିଆକୁ ୪-୧ ଗୋଲରେ ହରାଇ ଜାପାନରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ହକିରେ ଭାରତୀୟ ପୁରୁଷ ଦଳ ଦ୍ୱିତୀୟ ବିଜୟ ହାସଲ କରିଛି। ଏହା ଫଳରେ ଗ୍ରୁପ୍‌ରେ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଜାପାନ ଓ ଦକ୍ଷିଣ କୋରିଆ ସହ ଭାରତର ପଏଣ୍ଟ ସଂଖ୍ୟା ସମାନ ରହିଛି। ଅନ୍ୟପକ୍ଷରେ ଆସନ୍ତାକାଲି ଝଡ଼ବାତ୍ୟା ହେବାର ଆଶଙ୍କା ଥିବାରୁ ମହିଳା ଦଳର ପରବର୍ତ୍ତୀ ମ୍ୟାଚ୍ ଜୁନ୍ ୩ରେ ଖେଳାଯିବ।

## ଫ୍ରେଞ୍ଚ୍ ଓପନରୁ ଭିଟୋଲିନା ବିଦା; ସେମିରେ ଆନ୍ଦ୍ରିଭା-କୋଷ୍ଟ୍ୟୁକ୍

ପ୍ୟାରିସ୍,୨।୬(ଏଜେନ୍ସି)

ବିଶ୍ୱର ଅନ୍ୟତମ ଖାତନାମା ଖେଳାଳି ତଥା ୭ମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନା ଏଠାରେ ଚାଲିଥିବା ଫ୍ରେଞ୍ଚଓପନ ଟେନିସ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ସେ ୧୫ତମ ସିଡ୍ ତଥା ନିଜ ଦେଶର ମାର୍ତ୍ତା କୋଷ୍ଟ୍ୟୁକଙ୍କଠାରୁ ୩-୬, ୬-୨, ୨-୬ ସେଟ୍‌ରେ ପରାଜିତ ହୋଇଥିଲେ। ଏହା ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ରୁଷିଆର ମାରିଆ ଆନ୍ଦ୍ରିଭା ଫର୍ମରେ ଥିବା ରୋମାନିଆର ସୋରାନା କ୍ରିଷ୍ଟିଆଙ୍କୁ ୬-୦, ୬-୩ରେ ପରାସ୍ତ କରି ପ୍ରଥମ ଖେଳାଳିଭାବେ ସେମିଫାଇନାଲରେ ପ୍ରବେଶ କରିଥିଲେ। ୮ମ ସିଡ୍ ଆନ୍ଦ୍ରିଭାଙ୍କୁ ଏହି ମ୍ୟାଚ୍ ଜିତିବାକୁ ଏକଘଣ୍ଟାରୁ କମ୍ ସମୟ ଲାଗିଥିଲା। ଏହି ବିଜୟ ଫଳରେ ମହିଳା ଏକକ ପ୍ରଥମ ସେମିଫାଇନାଲ୍‌ରେ ୮ମ ସିଡ୍ ଆନ୍ଦ୍ରିଭାଙ୍କ ସହ ୭ମ ସିଡ୍ ୟୁକ୍ରେନର କୋଷ୍ଟ୍ୟୁକଙ୍କର ମୁକାବିଲା ହେବ। ଉଭୟ ଦେଶ ମଧ୍ୟରେ ଯୁଦ୍ଧ ଲାଗିଥିଲାବେଳେ ଏହି ମୁକାବିଲା ଉପରେ ସମସ୍ତଙ୍କ ନଜର ରହିବ।

ଅନ୍ୟପକ୍ଷରେ ଆସନ୍ତାକାଲି ଖେଳାଯିବାକୁ ଥିବା ମହିଳା ଏକକର ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ ନଂ-୧ ସିଡ୍ ବେଲାରୁଷର ଆରିନା ସାବାଲେଙ୍କାଙ୍କ ସହ ରୁଷିଆର ଡାଏନା ସାଣ୍ଡରଙ୍କର ଏବଂ ଫ୍ରାନ୍ସୀ ମାଜା ଚାୱଲନିସ୍କାଙ୍କ ସହ ଆନ୍ନା କାଲିନସ୍କାୟାଙ୍କର ମୁକାବିଲା ହେବ।





### ସେମିରେ ଜ୍ୱେରେଭ

ଦ୍ୱିତୀୟ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ ୩-୦ ସେଟ୍‌ରେ ୨୭ ନମ୍ବର ସିଡ୍ ସ୍ପେନ୍‌ର ରାଫେଲ ଜୋଡରଙ୍କୁ ହରାଇ ପୁରୁଷ ବିଭାଗ ଏକକ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ସେ ୭-୬, ୭-୧, ୭-୩ ସେଟ୍‌ରେ ଜୋଡରଙ୍କୁ ପରାସ୍ତ କରିଥିଲେ। ଆଜି ରାତିରେ ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାର୍ଟରରେ ଜ୍ୟାକବ ମେନ୍‌ସିକ୍‌ଙ୍କ ସହ ବ୍ରାଜିଲ୍‌ର ଜୋଆଓ ଫୋନସେକାଙ୍କୁ ଭେଟିବେ। ଏହି ମ୍ୟାଚ୍‌ର ବିଜେତା ସହ ଜ୍ୱେରେଭ ପ୍ରଥମ ସେମିରେ ଖେଳିବେ। ପୁରୁଷ ଯୁଗଳ ବିଭାଗରେ ଭାରତର ଏନ୍ ଶ୍ରୀରାମ ବାଲାଜୀ ଓ ମାର୍ସେଲୋ ଡେମୋଲିନ୍‌ଙ୍କ ଯୋଡି କ୍ୱାର୍ଟରରେ ପ୍ରବେଶ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS